


୫ ୱିକେଟ୍ ନେଇ ଇତିହାସ ରଚିଲେ ବୁମ୍ରା
ପୃଷ୍ଠା ୭



Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17


# ସଂଚାର
THE SANCHAR


ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 262| ଭାଗ ୩୨ | ସଂଖ୍ୟା୨୬୨ | Bhubaneswar | Monday 16 December 2024 | Page 8 Rs. 4.00 | ଭୁବନେଶ୍ୱର ସୋମବାର ୧୬ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# କର୍ମୀଙ୍କୁ ଧୋକା ଦେଲେ ନବୀନ

### ଖଣ୍ଡଗିରି ପାହାଡ଼ ତଳଠୁ ବଳିଗଲା ନବୀନ ନିବାସ
### ଯୁଦ୍ଧ ଡାକରା ଦେଇ ଆତ୍ମସମର୍ପଣ



୯.୧୨.୨୦୨୪

**ଭୁବନେଶ୍ୱର,୧୫।୧୨ (ସଂଚାର ବ୍ୟୁରୋ):** ନେତା ଓ କର୍ମୀଙ୍କୁ ଧୋକା ଦେଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। କେନ୍ଦ୍ର ବିରୋଧରେ ମାଲକାନଗିରିରୁ ଦିଲ୍ଲୀ ପର୍ଯ୍ୟନ୍ତ ଯୁଦ୍ଧଂଦେହୀ ଡାକରାର ୨୪ ଘଣ୍ଟା ନପୁରୁଣୁ କେନ୍ଦ୍ର ନିକଟରେ ଆତ୍ମସମର୍ପଣ ଭଳି ରାଜ୍ୟସଭା ଅଧ୍ୟକ୍ଷ ଜଗଦୀଶ ଧନକଡଙ୍କ ବିରୋଧରେ ଅନାସ୍ଥାପ୍ରସ୍ତାବକୁ ସମର୍ଥନ କରିବ ନାହିଁ ବୋଲି ବିଜେଡି ସାଂସଦ ଘୋଷଣା କରିଛନ୍ତି। ଏହା ପୂର୍ବରୁ ମଧ୍ୟ ଧନକଡଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପୂର୍ବରୁ ବିଜେଡି ସାଂସଦମାନେ ତାଙ୍କୁ ବ୍ୟକ୍ତିଗତ ଭାବେ ଭେଟି ଭିତିରିଆ ସମର୍ଥନ ଦେଇ ଆସିଥିଲେ।

ରାଜ୍ୟ ସ୍ୱାର୍ଥ ପାଇଁ ଲଢେଇ କରିବ କହୁଥିବା ବିଜେଡିର ରାଜନୈତିକ ଆଭିମୁଖ୍ୟକୁ ନେଇ ସନ୍ଦେହରେ ନେତା ଓ କର୍ମୀ। ଗୋଟେପଟେ ଦଳର ମୁଖିଆ କହୁଛନ୍ତି କେନ୍ଦ୍ର ବିରୋଧରେ ଜୋରଦାର ଲଢେଇ ହେବ। ଅନ୍ୟପଟେ କିଛି ସ୍ୱାର୍ଥପର ନେତାଙ୍କୁ ସୁରକ୍ଷା ଦେବାକୁ କେନ୍ଦ୍ର ନିକଟରେ ଆତ୍ମସମର୍ପଣ କ ରି ଦେ ଉ ଛ ନ୍ତି । ବିଜେଡି ମୁଖ୍ୟଙ୍କ ଏଭଳି ଛତିଆଖିଆ ନୀତିକୁ ନେଇ କର୍ମୀଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। କର୍ମୀ କହୁଛନ୍ତି, କେନ୍ଦ୍ର ବିରୋଧରେ ଲଢିବାକୁ ସାହସ ନାହିଁ, ଖାଲି ମିଛ ବାହାସ୍ଫୋଟ ମାରୁଛନ୍ତି ନେତା। କେବଳ ସନ୍ୟାସୀ ଓ କ୍ରୀତଦାସଙ୍କ ସୁରକ୍ଷା ପାଇଁ ନବୀନ ବିଜେଡିର ରାଜନୈତିକ ଭବିଷ୍ୟତକୁ ବାଜିରେ ଲଗାଉଛନ୍ତି ବୋଲି ଆଉ କିଛି କର୍ମୀ ଅଭିଯୋଗ କରୁଛନ୍ତି।

ରାଜନୈତିକ ➪ପୃଷ୍ଠା-୬

### ବିକଶିତ ଓଡ଼ିଶା, ବିକଶିତ ଭାରତ ଗଠନ ଲକ୍ଷ୍ୟ

# ଲକ୍ଷ ଲକ୍ଷ ଲୋକଙ୍କ ଆଶିର୍ବାଦରେ ପଡ଼ିଲା ମୂଳଦୂଆ



- ଐତିହାସିକ ଯୋଗଦାନ : ୩ଲକ୍ଷରୁ ଅଧିକ ମତାମତ
- ମୋହନ କହିଲେ "ଧନ୍ୟବାଦ ଓଡ଼ିଶା"
- ଭିଜନ ରୋଡମ୍ୟାପ ପ୍ରସ୍ତୁତିରେ ଏଆଇ ଟେକ୍ନୋଲୋଜି

**ଭୁବନେଶ୍ୱର,୧୫।୧୨ (ସଂଚାର ବ୍ୟୁରୋ):** ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ଗଠନ ପାଇଁ ରେକର୍ଡ ୩ ଲକ୍ଷ ଲୋକଙ୍କ ମତାମତ ହସ୍ତଗତ ହୋଇଛି। ଲୋକଙ୍କ ମତାମତ ଆଧାରରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ସାଧାରଣ ଲୋକଙ୍କ ମତାମତ ନେଇ ଭିଜନ ପ୍ରସ୍ତୁତ କରିବାରେ ଏହା ଏକ ମାଇଲଖୁଣ୍ଟ।ରାଜ୍ୟର ବିକାଶରେ ଏତେ ସଂଖ୍ୟକ ଲୋକଙ୍କ ସମୂହ ଯୋଗଦାନ ବିକଶିତ ଓଡ଼ିଶା ଗଠନ ଦିଗରେ ଏକ ବଡ ପଦକ୍ଷେପ ହୋଇଥିବା ବେଳେ ଲୋକଙ୍କ ଭାଗିଦାରୀ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଇ-ମେଲ, ହ୍ୱାଟ୍ସଆପ, ଓଡ଼ିଶା ଭିଜନ ୱେବସାଇଟ ଜରିଆରେ ସେମାନଙ୍କ ମତାମତ ପଠାଇଛନ୍ତି। ଏପରିକି ବିଦେଶରେ ରହୁଥିବା ଓଡ଼ିଆମାନେ ମଧ୍ୟ ସେମାନଙ୍କ ମତାମତ ଦେଇଛନ୍ତି। ଭାଗିଦାରୀତା ଭିତ୍ତିରେ ପ୍ରଶାସନର ଏହା ଏକ ବଡ ଉଦାହାରଣ। ରାଜ୍ୟର ଏହି ବିକାଶ ପ୍ରକ୍ରିୟାରେ ସାମିଲ ହୋଇଥିବା ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀ "ଧନ୍ୟବାଦ ଓଡ଼ିଶା" କହି କୃତଜ୍ଞତା ଜଣାଇଛନ୍ତି। ରାଜ୍ୟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ମହିଳା, ବୃତିଧାରୀ, ସରକାରୀ କର୍ମଚାରୀ, ବିଶଷ୍ଟ ବ୍ୟକ୍ତିବିଶେଷ ଓ ବହୁ ସଂଗଠନ ବିକଶିତ ଓଡ଼ିଶା ଗଠନ ପାଇଁ ସେମାନଙ୍କ ସୁଚିନ୍ତିତ ମତାମତ ଦେଇଛନ୍ତି।

ପ୍ରଥମ ଥର ପାଇଁ ବିକଶିତ ଓଡ଼ିଶା ଗଠନ ପାଇଁ ଆସିଥିବା ମତାମତାକୁ ସମୀକ୍ଷା କରିବାକୁ ଏଆଇ-ଟକ୍ନୋଲୋଜିର ବ୍ୟବହାର କରିଛନ୍ତି ସରକାର। ଯାହାଦ୍ୱାରା ମତାମତ ଦେଇଥିବା ପ୍ରତ୍ୟେକଟି ରାଜ୍ୟବାସୀଙ୍କ ପ୍ରସ୍ତାବ ଓ ପରାମର୍ଶକୁ ବିକଶିତ ଓଡଶା ଗଠନରେ ସାମିଲ କରାଯାଇପାରିବ। ରାଜ୍ୟର ବିକାଶ ପାଇଁ ପ୍ରସ୍ତୁତ ହେଉଥିବା ଷ୍ଟ୍ରାଟେଜି ଭିତ୍ତିକ ରୋଡମ୍ୟାପରେ ସବୁ ସ୍ୱର ଗୁରୁତ୍ୱପୂର୍ଣ୍ଣ ଏହି ବାର୍ତ୍ତା ଦେବାକୁ ଚେଷ୍ଟା କରୁଛନ୍ତି ସରକାର। ଏଥିସହିତ ଟେକ୍ନୋଲୋଜି ଭିତ୍ତିକ ବିକାଶ ରଣନୀତି ପ୍ରସ୍ତୁତ କରାଯାଉଥିବା ଜଣାପଡିଛି।

ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନରେ ଲକ୍ଷ୍ୟକୁ ସାକାର କରିବାକୁ ସମନ୍ୱିତ ଉଦ୍ୟମର ଏହା ଏକ ଜ୍ୱଳନ୍ତ ଉଦାହାରଣ ହୋଇଥିବାରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏକ ଉଜ୍ୱଳ ଭବିଷ୍ୟତ ଗଠନରେ ଏହା ଏକ ସହଯୋଗୀତାପୂର୍ଣ୍ଣ ଉଦ୍ୟମ।

ଓଡ଼ିଶା ବିକାଶର ଭିତ୍ତିଭୂମୀକୁ ସୁଦୃଢ କରିବାକୁ ୧୭ଟି ବିଭିନ୍ନ ➪ପୃଷ୍ଠା-୬

# ଅଲ୍‌ବିଦା ଉସ୍ତାଦ...



୧୯୫୧-୨୦୨୪
ତବଲାର ଯାଦୁଗର

**ୱାଶିଂଟନ, ୧୫।୧୨:** ପ୍ରସିଦ୍ଧ ତବଲା ବାଦକ ଜାକିର ହୁସେନ ହୃଦଘାତରେ ଦେହାନ୍ତ ହୋଇଛି। ପୂର୍ବରୁ ଗମ୍ଭୀର ହୃଦ୍‌ରୋଗରେ ପୀଡିତ ହୋଇ ଆମେରିକାର ସାନ ଫ୍ରାନ୍ସିସ୍କୋସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ରାଜସ୍ଥାନ କ୍ୟାବିନେଟ ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ହୁସେନ୍‌ଙ୍କ ଆକସ୍ମିକ ମୃତ୍ୟୁ ବିଷୟରେ ଏ କ୍ସ ରେ ପୋଷ୍ଟ କରି ସମବେଦନା ଜଣାଇଛନ୍ତି। ସେହିପରି ତବଲା ମାଷ୍ଟ୍ରୋ ହୁସେନ୍‌ଙ୍କ ମୃତ୍ୟୁକୁ ନେଇ କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନଙ୍କୁ ସମବେଦନା ଜଣାଇଛନ୍ତି। ଭାରତର ଅନ୍ୟତମ ପ୍ରସିଦ୍ଧ ଶାସ୍ତ୍ରୀୟ ସଂଗୀତଜ୍ଞଙ୍କ ମଧ୍ୟରୁ ଜାକିର ହୁସେନ ୧୯୮୮ ରେ ପଦ୍ମଶ୍ରୀ, ୨୦୦୨ ରେ ପଦ୍ମ ଭୂଷଣ ଏବଂ ୨୦୨୩ରେ ପଦ୍ମବିଭୂଷଣ ଗ୍ରହଣ କରିଥିଲେ। ଗତ ଦୁଇ ସପ୍ତାହ ଧରି ହୃଦ୍‌ଘାତ ଜନିତ ସମସ୍ୟା ପାଇଁ ତାଙ୍କୁ ସାନ ଫ୍ରାନ୍ସିସ୍କୋର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# ୩ କୋଟି ଲୋକଙ୍କୁ ମିଳିବ ସ୍ୱାସ୍ଥ୍ୟ କାର୍ଡ



**ଭୁବନେଶ୍ୱର,୧୫।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ କାର୍ଡ ସମସ୍ୟା ଖୁବ୍‌ଶୀଘ୍ର ସମାଧାନ ହେବ। ରାଜ୍ୟର ୩ କୋଟି ଲୋକଙ୍କୁ ସ୍ୱାସ୍ଥ୍ୟ କାର୍ଡ ଦିଆଯିବ। ମିଶନ ମୋଡରେ ହେଲ୍‌ଥ କେୟାର ସିଷ୍ଟମ ଆଗକୁ ନେଉଛୁ। ରାଜ୍ୟରେ ଉଭୟ ଆୟୁଷ୍ମାନ ଓ ଗୋପବନ୍ଧୁ କାର୍ଡରେ ଚିକିତ୍ସା ହେବ। ଲୋକଙ୍କୁ ଇନ୍ସ୍ୟୁରାନ୍ସ ନୁହେଁ ଆସ୍ୟୁରାନ୍ସ ମୋଡରେ ଚିକିତ୍ସା ମିଳିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଗଣମାଧ୍ୟମକୁ ସୂଚନାଦେଇ ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ଖୁବ୍‌ଶୀଘ୍ର ଉଭୟ ଆୟୁଷ୍ମାନ ଏବଂ ଗୋପବନ୍ଧୁ କାର୍ଡ ଲାଗୁହେବ। ଆଗକୁ କେବଳ ସ୍ୱାସ୍ଥ୍ୟ କାର୍ଡ ଦିଆଯିବ। ଗତ ସରକାର ସମୟରେ ବିଏସ୍‌କେୱାଇ କାର୍ଡରେ ମାତ୍ର ୯୫୬ ହସ୍ପିଟାଲରେ ଚିକିତ୍ସା ହେଉଥିଲା। ଏବେ ଦେଶର ୨୭ ହଜାର ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳିପାରିବ ବୋଲି ମହାଲିଙ୍ଗ କହିଛନ୍ତି।

### 'ମହାଯୁତି'ର କ୍ୟାବିନେଟ୍ ସମ୍ପ୍ରସାରଣ

# ଶପଥ ନେଲେ ୩୩ କ୍ୟାବିନେଟ୍, ୬ ରାଷ୍ଟ୍ରମନ୍ତ୍ରୀ



**ମୁମ୍ବାଇ, ୧୫।୧୨:** ମହାରାଷ୍ଟ୍ରରେ ମହାଯୁତି ସରକାରର ମନ୍ତ୍ରିମଣ୍ଡଳର ଆଜି ସମ୍ପ୍ରସାରଣ ହୋଇଛି। ତିନିଦଳର ୩୯ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ବିଜେପିର ଦେବେନ୍ଦ୍ର ଫଡ଼ନାବିସ, ଉପମୁଖ୍ୟମନ୍ତ୍ରୀ ଭାବେ ଶିବସେନାର ଏକନାଥ ସିନ୍ଦେ ଓ ଏନ୍ସିପିର ଅଜିତ ପାୱାର ଶପଥ ନେବାର ୧୦ ଦିନ ପରେ ଆଜି ନାଗପୁରସ୍ଥିତ ରାଜଭବନ ପରିସରରେ ନୂତନ ମନ୍ତ୍ରିମଣ୍ଡଳର ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି।

ବିଜେପିର ୧୯ , ଶିବସେନାର ୧୧ ଓ ଏନ୍ସିପିର ୯ ବିଧାୟକ ମନ୍ତ୍ରୀଭାବେ ଶପଥ ନେଇଛନ୍ତି। ଏମାନଙ୍କ ମଧ୍ୟରୁ ୩୩ ଜଣ କ୍ୟାବିନେଟ୍ ଏବଂ ୬ ଜଣ ରାଷ୍ଟ୍ରମନ୍ତ୍ରୀ ହୋଇଛନ୍ତି। ରାଜ୍ୟପାଳ ସି ପି ରାଧାକୃଷ୍ଣନ୍ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଛନ୍ତି। ଦୀର୍ଘବର୍ଷ ପରେ ନାଗପୁରରେ ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହା ପୂର୍ବରୁ ୧୯୯୧ ମସିହାରେ ନାଗପୁରରେ ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବ ହୋଇଥିଲା।

### ନାଗପୁରରେ ହେଲା ଶପଥ ଗ୍ରହଣ ଉତ୍ସବ

ବିଜେପିର ରାଜ୍ୟ ଅଧ୍ୟକ୍ଷ ଚନ୍ଦ୍ରଶେଖର ବୱ୍ନକୁଲେ ପ୍ରଥମେ ଶପଥ ଗ୍ରହଣ କରିଥିଲେ। ତାଙ୍କ ପରେ ଅନ୍ୟତମ ବିଜେପି ନେତା ରାଧାକୃଷ୍ଣ ଭିଖେ ପାଟିଲ୍ ଶପଥ ନେଇଥିଲେ। ମନ୍ତ୍ରୀଭାବେ ଶପଥ ନେଇଥିବା ଅନ୍ୟ ପ୍ରମୁଖ ବିଜେପି ନେତାଙ୍କ ମଧ୍ୟରେ ଚନ୍ଦ୍ରକାନ୍ତ ପାଟିଲ, ପଙ୍କଜା ମୁଣ୍ଡେ, ନିତେଶ ରାଣେ, ଗିରିଶ ମହାଜନ, ଗଣେଶ ନାଏକ, ମଙ୍ଗଳ ପ୍ରଭାତ ଲୋଧା, ଜୟକୁମାର ରାୱଲ, ଅତୁଲ ସେଭ୍, ଅଶୋକ ଉଇକେ, ଆଶିଷ ସେଲାର, ଶିବେନ୍ଦ୍ରରାଜେ ଭୋସଲେ, ଜୟକୁମାର ଗୋରେ, ସଞ୍ଜୟ ସଭକରେ ଏବଂ ଆକାଶ ଫୁନ୍ଦକର ଆଦି ଅଛନ୍ତି।

ସେହିଭଳି ଶିବସେନାରୁ ଉଦୟ ସାମନ୍ତ, ଶମ୍ଭୁରାଜେ ଦେଶାଇ, ଗୁଲାବରାଓ ପାଟିଲ୍, ଦାଦା ଭୁସେ ଓ ସଞ୍ଜୟ ରାଧୋଡ଼ଙ୍କୁ ପୁଣିଥରେ ମନ୍ତ୍ରୀପଦ ମିଳିଛି। ନୂତନ ଭାବେ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିବା ଅନ୍ୟ ଶିବସେନା ବିଧାୟକଙ୍କ ମଧ୍ୟରେ ଅଛନ୍ତି ସଞ୍ଜୟ ଶିରସତ, ଭାରତ ଗୋଗାୱାଲେ, ପ୍ରକାଶ ଅଭିତକର, ଯୋଗେଶ ➪ପୃଷ୍ଠା-୬

# ବିପଦରେ ବିଷ୍ଣୁପଦ ମିଳିଲା ବଡ଼ ପ୍ରମାଣ

- ରିଅଲ ଇଷ୍ଟେଟ କମ୍ପାନୀକୁ ଅହେତୁକ ଅନୁକମ୍ପା
- ବିନା ଟେଣ୍ଡରରେ ଦିଆଯାଇଥିଲା ୩୬୧ କୋଟିର କାମ
- କାହା ଛତ୍ର ଛାୟା ତଳେ ଚାଲିଥିଲା କ୍ରାଇମ ସିଣ୍ଡିକେଟ ?



**ଭୁବନେଶ୍ୱର,୧୫।୧୨ (ସଂଚାର ବ୍ୟୁରୋ):** ବରିଷ୍ଠ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଅଡୁଆ ବଢ଼ିଛି। ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ ହାତରେ ଲାଗିଛି ପୁଳାପୁଳା ପ୍ରମାଣ। ସିବିଆଇର ସମନ ପରେ ମଧ୍ୟ ହାଜର ହେଉନଥିବା ବିଷ୍ଣୁପଦ ଆଜିବି ହାଜର ହୋଇନାହାଁନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଏଜେନ୍ସୀ ଥାଇ ମଧ୍ୟ ବିଷ୍ଣୁପଦ କେଉଁ ଅଦୃଶ୍ୟ କାରଣରୁ ଟେଣ୍ଡର ନକରି କେନ୍ଦ୍ରୀୟ ପିଏସୟୁଗୁଡ଼ିକୁ ସରକାରୀ ଆବାସିକ ଆଶ୍ରମ ସ୍କୁଲର ଉନ୍ନତିକରଣ କାର୍ଯ୍ୟ ଟେକି ଦେଉଥିଲେ ତା'ର ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ସିବିଆଇ ହାତରେ ଲାଗିଥିବା ଜଣାପଡ଼ିଛି। ରାଜ୍ୟର କିଛି ନିର୍ଦ୍ଦିଷ୍ଟ ରିଏଲ ଇଷ୍ଟେଟ୍ ସଂସ୍ଥାକୁ ଏସବୁ କାର୍ଯ୍ୟ ଟେକି ଦେବା ପାଇଁ ଆଇନର ଗଳାବାଟରେ କେନ୍ଦ୍ରୀୟ ପିଏସୟୁକୁ ମାଧ୍ୟମ କରାଯାଇଥିବା ଅଭିଯୋଗ ହେଉଛି। ସେପଟେ ବିଷ୍ଣୁପଦଙ୍କୁ ସିବିଆଇ ଡାକରା ଆସିବା ପରେ, ନେତା ଓ ଆଉ କିଛି ବାବୁଙ୍କ ଛାତି ଧଡ଼ ଧଡ଼ ହେଲାଣି। କେମିତି ନିଜ ପଦବୀର ଅପବ୍ୟବହାର କରି, କଣ୍ଟ୍ରାକ୍ଟରଙ୍କୁ ଅହେତୁକ ଅନୁକମ୍ପା ଦେଖାଉଥିଲେ ଏହି ପ୍ରଭାବଶାଳୀ ଆଇଏଏସ ଅଫିସର। ବିଷ୍ଣୁଙ୍କୁ ଝାଳବୁହା ଜେରା ପାଇଁ ପ୍ରସ୍ତୁତ ରହିଛି ଦିଲ୍ଲୀର ସ୍ୱତନ୍ତ୍ର ଟିମ୍। ସିବିଆଇ ହାତରେ ପୁଳାପୁଳା ପ୍ରମାଣ ଲାଗିଥିବା ବେଳେ ନିର୍ଦ୍ଦିଷ୍ଟ ରିଅଲ ଇଷ୍ଟେଟ କମ୍ପାନୀକୁ ଅନୁକମ୍ପା ଚର୍ଚ୍ଚା ନିଆଁ ଭଳି ଭାଇରାଲ ହେଉଛି। ଏହି ଘଟଣାରେ ସିବିଆଇ ଯେତିକି ଘାଣ୍ଟୁଛି, ସେତିକି ନୂଆ ନୂଆ ଚେହେରା ପଦାକୁ ଆସୁଛି। କୁହାଯାଉଛି ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ପରେ ଆହୁରି ବଡ଼ ବଡ ଚେହେରାଙ୍କୁ ଖୁବଶୀଘ୍ର ସମନ କରି ସିବିଆଇ ଅଫିସକୁ ଟଣା ଯିବ । ➪ପୃଷ୍ଠା-୬

### ଓଡ଼ିଶା ଜୁ-ଜିସୁ ସଂଘ ବିବାଦ

# ବୟସ୍କଙ୍କୁ ଦିଆଯାଉଛି ଧମକ





### କମିଶନରେଟ ପୋଲିସରେ ଅଭିଯୋଗ ଦାଖଲ

**ଭୁବନେଶ୍ୱର,୧୫।୧୨ (ଭାରତ ବିରୋନ ନାୟକ):** ଓଡ଼ିଶା ଜୁ-ଜିସୁ ଆସୋସିଏସନର କାର୍ଯ୍ୟାଳୟ କେଉଁଠି ସେନେଇ ଉଠିଥିବା ବିବାଦରେ ଏବେ ଘର ମାଲିକଙ୍କୁ ଦିଆଯାଉଛି ଧମକ। କମିଶନରେଟ ପୋଲିସରେ ଏନେଇ ଦାଖଲ ହୋଇଛି ଅଭିଯୋଗ। ସୂର୍ଯ୍ୟନଗରରେ ଯେଉଁ ଠିକଣାରେ ମିଛ ରେଣ୍ଟ ଏଗ୍ରିମେଣ୍ଟ ଦିଆଯାଇଥିଲା ସମ୍ପୃକ୍ତ ଘର ମାଲିକଙ୍କୁ ଧମକ ସହ ତାଙ୍କ ପୁଅଙ୍କୁ କମ୍ପ୍ରୋମାଇଜ କରିବାକୁ ଚାପ ପକାଯାଉଥିବା ଅନଲାଇନରେ କମିଶନରେଟ ପୋଲିସରେ ଅଭିଯୋଗ ହୋଇଛି।

ଘର ମାଲିକ କରିଥିବା ଅଭିଯୋଗ ଅନୁଯାୟୀ, ନିକଟରେ ଆଇଜିଆରରୁ ସେ ଏକ ଚିଠି ପାଇଥିଲେ। ଆରଟିଆଇ ଆଧାରରେ ଆଇଜିଆରକୁ ମଗାଯାଇଥିବା ଏକ ତଥ୍ୟ ଆଧାରରେ ଏହି ଚିଠି ଆସିଥିଲା। ଓଡ଼ିଶା ଜୁ-ଜିସୁ ଆସୋସିଏସନର କାର୍ଯ୍ୟାଳୟ ତାଙ୍କ ଘରେ ଭଡାରେ ଚାଲିଥିଲା କି ନାହିଁ ସେନେଇ ୧୨୫ ସୂର୍ଯ୍ୟନଗର ଘରର ମାଲିକଙ୍କ ଠାରୁ ସ୍ପଷ୍ଟୀକରଣ ମଗାଯାଇଥିଲା। ଯାହାର ଉତ୍ତର ସତ୍ୟପାଠ ଜରିଆରେ ଦାଖଲ କରିଥିଲେ ୮୦ ବର୍ଷ ବୟସ୍କ ଘର ମାଲିକ। ଏପରିକି ବୟସାଧିକ କାରଣରୁ ସେ ବ୍ୟକ୍ତିଗତ ଭାବେ ହାଜର ନହୋଇ ତାଙ୍କ ପୁଅ ଜରିଆରେ ସତ୍ୟପାଠ ଦାଖଲ କରିଥିବା ସେ ଉଲ୍ଲେଖ କରିଥିଲେ।

ସେ ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ ତାଙ୍କ ଘର ଓଡ଼ିଶା ଜୁ-ଜିସୁ ଆସୋସିଏସନର କାର୍ଯ୍ୟାଳୟ ପାଇଁ କେବେ ବି ଭଡାରେ ଦିଆଯାଇନଥିଲା ବୋଲି କହିଛନ୍ତି ସୂଚନା ଅଧିକାର କର୍ମୀ ପ୍ରଦ୍ୟୁମ୍ନ କୁମାର ବେବର୍ତ୍ତା। ତେବେ ଏହି ସତ୍ୟପାଠ କିଛି ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏବେ ➪ପୃଷ୍ଠା-୬

# ନବ-ଓଡ଼ିଶା ନିର୍ମାଣର ପ୍ରୟୋଗଶାଳା ହେବ ସମ୍ବଲପୁର

- ସମ୍ବଲପୁରରେ ଇଡକୋ କରିବ ଷ୍ଟାର୍ଟଅପ୍ ଇକୋସିଷ୍ଟମ
- ବୁର୍ଲାରେ ଆଧୁନିକ ଭବନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ
- ଓଡ଼ିଆ, ଇଂରାଜୀ ଓ ହିନ୍ଦୀରେ ଶିକ୍ଷାଦାନରେ ସର୍ବପ୍ରଥମ ବିଦ୍ୟାଳୟ ବୁର୍ଲା
- ସଂଗ୍ରାମୀଙ୍କ ବଳିଦାନର ସାକ୍ଷୀ ହେଉଛି ମହାନଦୀ ଓ ସମ୍ବଲପୁର
- ପ୍ରଗତିଶୀଳ ଶିକ୍ଷା ବ୍ୟବସ୍ଥା ପାଇଁ ବୁର୍ଲାର ଜନସାଧାରଣ ପ୍ରୟାସ କରିଆସିଛନ୍ତି



**ବୁର୍ଲା,୧୫।୧୨ (ସଂଚାର ବ୍ୟୁରୋ):** ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ଶିକ୍ଷାଦାନ କରିବାରେ ଓଡ଼ିଶାର ସର୍ବପ୍ରଥମ ବିଦ୍ୟାଳୟ । ଭାରତରେ ତ୍ରିଭାଷୀ ସୂତ୍ରରେ ଶିକ୍ଷାଦାନ ଲାଗି ନିଷ୍ପତ୍ତି ହେବାର ଅନେକ ପୂର୍ବରୁ ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ଏ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିସାରିଥିଲା ବୋଲି ଏହି ସ୍କୁଲର ପ୍ଲାଟିନମ ଜୟନ୍ତୀ ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶରେ ଯେତେବେଳେ ସମ୍ବିଧାନ ପ୍ରସ୍ତୁତି କାର୍ଯ୍ୟ ଚାଲିଥିଲା, ସେଇ ସମୟରେ ବୁର୍ଲାବାସୀ ଏହି ବିଦ୍ୟାଳୟଟି ପ୍ରତିଷ୍ଠା କରିଥିଲେ । ୨୦୨୦ ମସିହାରେ ପ୍ରଧାନମନ୍ତ୍ରୀ ମୋଦୀ ସାରା ଦେଶରେ ଜାତୀୟ ଶିକ୍ଷା ନୀତି ପ୍ରଣୟନ କରି ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷାକୁ ଗୁରୁତ୍ୱ ଦେଲେ ମାତ୍ର ୧୯୪୯ ମସିହାରେ ପ୍ରତିଷ୍ଠା ହେବା ଦିନ ଠାରୁ ଏହି ଶିକ୍ଷାନୁଷ୍ଠାନ ଏହି ବିଷୟକୁ ପ୍ରାଥମିକତା ଦେଇଆସିଛି । ଏଠାରେ ବାଲ-ବାଟିକା ରୁ ଦ୍ୱାଦଶ ଶ୍ରେଣୀ ଯାଏଁ ୧୫ ବର୍ଷ ଗୋଟିଏ ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ନିରବଚ୍ଛିନ୍ନ ଶିକ୍ଷାଲାଭର ସୁଯୋଗ ଦେବା ପାଇଁ ଉଦ୍ୟମ ଜାରି ରହିଛି । ଓଡ଼ିଶାରେ ଏକ ପ୍ରଗତିଶୀଳ ଶିକ୍ଷା ବ୍ୟବସ୍ଥା ଆଣିବା ପାଇଁ ବୁର୍ଲାର ➪ପୃଷ୍ଠା-୬



### କାନ ଡେରିଥା

ଶୀତ ଦିନେ ଏବେ ଗେଣ୍ଡୁ
କାରବାର
ଗେଣ୍ଡା ବା କାହୁଁ ବୁଝିବେ
ତତଲା ଲୁହାକୁ ଚୋବେଇ
ଚୋବେଇ
ବତିଶି ଦାନ୍ତ ଝାଡ଼ିବେ
ନିଶାକୁ ଉତୁରାଇବେ....
କଳା କର୍ମ ଫଳ ଭୋଗୀଭୋଗୀ
ଶେଷେ
ଅଭିଶାପେ ଘାଣ୍ଟି ହେବେ ।

■ ଦେବାଶିଷ

# ଭବିଷ୍ୟତ ଚିନ୍ତାରେ ଯୁବନେତା ରାତି ଅନିଦ୍ରା



**ଭୁବନେଶ୍ୱର,୧୫।୧୨ (ସଂଚାର ବ୍ୟୁରୋ):** ବିଜେଡି ଯୁବ ନେତାମାନଙ୍କର ଏବେ ଭବିଷ୍ୟତ ଚିନ୍ତା ବଢ଼ିବାରେ ଲାଗିଛି । ଆଗାମୀ ନିର୍ବାଚନ ଅର୍ଥାତ୍ ୨୦୨୯ ବେଳକୁ ସେମାନଙ୍କର ଦଳର ଅବସ୍ଥା କ'ଣ ହୋଇଥିବ ତାହା ଭାବିଲା ବେଳକୁ ଅନେକଙ୍କୁ ନିଦ ହେଉନାହିଁ । ଯଦି 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ନିୟମରେ ଆଗୁଆ ନିର୍ବାଚନ ହୁଏ ତେବେ ସୀମା ନିର୍ଦ୍ଧାରଣରେ ସେମାନଙ୍କ ନିର୍ବାଚନମଣ୍ଡଳୀ ରହିବ କି ନାହିଁ ତାହା ଆଉ ଗୋଟେ ଅଡୁଆ ପ୍ରଶ୍ନ ସୃଷ୍ଟି କରିଛି ।

ତେବେ ଭବିଷ୍ୟତକୁ ନେଇ ଛାନିଆ ହେଉଥିବା ବିଜେଡିର ଏହି ଯୁବନେତାମାନେ ମୁଖ୍ୟତଃ ବିଜୁ ଦାୟାଦଙ୍କ ସୂତ । ଏମାନଙ୍କ ବ୍ୟତିତ ଆଉ କିଛି ଯୁବନେତା ରହିଛନ୍ତି ଯେଉଁମାନେ ଦଳକୁ ବଳ ଦେବା ସହିତ ନିଜ ଗୋଡରେ ନିଜେ ଛିଡା ହୋଇଛନ୍ତି । ଏମାନେ ମୁଖ୍ୟତଃ ଆଗାମୀ ୨୦/୨୫ ବର୍ଷ ଧରି ରାଜନୀତିରେ ରହିବେ । ତେଣୁ କ୍ଷମତା ରାଜନୀତିରେ ରହିବାପାଇଁ ହେଲେ ଗୋଟିଏ ସଶକ୍ତ ଦଳରେ ରହିବାକୁ ସମସ୍ତେ ଆଗ୍ରହୀ । ହେଲେ ବିଜେଡିର ଅବସ୍ଥା ଏବେ ଯେଭଳି ଦୁର୍ବଳ ହେବାରେ ଲାଗିଛି ତାହା ଆଗାମୀ ନିର୍ବାଚନ ବେଳକୁ କେତେ ସଶକ୍ତ ହେବ ତାହାକୁ ନେଇ ଏହି ଯୁବନେତାମାନେ ଆତଙ୍କିତ ହୋଇ ପଡିଛନ୍ତି । ଏପରିକି ସେତେବେଳକୁ କିଏ ଦଳର ମଙ୍ଗ ଧରିବ ତାହାର ଉତ୍ତର ବି ପାଉ ନାହାନ୍ତି ।

ଗୋଟିଏ ଆଞ୍ଚଳିକ ଦଳ ଭାବେ ରାଜ୍ୟରେ ୨୪ବର୍ଷ ନିରଙ୍କୁଶ କ୍ଷମତା ଭୋଗ କରିବାପରେ ନିର୍ବାଚନ ହାରି ଦଳ ଏବେ ଦୁର୍ବଳ ହେବାରେ ଲାଗିଛି । ହାରିବାର ମାସ କେଇଟା ଭିତରେ ଦଳର ଦୁଇ ଦୁଇ ସାଂସଦ ଦଳ ଛାଡି ପଳାଇଛନ୍ତି । ଆଉ କିଛି ଯିବେ ବୋଲି ଚର୍ଚ୍ଚା ଜୋର ଧରିଛି । ଯେଉଁମାନଙ୍କୁ ସଭ୍ୟ ସଂଗ୍ରହ ଦାୟିତ୍ୱ ଦିଆଯା।ଇଥିଲା ସେମାନେ ହାତ ଟେକି ଦେଲେଣି । ଫଟା କାନ୍ଥରେ କାଦୁଆ ଲେପ ଦେବାଭଳି ନବୀନ ପଟ୍ଟନାୟକ ଦଳୀୟ ବିଧାୟକ ଓ ନେତାଙ୍କୁ ଡାକି ଆଲୋଚନା କରୁଥିବାର ଫଟୋ ଦଳ ପକ୍ଷରୁ ଗଣମାଧ୍ୟକୁ ଛଡାଯାଉଛି ।

ଦଳରେ ଯେଉଁ ବରିଷ୍ଠ ଓ ଅଭିଜ୍ଞ ନେତାମାନେ ଅଛନ୍ତି ସେମାନେ କିଛି କରିପାରୁ ନାହାନ୍ତି । ସେମାନଙ୍କ ପରାମର୍ଶ ବି କେହି ଲୋଡୁ ନାହାନ୍ତି। ନିର୍ବାଚନ ପୂର୍ବରୁ ଦଳରେ ଯେଉଁ ଅବସ୍ଥା ଥିଲା ଏବେ ଦଳ ପୁଣି ସେହି ସ୍ଥିତିକୁ ଦଳ ଫେରିଛି । ସେତେବେଳେ ପରଦା ଆଗରେ ରହି ଦଳକୁ ନିୟନ୍ତ୍ରଣ କରୁଥିବା ପାଣ୍ଡିଆନ ଏବେ ସନ୍ୟାସୀ ରୂପରେ ପରଦା ପଛରେ ରହି ଗୋଟି ଚଳାଉଛନ୍ତି। ଦଳକୁ ପୂରା ନିୟନ୍ତ୍ରଣ କରୁଛନ୍ତି । ସମସ୍ତେ ସେବୁ ଦେଖୁଥିଲେ ଓ ମନେ ମନେ ରାଗୁଥିଲେ ବି କେହି କିଛି କରିପାରୁ ନାହାନ୍ତି ।

ଏଣେ ପ୍ରତିଦିନ ଗାଁ ଗହଳର ଛୋଟ ଠାରୁ ଆରମ୍ଭ କରି ବଡ କର୍ମୀ ପର୍ଯ୍ୟନ୍ତ ଦଳ ଦଳ ହୋଇ ବିଜେଡି ଛାଡୁଛନ୍ତି । ଦଳ ଛାଡିବା ପରେ ସିଧାସଳଖ ବିଜେପିରେ ମିଶୁଛନ୍ତି । ଦୁଇ ସାଂସଦ ମମତା ମହାନ୍ତ ଓ ସୁଜିତ କୁମାର ବିଜେପିରେ ମିଶିବା ପରେ ଏବେ ଦିଲ୍ଲୀରେ ଦଳର ପତିଆରା ହ୍ରାସ ପାଇପାରେ ଲାଗିଛି । ଏଭଳି ଦଳଡିଆଁ ପର୍ବ ଦେଖି ଦଳରେ ଆଉ ଛୋଟ ବଡ କେହି କାହାରିକୁ ମାନିବା ସ୍ଥିତିରେ ନାହାନ୍ତି । ଫଳରେ ଦଳର ଛାମୁଆ ନେତାମାନେ ନିଜ ଇଜ୍ଜତ ଜଗି ଦଳୀୟ ମୁ ଖ୍ୟା ଳ ୟ କୁ ଯିବାକୁ ରାଜି ➪ପୃଷ୍ଠା-୬

**ଦୁର୍ବଳ ହେଉଛି ବିଜେଡି**

**ନୂଆବର୍ଷକୁ ଅପେକ୍ଷା**



## ବଙ୍ଗୋପସାଗରଙ୍କୁ ସ୍ତୁତି

**କାଳୀ ଦାସ**

ହେ ବଙ୍ଗୋପସାଗର
ତୁମକୁ ଚିର ନମସ୍କାର
ଗାନ୍ଧାରୀଙ୍କ ଠାରୁ ବି ମହାନ ତୁମେ
ତୁମକୁ ସ୍ତୁତି କରେ ମୁଁ ବାରମ୍ବାର
ଶତପୁତ୍ର ର ଜନନୀ ଗାନ୍ଧାରୀ
ତୁମେ ଶତ ବାତ୍ୟା ର ଜନନୀ
ଗାନ୍ଧାରୀଙ୍କ ପୁତ୍ରଠାରୁ
ତୁମେ ପୁତ୍ର ବେଶି ପରାକ୍ରମୀ
ଗାନ୍ଧାରୀଙ୍କ ପୁତ୍ର ବଇରୀ କଲେ
କେବଳ ପାଣ୍ଡବଙ୍କୁ
ତୁମ ପୁତ୍ର ବଇରୀ କଲେ
ସମଗ୍ର ରାଜ୍ୟ କୁ।
ସବୁଠାରୁ ଉପଦ୍ରବୀ ପୁତ୍ର ହେ ତୁମର
ହେ ବଙ୍ଗୋପସାଗର ମୁଁ ସ୍ତୁତି କରେ ତୁମକୁ ବାରାମ୍ବାର
ତୁମ ପୁତ୍ରଙ୍କ କ୍ଷୟ ଓ କ୍ଷତିରେ ରାଜ୍ୟ ହୁଏ ଛାରଖାର
ତୁମ ପୁତ୍ରଙ୍କ ନାମରେ ଆମେ ହେଉ ଥର ଥର
ତୁମଠାରୁ ଜନ୍ମ ପାଇଁ
ତୁମ କୋଳରେ ବଢ଼ି
ଦିଅନ୍ତି ହୁଁଙ୍କାର
ବଙ୍ଗୋପସାଗର ନମସ୍କାର ମୋର ବାରମ୍ବାର
ତୁମ ପୁତ୍ର ଛାରଖାର କରି ଚାଲନ୍ତି ପ୍ରତିଟି ପ୍ରହର
ବନ୍ୟା ଜଳ ବ୍ୟାପୀ ଯାଏ ଗାଁ ଠାରୁ ସହର
ଦିନ ଦିନ ଧରି ଆମେ ରହିଯାଉ ଅନ୍ଧକାରରେ
ଛିନ୍ନ ଭିନ୍ନ ହୋଇଥାଏ ବିଜୁଳି ଆଲୁଅ
ତୁମ ପୁତ୍ରଙ୍କ ଲାଗି ବ୍ୟାପି ଯାଏ ଖାଲି ହାହାକାର
ହେ ବଙ୍ଗୋପସାଗର ତୁମକୁ ଶତ ନମସ୍କାର।

**ବ୍ରହ୍ମପୁର. ଖୋଡାସିଙ୍ଗୀ, କଳିଙ୍ଗନଗର**
**ମୋବାଇଲ୍: ୭୨୦୫୧୦୦୮୩୯**



## ଆଧ୍ୟାତ୍ମିକତା

**ଡ. ତାନଶ୍ରୀ ପାଣିଗ୍ରାହୀ**

ହେ ବିଶ୍ୱନିୟନ୍ତା
ତୁମେ ଦିବ୍ୟସତ୍ତା
ମନ ଖୋଜୁଥାଏ ନିତି...
ଅନନ୍ତ କୃପାର
ପବିତ୍ର ଓମକାର
ତୁମେ ଆଧ୍ୟାତ୍ମିକ ଜ୍ୟୋତି...

ଜ୍ଞାନ ଧ୍ୟାନ କର୍ମ
ଯୋଗ ସାଧନାରେ
ରହିବା ଧର୍ମର ପଥେ
କର୍ତ୍ତବ୍ୟ କରିବା
ଜୀବନ ପଥରେ
ଆସୁ ବାଧା ପଛେ ଯେତେ...

ଗୀତା ଭାବଗତ
ପୁରାଣ ଶାସ୍ତ୍ରରେ
ଆଧ୍ୟାତ୍ମିକ କଥା ଭରା...
ସାରା ଜୀବନକୁ
ଆଲୋକିତ କରେ
ମିଳେ ଜ୍ଞାନର ପସରା...

ଜୀବନରେ ଶ୍ରେଷ୍ଠ
ଦିବ୍ୟ ଅନୁଭବ
ଆଧ୍ୟାତ୍ମିକତାରେ ଶାନ୍ତି...
ଆଧ୍ୟାତ୍ମିକତାରେ
ଈଶ୍ୱର ଦର୍ଶନ
ମିଳେ ଶାନ୍ତି ମୋକ୍ଷ ପ୍ରାପ୍ତି।

**ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



## ହେ ଆକାଶ

**ସନ୍ତୋଷ କୁମାର ସାହୁ**

ହେ ଆକାଶ ତୁମେ ସୁଦୂର ବିସ୍ତୃତ
ନୀଳ ବର୍ଣ୍ଣ ନିରାକାର
ଧାରଣ କରିଛ ସୂର୍ଯ୍ୟ ଚନ୍ଦ୍ର ତାରା
ତୁମ କୋଳେ ନିରନ୍ତର...
ତୁମ ବକ୍ଷେ ମେଘ ଖେଳେ ଲୁଚକାଳି
ବିରାଜିତ ଜହ୍ନ ତାରା
ଧରଣୀ ଉପରେ ତୁମେ ନୀଳ ଛାତ
ସୃଷ୍ଟି କର ବର୍ଷା ଖରା....
ତୁମରି ତନୁରେ ସୂର୍ଯ୍ୟ ଚନ୍ଦ୍ର ତାରା
ରହି କରେ ଦିବା ରାତି
ତୁମ ଅନ୍ତରୀକ୍ଷେ ଶୂନ୍ୟରେ ଘୁରୁଛି
ସଉର ଜଗତ ନିତି...
ତୁମ କଳେବରେ ବିଜୁଳି ଚମକେ
ଇନ୍ଦ୍ରଧନୁ ଶୋଭା ପାଏ
ଶରତ ଋତୁର ନିଳୀମା ଆକାଶ
ବିମୋହିତ ଦେଖାଯାଏ....
ତୁମେ ନିର୍ବିକାର ଅନନ୍ତ ଅସୀମ
ତୁମେ ଋତୁ ଆବାହକ
ତୁମେ ସାଗରର ଜଳ ଦର୍ପଣରେ
ଦିଶୁଥାଅ ଝକଝକ...
ଘଡ଼ଘଡ଼ି ନାଦ ଉତ୍ତାପ ଶୀତଳ
ତୁମରି ହିଁ ସବୁ ଖେଳ
ହେ ଆକାଶ ତୁମେ ପ୍ରକୃତି ଧରାକୁ
ଅମିୟ ବରଷା ଜଳ...
ବିହଙ୍ଗ ବିମାନ ମହାଶୂନ୍ୟେ ଉଡ଼ି
ହୁଏ ପୁଣି ଆତଯାତ
ହେ ଆକାଶ ତୁମେ ସରଗ ସୁଷମା
ସାରା ବିଶ୍ୱେ ସୁଶୋଭିତ..

**ଗାନ୍ଧୀ ନଗର**
**କୋରାପୁଟ**



## ବନ୍ଧୁଟିଏ

**ଡ. ନାରାୟଣ ଚନ୍ଦ୍ର ସେନାପତି**

ହୋଇଥିବ ସେ ଠିକ୍ କୃଷ୍ଣ ସୁଦାମାଙ୍କ ଭଳି
ଆଖିରୁ ବାହାରୁଥିବ ସ୍ୱାଭିମାନ ର କ୍ରନ୍ଦନ
ନଚେତ୍ ସାକ୍ଷାତ କର୍ଣ୍ଣ ଆଉ ଦୁର୍ଯ୍ୟୋଧନ
ଯେମିତି ଦୁହେଁ ଦୁହିଁଙ୍କର ପ୍ରାଣ ଆଉ ସ୍ପନ୍ଦନ
ଭଲ ହେଉ ବା ଭେଲ
ନିଜ ସାଥୀ ପାଇଁ କେବଳ ହଁ ସମ୍ମତି
ସେଇ ତ ବନ୍ଧୁଟିଏ
ଯିଏ ବନ୍ଧୁ ପାଇଁ ହୋଇଥାଏ ସହାନୁଭୂତି ର ମିଶାଣ
ଏମିତିକି ଦରକାର ବେଳେ ଦେଇଥାଏ
ବିନା ଦ୍ୱିଧାରେ ଜୀବନ।

ଥରେ ବୁଝିଥିଲେ
ବୁଝିବାକୁ ମନ କେବେ ଖୋଜିବନି ବୈଜ୍ଞାନିକ କାରଣ
ଥରେ ଆତ୍ମା ଚିହ୍ନିଥିଲେ
ହିତ ପାଇଁ କରିଦେବ ସର୍ବସ୍ୱ ଅର୍ପଣ
ନିଃସ୍ୱାର୍ଥପର ନିର୍ଲୋଭ ମଣିଷ ଟିଏ ସେ
ହୋଇଥାଉ ପଛେ ଦୀନ ହୀନ
ସାଜିବନି ଗୋଲାମି
ପ୍ରତିକ୍ଷଣେ କରୁଥିବ
କୃତଜ୍ଞତାର ବୀଜ ବପନ।

ଅକସ୍ମାତ ମତ ମନ ବଦଳାଉଥିବା ମଣିଷ
ହୋଇପାରେନା କାହାର ଅସଲ ବନ୍ଧୁ
ଆଭାସି କୋହରେ ଲୁହରେ ପହଁରୁଥିବା ମଣିଷ
କଦାପି ପାଏନା ପ୍ରେମର ସିନ୍ଧୁ
ସେ ତ ଆଖି ଥାଉ ଥାଉ ଅନ୍ଧଟିଏ
ଯାହାର ନିଜ ଉପରେ ନ ଥାଏ ବିଶ୍ୱାସ
ଯିଏ ଧୈର୍ଯ୍ୟର ପଡ଼ିଆରେ ମାରୁଥାଏ ଭରସାର ଦୌଡ
ସେଇ ତ ବନ୍ଧୁପରି ବନ୍ଧୁ ଟିଏ
ଆଶାର ପୃଥିବୀର ଏକ ସ୍ୱଚ୍ଛ ନିର୍ମଳ ଭଲ ମଣିଷ।

**ଜମ୍ବ୍ରା, କେନ୍ଦୁଝର**



## ପ୍ରେମର ଅସୁଖ

**ଇଲିମା କର**

ଉଚ୍ଛଳ ଜୁଆରେ ଭରା ଅଥଇ ସାଗର
ତାର ବୁକେ ଏକ ତରୀ
ମୋର ଖେଳାଘର
ଆଲୁଅ ଅନ୍ଧାରରେ ଭରା ଅଛି ଦୁଇ ଗଳି
ଚାଡ଼ିଆଡ଼େ ଛିଣ୍ଡାପତ୍ର ଏକ ରଂଗତୁଳୀ
ଏକଲା ମୁଁ କାନ୍ଦେ, ହସେ କିବା ଦିବାରାତ୍ରି
ଅତୀତର ସ୍ମୃତି ମନେ ଦିଏ ଯେ ଆଘାତ
ସେ ଆଘାତରେ ଖୋଜେ ମୁଁ ଏକ ଚିହ୍ନା ପ୍ରିୟଜନ
ବ୍ୟଥା ଦେଇ ନିସ୍ୱ ଯିଏ କରିଛି ଜୀବନ,
କେତେ ଲେଖା, କେତେ ଗାଥା କେତେ ଅଙ୍କାଅଙ୍କି
ମନନେ, ଚିନ୍ତନେ ତାର ହୃଦୟେ ଧରି ରଖି
ବକ୍ଷ୍ୟ ପରେ ଦୁଃଖଭରା ସାଗରର ଶୀତ
ଚାଲିଯାଇଛି ଅଫୁରନ୍ତା ରାଇଜେ କରି ଅଭିମାନ
ଖୋଦେ ମୁଁ ତୁମକୁ ଖେଳାଘରେ
ଜୀର୍ଣ୍ଣ ହୁଏ ବୁକ
ମନେ ହୁଏ ବ୍ୟର୍ଥ ଏହା ପ୍ରେମର ଅସୁଖ।

**ଏମ୍-୩୮, ସାମନ୍ତ ବିହାର**
**ନାଲ୍‌କୋ ଛକ, ଭୁବନେଶ୍ୱର**
**ମୋବାଇଲ୍: ୯୩୩୭୪୭୦୫୧୮**







## ଓଏଲ୍‌ଏକ୍ସ

**ଅମିୟ ବେଜ୍**



ତା'କୁ ସବୁବେଳେ ଲାଗେ, ମୁଁ ଯେଉଁ ସ୍ତ୍ରୀ ଲୋକଟି ବାବଦରେ ଥରେକେବେ ଭଲକଥା କହିଥିଲି , ସେଇ ହେଉଛି ମୋ'ର ପୂର୍ବତନ ପ୍ରେମିକା। ତା'କୁ ଏପରି ଲାଗିବାରେ ମୋ'ର ବିଶେଷ ଖୁସି ନଥିଲେବି, ସିଏ ସୁଯୋଗ ପାଇବା ମାତ୍ରକେ ସେଇ ସ୍ତ୍ରୀ ଲୋକଟିର କଥା ଉଠାଏ। ଯେମିତିକି ମୁଁ ସ୍ତ୍ରୀ ଲୋକଟିକୁ ନେଇ କିଛି ଏକ ଗୁପ୍ତତଥ୍ୟ ତାକୁ ଜଣାନ୍ତି ଓ ସିଏ ମୋ' ଉପରେ ଆଜୀବନ ଦାଉ ସାଧନ୍ତା।

ଦିନେ ସିଏ ପଚାରିଲା-

-କହିଲ, ସେଇ ସ୍ତ୍ରୀ ଲୋକଟା' ମୋ'ଠୁଁ ଅଧିକ ସୁନ୍ଦରୀ ନା ମୁଁ?

ସମୟଟା ପ୍ରେମ ସପ୍ତାହ ଚାଲିଥିବା ବେଳର କଥା ଥିଲା। ସ୍ଥୂଳ ଦୃଷ୍ଟିରୁ ସୁନ୍ଦରୀ ଦୁଇପ୍ରକାର। ଗୋଟେ ମୁହଁ ସୁନ୍ଦରୀ ଆଉଟେ ଦେହ ସୁନ୍ଦରୀ। ମୋ' ଭାବନା ମଧ୍ୟ ସବୁ ପୁରୁଷଙ୍କ ପରି ସମାନ ନହୁଅନ୍ତା କାହିଁକି ? ବାକି ଯେଉଁ ମନ ସୁନ୍ଦରୀ ଇତ୍ୟାଦି କଥା ସେସବୁ ଯୁଗପୁରୁଷ ମାନଙ୍କ ମହତ ବିଚାର।

ମୁଁ କହିଲି-

-ସେଇ ସ୍ତ୍ରୀ ଲୋକଟିର ମୁହଁ ମୋର ସଠିକ୍ ମନେ ପଡୁନି। ଢେର୍ ଅତୀତକୁ ମୁଁ ଫେରି ପାରେନି ତୁ ଭଲକି ଜାଣୁ।

-ଆଉ ଦେହ ?

ହଠାତ୍ ଅଡୁଆ ରେ ପକାଇବାର ଚରିତ୍ର ଟି ହେଉଛି 'ପ୍ରେମିକା'।

ମୁଁ ଭୁଲିଯିବାର କଥାସବୁ ମନେପକାଇବାକୁ ଚେଷ୍ଟା କଲି ଓ ବହୁ ସନ୍ତାପରେ କହିଲି -

-ଯାହାର ମୁହଁ ମନେପଡୁନି ତା' ଦେହ ବାବଦରେ ଟିପ୍ପଣୀ ଦେବା ଅସତ୍ୟ। ତେବେ ତୋ'ଠୁ ଟପି କେହି କେବେ ପାରିବ ?

ଏତିକ ପ୍ରଶଂସା ଯଥେଷ୍ଟ ନଥିଲା। ସିଏ ସ୍ପଷ୍ଟ ଉତ୍ତର ଚାହୁଁଥିଲା।

-କୁହ, କିଏ ସୁନ୍ଦର ? ମୁଁ ? ସେ?

-ସେ ତ ଆଦୌନଥିଲା। ତା' ମୁହଁ ଦେହରେ କେମିତି ଏକ ଧଳାଛଉ ରିବିରିବି ହୋଇ ଚରିଯାଇଥିଲା। ସେ ସୁନ୍ଦର ଲାଗନ୍ତା କେମିତି ମୋତେ.... ହଠାତ୍ ଫୋନ୍ କାଟିଦେଲା। ମୁଁ ଆଗକୁ ଯେତେଥର ଯୋଗାଯୋଗ କଲି ତା ଫୋନ୍ ବନ୍ଦ ରହିଲା। ପ୍ରକୃତରେ ପ୍ରେମ ସପ୍ତାହ ଚାଲିଥିଲା। କେହିଜଣେ ବିଦେଶୀ ପ୍ରେମିକ ପୁରୁଷ ସନ୍ତ ଭାଲେଣ୍ଟାଇନ୍‌ଙ୍କ ମୃତ୍ୟୁଦିବସ ହେଉଛି ପ୍ରେମଦିବସ। ଗୋଟେ ଅନୁଭବର ସପ୍ତାହ। ଅର୍ଥାତ୍ ସବୁ ଦିନ ସମାନ ପରି ଅନୁଭବ ଭିତରେ କିଛି ଦିନ ବା ସମୟକୁ ଟିକେ ଭିନ୍ନ ବାଗରେ ଗୁରୁତ୍ୱପୂର୍ଣ୍ଣ କରାଇନେବା ହେଉଛି ଏକ ଜୀଇଁବାର କଳା କାରୁକାର୍ଯ୍ୟ। ଏଥିନେଇ ଯାବତୀୟ ବ୍ୟବସ୍ଥିତ କାର୍ଯ୍ୟକ୍ରମ ସିକୃତ। ଯାହାସବୁ ଅବ୍ୟବସ୍ଥା ତାକୁନେଇ ବିରୋଧ, ବିଦ୍ରୋହ। ମୁଁ ନିଜର ସଚ୍ଚୋଟପଣର ପ୍ରମାଣ ଦେବାକୁ ଯାଇ ସ୍ତ୍ରୀ ଲୋକଟିର କଥା ଯା' ଆଗରେ ବଖାଣିଥିଲି। ଏବେ ସେଇକଥାତକ ଅପହୃତ - ଅପଭ୍ରଂଶ ହୋଇ ମୋ' ପ୍ରାଣ ଖାଉଛି।

ଏସବୁ ଦୁର୍ଘଟଣା ପୂର୍ବରୁ ଗୋଲାପ ଦିବସ, ପ୍ରସ୍ତାବ ଦିବସ, ଚକୋଲେଟ୍ ଦିୱସ, ଟେଡି ଦିବସ ଅତିକ୍ରାନ୍ତ କରିଯାଇଥିଲା। ଠିକ୍ ପ୍ରତିଶ୍ରୁତି ଦିବସ ର ଦିନାରମ୍ଭ ବେଳେ ମୋ' ସହ ଏଇ ଘଟଣାଟି ଘଟିଲା। ତା'ର ଫୋନ୍ ବନ୍ଦ। ଦିବସାନ୍ତରେ ଫୋନ୍ ଖୋଲିଲା। ପଚାରିଲା -

-ଅଭିମାନ କରିଥିଲି। କାହିଁ ଥରୁଟେ ତ ଖୋଜିଲନି ?

-ଖୋଜିଛି ବହୁତ। ସବୁ ପାଇଲି। ସବୁ ଜିନିଷ ର ବିକଳ୍ପ ମିଳିଗଲା। କେବଳ ଗୋଟାଏ ଜିନିଷ ର ବିକଳ୍ପ ମିଳୁନି ମୋତେ।

-କଣ ?

-ତୋ'ରରରରର...

-ସତରେ ଖୋଜିଛ ?

-ହଁଅଁ

-କେଉଠି ଖୋଜିଲ ?

-ଓ ଏଲ୍ ଏକ୍ସ ରେ ....

-ସିଏ କ'ଣ ଗୋଟେ ?

-ଯେଉଁ ହାଟରେ ଜଣେ ପୁରୁଣା ଭାବି ବିକ୍ରି କରିଦିଏ। ଯେଉଁଠୁ ଜଣେ ପୁରୁଣା ଜାଣି ସୁଦ୍ଧା କିଣିଥାଏ। -ହାଟରେ ପୁଣି ପ୍ରେମିକା ଖୋଜା ?

-ତୁ ସେତେବେଳୁ ଫୋନ୍ ବନ୍ଦ ରଖିଛୁ। କେହି ମୁନାଫାଖୋର ତୋତେ ଅପହୃତ କରି କାଳେ ବିକ୍ରି କରିଦେବାକୁ ବସିଥିବ ?

-ଏତେ ଭଲପାଅ। ପୁଣି କୁଆଡେ ମୋର ଅପହୃତ ହୋଇଯିବାର ଭୟ କରଯେ ? -ତୋ' ସୁନ୍ଦରପଣର ପ୍ରମାଣ, ଆଉ କେଉଁ ଉପାୟ ରେ ଦିଅନ୍ତି ମୁଁ? ତୁ ଏକ ବିକଳ୍ପହୀନ ପ୍ରେମିକା।

-ଆଉ ସେଇ ସ୍ତ୍ରୀ ଲୋକଟି ? ଆମେ ବୋଧେ ଯେଉଁଠୁଁ ପ୍ରଥମେ ଆରମ୍ଭ କରିଥିଲୁ , ସେଇଯାଗାକୁ ପୁଣି ଫେରି ଆସିଲୁ। ମୁଁ ଉତ୍ତର ଫେରାଇଲି -

-ସିଏ ଏବେ ଓ ଏଲ୍ ଏକ୍ସ ରେ ଉପଲବ୍ଧ ....

**ଘଟଗାଁ, କେନ୍ଦୁଝର**



## ଗଛ

**ଜ୍ଞାନ ହୋତା**

ବିରାଟ ଗଛ। ବହୁ ପୁରୁଣା ଗଛଟିଏ ବୋଲି ପୁରୁଣା କାଳିଆ ଲୋକେ କହନ୍ତି। ଭାରି ଝଙ୍କାଳିଆ। ଏଇ ଗଛ ମୂଳେ ଷଣ୍ଢ ସମେତ ଆଉ କିଛି ପ୍ରାଣୀ ସବୁବେଳେ ରହିଥାଆନ୍ତି। କେହି କେହି କହନ୍ତି ଯେ ଏ ପ୍ରାଣୀମାନେ ଗଛକୁ ଜଗିଚନ୍ତି। ଆଉ କେହି କହନ୍ତି ଯେ ଏ ଗଛଟି ଏମାନଙ୍କର ଏକମାତ୍ର ଆଶ୍ରୟ। ଏ ଗଛଟି ସାଧାରଣ ଗଛ ନୁହେଁ। କଳ୍ପ ବୃକ୍ଷ ବି ନୁହେଁ। ତେବେ ଗଛଟି ଅତୀବ ବିଚିତ୍ର। ସବୁଗଛ ପରି ଏହା ମଧ୍ୟ ଫଳ ଧାରଣ କରେ। କିନ୍ତୁ ଫଳ ପ୍ରତିବର୍ଷ ଫଳି ନ ଥାଏ। ପାଞ୍ଚ ବର୍ଷରେ ଥରଟିଏ ଫଳ ଫଳେ। ବିରାଟ ବିରାଟ ଫଳ। ପ୍ରାୟ ଦେଢ଼ ଶହ ସରି ସୁନ୍ଦର ସୁନ୍ଦର ଫଳ। ଫଳଭର୍ତ୍ତି ଗଛଟି ସମସ୍ତଙ୍କୁ ଆକର୍ଷିତ କରେ। ଅନ୍ୟ ଗଛର ଡାଳରୁ କପିଗଣ ଏଇ ଗଛକୁ ଡିଆଁ ମାରି ଆସନ୍ତି। ପକ୍ଷୀମାନେ ଏ ଗଛକୁ ଏଇ ସମୟରେ ହିଁ ଉଡ଼ିଉଡ଼ି ଆସନ୍ତି। ବିଡ଼ମ୍ବନାର କଥାଟି ହେଉଛି- ଏ ଗଛକୁ ଜଗିଥିବା ବା ତା' ମୂଳରେ ଆଶ୍ରୟ ନେଇଥିବା ଷଣ୍ଢାଦି ପ୍ରାଣୀଙ୍କ ଭାଗ୍ୟରେ ଫଳଭକ୍ଷଣର ସୁଯୋଗ ଅଳ୍ପ ମିଳେ। ପ୍ରାୟତଃ ଡେଇଁଥିବା କପି ଓ ଚଢ଼େଇଙ୍କୁ ହିଁ ଏ ଫଳ ଭକ୍ଷଣର ସୁଯୋଗ ମିଳିଥାଏ। ଗଛ ଓ ଫଳର ବର୍ଣ୍ଣନା କଲୁ ମାତ୍ର। ଏହାକୁ ଯଦି କେହି ରାଜନୀତି ଗଛ ବୋଲି ଭାବେ, ଏ ଲେଖକ ଦାୟୀ ନୁହେଁ।

**ଚହଟା, ବିଡ଼ାନାସୀ, କଟକ-୧୪**

## ଅନନ୍ତ ବାବୁଙ୍କ କାନ୍ଦ

**ଅମରେଶ ବିଶ୍ୱାଳ**



ଦେଶର ରାଜଧାନୀରେ ହେବାକୁ ଥିବା, କୋଉ ଗୋଟେ ବଡ଼ ଜାକଜମକିଆ ସରକାରୀ ସଭାକୁ ଯିବାକୁ, ଓଡ଼ିଆ ନେଖକଙ୍କର ଗୋଟେ ସୌଦାତାଲିକା ବାହାରିଲା। ଅନନ୍ତ ବାବୁଙ୍କର ସେଥିରେ ନାଁ ନଥିଲା।

ତେଣୁ ସେ ବୁହେ କାନ୍ଦିଲେ।

ପତ୍ନୀ କହିଲେ- ତମେ କି ଚୋପା ନେଖକ କିହୋ.. ଦିନରାତି ନେଖୁଚ.. ରାତିସାରା ବସିକି ନେଖୁଚ ନା ଝିଅଙ୍କ ସହ ଚାଆଟ୍ କରୁଚ ? ଆଜିଠୁ ସେ ଗପ ଉପନ୍ୟାସ ଛାଡ଼, ଆଠ ଧାଡ଼ିଆ କବିତା ନେଖ, ଆଉ ରାତିରେ ଆରାମରେ ଶୁଅ। ପତ୍ନୀଙ୍କ କଥା ଅନନ୍ତ ବାବୁଙ୍କୁ ଭାରି ବାଧିଲା। ସେ ପୁଣି ବୁହେ କାନ୍ଦିଲେ।

ଏହି ସମୟରେ ଜଣେ ସୁନ୍ଦରୀ ଜୁନିୟର୍ ଲେଖିକା ଫୋନ୍ କଲେ। ପଚାରିଲେ- ସାଆର୍ ଆପଣ ଏତେବଡ଼ ସଜନା ଗଛ ଭଳିଆ ଲେଖକ, କେତେ ଲେଖିଛନ୍ତି, ଲେଖି ଲେଖି କାଗଜ ଚିରି ପକେଇଛନ୍ତି, ଅଥଚ ତାଲିକାରେ ଆପଣଙ୍କ ନାଁ ବି ନାହିଁ !! କି ଆଶ୍ଚର୍ଯ୍ୟର କଥା। କିଛି ଗୋଟେ କରନ୍ତୁ। ଆଉ କିଏ କହିଥିଲେ ଅନନ୍ତ ବାବୁଙ୍କୁ ବାଧି ନଥାନ୍ତା। ସୁନ୍ଦରୀ ଲେଖିକାଙ୍କ କଥାଟା ତାଙ୍କ ପନିର୍ ଭଳିଆ ନରମିଆ ଲେଖକ ହୃଦୟକୁ ଭାରି ବାଧିଲା। ତେଣୁ ସେ ପୁଣି ବୁହେ କାନ୍ଦିଲେ।

ଏହାପରେ, ତାଲିକାରେ ବିଭ୍ରାଟ ହେଇଚି ବୋଲି, ଜଣେ ବଡ଼ ସାହିତ୍ୟିକ ଲେଖିଲେ। ସେଥିରେ ଆଉକିଛି ସାହିତ୍ୟିକଙ୍କ ନାଁ ଯୋଡ଼ାହେବା ଉଚିତ ବୋଲି କହି, ସେ କୋଡ଼ିଏ ଲେଖକଙ୍କ ନାଁ ଦେଲେ। କିନ୍ତୁ ସେଥିରେ ବି ଅନନ୍ତ ବାବୁଙ୍କର ନାଁ ନଥିଲା।

କଥାଟି ତାଙ୍କୁ ଭାରି ବାଧିଲା। ତେଣୁ ସେ ପୁଣି ବୁହେ କାନ୍ଦିଲେ।

ଜଣେ ସମଧର୍ମା ଲେଖକ, ଅନନ୍ତ ବାବୁଙ୍କୁ ଉସୁକେଇଲେ। କହିଲେ- ତମେ ବି ଏହା ବିରୋଧରେ ଲେଖ। ଏ ମାମଲାରେ ଏତେଟା ଥଣ୍ଡା ପଡ଼ିବା ଉଚିତ ନୁହେଁ। ନହେଲେ ସାହିତ୍ୟିକ ବଦବୀଟା ହାତରୁ ଖସିଯିବ। ବିରୋଧ କରିକି ଲେଖୁନ ବୋଲି ତମକୁ କେହି ଗୁରୁତ୍ୱ ଦେଉନାହାଁନ୍ତି। ବୁଝିଲ ?

ସକାଳୁ ଆସି ସଂଜ ହେଲା, ଅନନ୍ତ ବାବୁ ଫେସବୁକ୍ ଖୋଲିକି ବସିଛନ୍ତି କିଛି ଗୋଟେ ଲେଖିକି ଓଲଟେଇ ଦେବେ ବୋଲି, କିନ୍ତୁ ଦୁଇଟି ଅକ୍ଷର ମଧ୍ୟ ଲେଖିପାରିଲେ ନାହିଁ। ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ପରି ତାଙ୍କ ଅବସ୍ଥା। ସମସ୍ତେ ତାଙ୍କୁ ନିଜର ଲାଗିଲେ। ତେଣୁ ସେ ଲେଖିପାରିଲେ ନାହିଁ। ଏହି କଥାକୁ ନେଇ ଅନନ୍ତ ବାବୁ ପୁଣି ବୁହେ କାନ୍ଦିଲେ।



*(ଏହି ଲେଖାଟି ସଂପୂର୍ଣ୍ଣରୂପେ କଳ୍ପନା ପ୍ରସୂତ। ବାସ୍ତବ ଦୁନିଆର ଘଟଣା ଓ ଚରିତ୍ର ସହ ଏହାର କୌଣସି ସଂପର୍କ ନାହିଁ। ଯଦି କୌଣସି ଘଟଣା ଓ ଚରିତ୍ର ସହ ଏହା ମେଳ ଖାଉଥାଏ, ତେବେ ତାହା କେବଳ ଏକ ସଂଯୋଗ ମାତ୍ର।)*

# ୨୦୨୬ ସୁଦ୍ଧା ନକ୍ସଲ ମୁକ୍ତ ହେବ ଛତିଶଗଡ଼




ନୂଆଦିଲ୍ଲୀ,୧୫।୧୨: କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ରାୟପୁରରେ ଛତିଶଗଡ଼ ପୁଲିସକୁ ସମ୍ମାନଜନକ 'ପ୍ରେସିଡେଣ୍ଟ୍ସ କଲର' ପ୍ରଦାନ କରିଛନ୍ତି। ଏହି ଉତ୍ସବରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେଓ ସାଏ ଏବଂ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟ ଶର୍ମାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ 'ପ୍ରେସିଡେଣ୍ଟ୍ସ କଲର' ପାଇବା ଏକ ଗୌରବର ବିଷୟ, ଯାହା ଯେ କୌଣସି ସଶସ୍ତ୍ର ବାହିନୀ ପାଇଁ ଏକ ସମ୍ମାନର ସ୍ୱୀକୃତି। ଛତିଶଗଡ଼ ପୁଲିସ ପ୍ରତିଷ୍ଠାର ମାତ୍ର ୨୫ ବର୍ଷ ମଧ୍ୟରେ ଏହି ସମ୍ମାନ ହାସଲ କରିଥିବାରୁ ସେ ତାଙ୍କୁ ପ୍ରଶଂସା କରିଥିଲେ। ଶ୍ରୀ ଶାହ ଛତିଶଗଡ଼ ପୋଲିସକୁ ଦେଶର ଅନ୍ୟତମ ଶ୍ରେଷ୍ଠ ବାହିନୀ ବୋଲି କହିଥିଲେ, ଯାହା ଏହାର ଉତ୍ସାହ, ସାହସ, ବୀରତ୍ୱ ଏବଂ ସମର୍ପଣ ପାଇଁ ପ୍ରସିଦ୍ଧ। ରୌପ୍ୟ ଜୟନ୍ତୀ ବର୍ଷରେ 'ପ୍ରେସିଡେଣ୍ଟ୍ସ କଲର' ପାଇବା ବାହିନୀର ନିରନ୍ତର ପରିଶ୍ରମ, ପ୍ରତିବଦ୍ଧତା, ସାହସିକତା ଏବଂ ଜନସାଧାରଣଙ୍କ ସହ ଗଭୀର ସମ୍ପର୍କର ପ୍ରମାଣ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଆଇନ ଶୃଙ୍ଖଳା ବଜାୟ ରଖିବା, ନକ୍ସଲବାଦର ମୁକାବିଲା, ନିଶାମୁକ୍ତ ଭାରତ ଅଭିଯାନକୁ ଆଗେଇ ନେବା, ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ରାଜ୍ୟର ନାଗରିକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାରେ ଛତିଶଗଡ଼ ପୁଲିସର ଉଲ୍ଲେଖନୀୟ ସେବା ପାଇଁ ସେ ପ୍ରଶଂସା କରିଥିଲେ। ଶ୍ରୀ ଶାହ ଛତିଶଗଡ଼ରେ ଶାନ୍ତି ଓ ନିରାପତ୍ତା ବୃଦ୍ଧି ରେ ବାହିନୀର ଅତୁଟ ସମର୍ପଣ ଏବଂ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଥିଲେ। ଆଜି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି। ସର୍ଦ୍ଦାର ପଟେଲଙ୍କ ଅତୁଳନୀୟ ସାହସ ଓ ସଂକଳ୍ପ ହିଁ ଦେଶକୁ ଏକଜୁଟ କରିଛି ବୋଲି ସେ କହିଥିଲେ। ଶ୍ରୀ ଶାହ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଧାରା ୩୭୦ ଉଚ୍ଛେଦ କରି ସର୍ଦ୍ଦାର ପଟେଲଙ୍କ ଅସମ୍ପୂର୍ଣ୍ଣ ମିଶନକୁ ପୂରଣ କରିଥିଲେ, ଯାହା ଦ୍ୱାରା କାଶ୍ମୀରକୁ ସ୍ଥାୟୀ ଭାବରେ ଭାରତ ସହ ମିଶ୍ରଣ କରାଯାଇଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ ସମଗ୍ର ଦେଶ ଆଜି ସର୍ଦ୍ଦାର ପଟେଲଙ୍କୁ ଗଭୀର କୃତଜ୍ଞତାର ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଶ୍ରୀ ଅମିତ ଶାହ କହିଥିଲେ ଯେ ଛତିଶଗଡ଼ ଗଠନ ପାଇଁ ଦୀର୍ଘ ଦିନର ଦାବି ଶ୍ରୀ ଅଟଳ ବିହାରୀ ବାଜପେୟୀ ପୂରଣ କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଛତିଶଗଡ଼ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ନକ୍ସଲ ମୁକ୍ତ ହେବ ବୋଲି ଗୃହମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଛନ୍ତି।

## ହୋଟେଲ ଛାତରୁ ଡେଇଁଲେ ଯୁବକ



ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ): ଏକ ତରଫା ପ୍ରେମର କରୁଣ ପରିଣତି । ମହିଳାଙ୍କ ପାଇଁ ଜୀବନ ହାରିଲେ ଯୁବକ। ମହିଳାଙ୍କ ସହ ପାର୍ଟିରୁ ପରେ ଭୁବନେଶ୍ୱର ସାମପୁର ଅଞ୍ଚଳରେ ଥିବା ଏକ ଓୟୋ ହୋଟେଲ ଛାତରୁ ଡେଇଁ ପଡ଼ିଥିବା ଜଣାପଡ଼ିଛି। କିଛିଦିନ ତଳେ ଡ୍ୟାନ୍ସ ପ୍ରୋଗ୍ରାମ ପାଇଁ ବିହାର ଯାଇଥିଲେ ଏହି ଗ୍ରୁପ। ୩ ମହିଳାଙ୍କୁ ନେଇ ଏକ ଡ୍ୟାନ୍ସ ଗ୍ରୁପ ଚଳାଉଥିଲେ ଯୁବକ। ନିଜ ଗ୍ରୁପ ଓ ମହିଳାଙ୍କ ସହ ପ୍ରୋଗ୍ରାମ ସାରି ଫେରିବା ପରେ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ଓ ପାଟିତୁଣ୍ଡ ହୋଇଥିଲା। ଏହା ପରେ ଏପରି ଘଟଣା ଘଟିଥିବା ଜଣାପଡ଼ିଛି। ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ କରିବା ସହ ମହିଳାଙ୍କ ନୋଟିସ ଜାରି କରିଛି ଭରତପୁର ପୁଲିସ।

## ଟ୍ୱିନ୍ ସିଟି କ୍ରାଇମ୍

### ରକି ଭାଇଙ୍କୁ ମହଙ୍ଗା ପଡ଼ିଲା ହିରୋଗିରି




ଭୁବନେଶ୍ୱର,୧୫।୧୨ (ସଂଚାର ବ୍ୟୁରୋ): ଅଭିଯୋଗକାରୀ ରିହାନ ଖାନ୍ ଙ୍କର ଏତଲା ଆଧାରରେ ବଡ଼ଗଡ ଥାନା ପୁଲିସ Badagada Case No-757, Dt02.12.2024,126(2)/296(a)/351(3)/115(2)/117(2)/117(4)/109(1)/303(2)/3(5) BNSturnedtoU/s-126(2)/296(a)/351(3)/115(2)/117(2)/117(4)/109(1)/3(5) BNS. At Red Velvet coffee shop on puri bypass road, PS- Badagada, BBSR UPD. ମାମଲା ରୁଜୁ କରିବା ସହ ଏହାର ତଦନ୍ତ କରି ସମ୍ପୃକ୍ତ ଥିବା ଅଭିଯୋଗରେ ନିମ୍ନୋକ୍ତ ଅଭିଯୁକ୍ତ ଦୁହିଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ତା ୦୧.୦୧.୨୦୨୪ ରିଖ ସନ୍ଧ୍ୟା ପ୍ରାୟ ୯ ଟାରେ ଅଭିଯୋଗକାରୀଙ୍କର ସାନଭାଇ ଆହତ ସାହାଜାହାନ୍ ଖାନ୍ ଓ ତାଙ୍କର ବନ୍ଧୁ ଉଭୟେ ପୁରୀ ବାଇପାସ ରୋଡ଼ ରେ ଥିବା ରେଡ ଭେଲଭେଟ କଫି ଦୋକାନ କୁ ଯାଇଥିଲେ। ସେଠାରୁ ସେମାନେ ରାତି ପ୍ରାୟ ୧୦.୩୦ ରେ ଘରକୁ ଫେରୁଥିବା ବେଳେ ରାଜ ଓରଫ ରଘୁନାଥ ସାହୁ କୁ ଭେଟିଥିଲେ। ଅଭିଯୁକ୍ତ ରଘୁନାଥ ସାହୁ ତାଙ୍କର ବ୍ୟବସାୟ ଉଦେଶ୍ୟରେ ସାହାଜାହାନ୍ ଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଋଣ ଆକାରରେ ନେଇଥିଲେ ଯାହାକୁ ସେ ଫେରେଇବାର ପ୍ରତିଶ୍ରୁତି ଦେଇ ମଧ୍ଯ ଫେରାଉନଥିଲେ । ଏନେଇ ସାହାଜାହାନ୍ ପୂର୍ବରୁ କଳ୍ପନା ଛକ ନିକଟରେ ରଘୁନାଥ ଭେଟି ଟଙ୍କା ମାଗିଥିଲେ କିନ୍ତୁ ସେ ତାଙ୍କର ସହଯୋଗୀ ଙ୍କ ସହ ସାହାଜାହାନ୍ ଙ୍କୁ ହତ୍ୟା କରିବାର ଧମକ ଦେଇଥିଲେ । ଏହି ଘଟଣା ପରେ ପୁନର୍ବାର ଘଟଣା ଦିନ ସାହାଜାହାନ୍ ଅଭିଯୁକ୍ତ ରଘୁନାଥ କୁ ଘଟଣା ସ୍ଥଳରେ ଟଙ୍କା ମାଗିବାରୁ ସେ ଓ ତାଙ୍କର ସହଯୋଗୀ ମାନେ ମିଳିତ ଭାବରେ ସାହାଜାହାନ୍ ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ଓ ରକ୍ତ ଜୁଡୁବୁଡୁ ଅବସ୍ଥା ରେ ରାସ୍ତା ରେ ଫିଙ୍ଗି ଦେଇ ତାଙ୍କ ଉପରେ କାର ଚଢାଇ ଦେବାକୁ ଚେଷ୍ଟା କରିଥିଲେ । ଉକ୍ତ କଫି ଦୋକାନର କର୍ମଚାରୀ ମାନେ ସାହାଜାହାନ୍ ଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲ କୁ ନେଇ ଯାଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ କରି ଏହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ଦୁହିଁ ଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଅଭିଯୁକ୍ତ ଙ୍କୁ ପଚରା ଉଚରା ବେଳେ ଉଭୟେ ସେମାନଙ୍କର ଅପରାଧ ସ୍ୱୀକାର କରିଥିଲେ । ଅଭିଯୁକ୍ତ ଦୁହିଁଙ୍କର ପୂର୍ବାରଚିତ ଅପରାଧ୍ୟାକ ଯାଞ୍ଚ ବେଳେ ଅଭିଯୁକ୍ତ ରକି ନାମରେ ପୂର୍ବରୁ ପୁରୀ ଟାଉନ ଥାନା ରେ ଅସ୍ତ୍ରଶସ୍ତ୍ର ଜନିତ ଅପରାଧୂକ ମାମଲା ରହିଥିବା ଜଣା ପଡିଛି ।

### ସ୍କୁଲରେ ପଶି ଫସିଲା ଚୋର



ଭୁବନେଶ୍ୱର,୧୫।୧୨(ସଂଚାର ବ୍ୟୁରୋ): ଅଭିଯୋଗକାରିଣୀ ଙ୍କର ଏତଲା ଆଧାରରେ ମୈତ୍ରୀ ବିହାର ଥାନା ପୁଲିସ Maitrivihar PS Case No-542, dt. 09.12.24, U/s- 303(2) BNS. At Loyala School, PS- Maitri Vihar, BBSR UPD. ମାମଲା ରୁଜୁ କରିବା ସହ ଏହାର ତଦନ୍ତ କରି ସମ୍ପୃକ୍ତ ଥିବା ଅଭିଯୋଗରେ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ତା ୦୭.୧୨.୨୦୨୪ ରିଖରେ ଲୋୟଲା ସ୍କୁଲ ରେ ବାର୍ଷିକୀ ଉତ୍ସବ ଚାଲିଥିବା ବେଳେ ଅଭିଯୋଗକାରିଣୀ ଙ୍କର ପୁଅ ଜଏସ୍ ଓ ତାଙ୍କର ସାଙ୍ଗ ଏମଡି ଜୈବି ଖୁଣ୍ଟିଆ, ଓ ଅନ୍ୟ ମାନେ ଉକ୍ତ ସ୍କୁଲର ନବମ କ୍ଲାସ ଭିତରେ ତାଙ୍କର ବ୍ୟାଗ ଓ ମୋବାଇଲ ଫୋନ ରଖ୍ ଦେଇ ଉତ୍ସବ ଦେଖୁଥିଲେ । ସ୍କୁଲ ର ସମସ୍ତ କର୍ମଚାରୀ, ଅଭିଭାବକ ଓ ପିଲାମାନେ ବାର୍ଷିକୀ ଉତ୍ସବ ଦେଖୁଥିବା ଥିବା ସମୟରେ ଅଭିଯୁକ୍ତ ଜଣକ ସ୍କୁଲ ର ୩ ନଂ ଗେଟ ଦେଇ ସ୍କୁଲ ଭିତରେ ପଶିଥୁଲେ ଓ ସୁଯୋଗ ଦେଖ୍ ନବମ ଶ୍ରେଣୀ ଭିତରୁ ୨ଟି ମୋବାଇଲ ଫୋନ ଓ ଗୋଟିଏ ଇୟର ପଡ୍ସ ଚୋରୀ କରି ପୁନର୍ବାର ଉକ୍ତ ଗେଟ ଦେଇ ବାହାରକୁ ଚାଲି ଯାଇଥିଲେ । ଏହି ମାମଲାର ତଦନ୍ତ କରି ମୈତ୍ରୀ ବିହାର ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନିମ୍ନୋକ୍ତ ଅଭିଯୁକ୍ତ କୁ ହାତିଆଶୁଣି ଛକ ନିକଟରୁ କାବୁ କରିବା ସହ ତାଙ୍କ ହେପାଜତରୁ ଚୋରୀ ସାମଗ୍ରୀ ଜବତ କରିଥିଲେ । ପଚରା ଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ । ଅଭିଯୁକ୍ତର ପୂର୍ବଚରିତ ଅପରାଧୁକ ଯାଞ୍ଚ ବେଳେ ତାଙ୍କ ନାମରେ ସୋନେପୁର ଥାନା ଓ ଚନ୍ଦ୍ରଶେଖରପୁର ଥାନା ରେ ୩ ଟି ଅପରାଧୂକ ମାମଲା ରହିଥିବା ଜଣା ପଡିଛି ।

### ଗଞ୍ଜେଇ ବେପାରୀଙ୍କ କୁଖ୍ୟାତ ବୁଦ୍ଧି




ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ): ଗତ କାଲି ତା. ୧୪.୧୨.୨୦୨୪ ରିଖରେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ନୟାପଲ୍ଲୀ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ପୁଲିସ ଟୀମ ଥାନା ଅନ୍ତର୍ଗତ କଳିଙ୍ଗ ଷ୍ଟାଡିୟମ ଗେଟ ନଂ ୮- ବି ନିକଟରେ ଅତର୍କିତ ଚଢଉ କରିବା ସହ ବେଆଇନ ଗଞ୍ଜେଇ କୁ ବିକ୍ରୟ କରିବା ନିମନ୍ତେ ପାହାଳ ପାର୍ଶ୍ୱରୁ ନୟାପଲ୍ଲୀ ଗଡ଼ସାହି କୁ ଏକ ଅଟୋ ଯୋଗେ ଚାଲାଣ କରି ଆଣୁଥିବା ସମୟରେ ଅଭିଯୁକ୍ତ ମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଅଭିଯୁକ୍ତ ମାନଙ୍କର ତଲାସି ବେଳେ ପୁଲିସ ସେମାନଙ୍କ ହେପାଜତରୁ ସମୁଦାୟ ୨୧ କେଜି ୧୦୦ ଗ୍ରାମ ଓଜନର ଗଞ୍ଜେଇ ସହ ୮୦୦ ଟଙ୍କା, ଓ ଚାଲାଣରେ ବ୍ୟବହୃତ ଅଟୋ ଟିକୁ ଜବତ କରିଥିଲେ । ପଚରାଉଚରା ବେଳେ, ଅଭିଯୁକ୍ତମାନେ ନିଜର ଅପରାଧ ସ୍ୱୀକାର କରିବା ସହ ଏହି ବେଆଇନ ଗଞ୍ଜେଇକୁ ନୟାପଲ୍ଲୀ ଗଡସାହି ରେ ଥବା ନିଶାଖୋର ବ୍ୟକ୍ତି ଙ୍କ ବିକ୍ରୟ କରୁଥିବା ଦର୍ଶାଇଥିଲେ ।

## ଆତ୍ମହତ୍ୟା ନା ହତ୍ୟା / ଯୌତୁକ ନିର୍ଯାତନା ଅଭିଯୋଗ



କଟକ,୧୫।୧୨(ସଂଚାର ବ୍ୟୁରୋ): ଚାଉଳିଆଗଞ୍ଜରେ ବଧୂ ହତ୍ୟା ଅଭିଯୋଗ। ଚାଉଳିଆଗଞ୍ଜ ତଳସାହିରେ ଘଟିଛି ଏପରି ଦୁଃଖଦ ଘଟଣା। ନବବଧୂଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ହେବା ପରେ କମିସନରେଟ୍ ପୁଲିସ୍ ମାମଲା ରୁଜୁ କରି ସ୍ୱାମୀ ଓ ତାଙ୍କର ଦୁଇ ଭାଇଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ୬ ବର୍ଷ ତଳେ ମାହାଙ୍ଗା ଅଞ୍ଚଳର ସୁଭଦ୍ରା ସାହୁଙ୍କ ବିବାହ ଚାଉଳିଆଗଞ୍ଜ ଅଞ୍ଚଳରେ ବିବାହ ହୋଇଥିଲେ। ବାହାଘର ପରେ ପରିବାର ଠିକ୍‌ଠାକ ଚାଲିଥିଲା। ଉଭୟଙ୍କ ଔରଷରୁ ଦୁଇଟି ପିଲା ଅଛନ୍ତି। ହେଲେ ଗତ କିଛି ମାସ ହେଲା ପରିବାର ଭିତରେ ଉଠିଥିଲା ଅଶାନ୍ତିର ଝଡ଼। ସୁଭଦ୍ରାଙ୍କ ଉପରେ ଆରମ୍ଭ ହେଲା ନିର୍ଯାତନା। ଯୌତୁକ ପାଇଁ ଶାଶୁଘର ଲୋକ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ନିର୍ଯାତନା ପାଉଥିଲେ ମଧ୍ୟ ପିଲାଙ୍କ ପାଇଁ ଶାଶୁ ଘରେ ରହୁଥିଲେ। ଶନିବାର ରାତିରେ ବାପଘର ଲୋକଙ୍କୁ ଝିଅ ଆତ୍ମହତ୍ୟା କରିଥିବା ଫୋନ ଯାଇଥିଲା। ଏକଥା ଶୁଣିବା ପରେ ରାତିରେ କଟକ ଦୌଡ଼ି ଆସିଥିଲେ ପରିବାର ଲୋକେ। ସେତେବେଳେ ଯାହା ଦେଖିଲେ, ତାହା ବିଶ୍ୱାସ କରିପାରିଲେନାହିଁ। ସୁଭଦ୍ରାଙ୍କ ଶରୀରରେ କ୍ଷତ ଓ ମାଡ ଚିହ୍ନ ଥିବା ବାପଘର ଲୋକେ ଦେଖିବାକୁ ପାଇଥିଲେ। ଝିଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଥିବା ନେ ଚାଉଳିଆଗଞ୍ଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶାଶୁ, ଶ୍ୱଶୁର, ନଣଦ ସହ ମୋଟ ୭ ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ ପରିବାର ଲୋକେ। ପୁଲିସ୍ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ସଠିକ ତଦନ୍ତ କରି ଦୋଷୀକୁ ଦଣ୍ଡ ଦିଆଯାଉ ବୋଲି ପରିବାର ଲୋକ ଦାବି କରିଛନ୍ତି। ଚାଉଳିଆଗଞ୍ଜ ଥାନା ପୁଲିସ ମୃତ ମହିଳାଙ୍କ ସ୍ୱାମୀ ସହ ତାଙ୍କ ଦୁଇ ଭାଇଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

## ଘର ଭାଙ୍ଗି ଦୁଇ ଛୁଆଙ୍କୁ ଦଳିଦେଲା ଦନ୍ତା



ସୁନ୍ଦରଗଡ଼, ୧୫।୧୨(ସଂଚାର ବ୍ୟୁରୋ): ଜିଲ୍ଲା ତାମରା ରେଞ୍ଜର କଣ୍ଡାପାଲି ଗାଁ ମୁଣ୍ଡା ସାହିରେ ଦୁଇ ଜଣ ଛୁଆଙ୍କୁ ମାରି ଦେଇଛି ହାତୀ। ସେମାନଙ୍କ ମଧ୍ୟରୁ ଜଣେ ପୁଅ ଓ ଅନ୍ୟ ଜଣେ ଝିଅ। ପୁଅଟିକୁ ୧୨ ବର୍ଷ ହୋଇଥିଲା। ଝିଅଟିକୁ ୩ ବର୍ଷ ହୋଇଥିଲା। ଗତକାଲି ରାତିରେ ସମସ୍ତେ ଶୋଇଥିବା ବେଳେ ହାତୀଟି ଘର ଭାଙ୍ଗି ଦେଇଥିଲା। ହାତୀ ଘର ଭାଙ୍ଗୁ ଥିବା ଦେଖି ପରିବାରର ସଦସ୍ୟମାନେ ଘର ବାହାରକୁ ଦୌଡ଼ି ପଳାଇ ଯାଇଥିଲେ। ପରିବାରର ଅନ୍ୟ ସଦସ୍ୟଙ୍କ ସହିତ ୧୨ ବର୍ଷର ବାଳକଟି ଦୌଡ଼ି ଯାଉଥିବା ବେଳେ ହାତୀ ତାକୁ ଟାଣି ନେଇ କଚାଡ଼ି ଦେଇଥିଲା। ସେହିପରି ଘରେ ରହିଯାଇଥିବା ୩ ବର୍ଷର ଝିଅଟିକୁ ମଧ୍ୟ ହାତୀ ମାରି ଦେଇଥିଲା। ଖବର ପାଇ ପୁଲିସ ଓ ବନ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଘଟଣାର ଯାଞ୍ଚ କରିଛନ୍ତି। ଶୁକ୍ରବାର (ଡିସେମ୍ବର ୧୩) ରାତିରେ ସୁନ୍ଦରଗଡ଼ ଜିଲ୍ଲା ତାମଦା ରେଞ୍ଜର ସାପଲତା ବିଟ୍‌ର ରୁଷି ମଠ ଜଙ୍ଗଲରେ ହାତୀ ଆକ୍ରମଣରେ ବନ ବିଭାଗର ଜଣେ ପାରା କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି।

## ୪୨ ବର୍ଷପରେ ଏକାଠି ହେଲେ



ଭୁବନେଶ୍ୱର,୧୫।୧୨(ସଂଚାର ବ୍ୟୁରୋ): ମହାରାଜ ଉଚ୍ଚ ବାଳକ ବିଦ୍ୟାଳୟ ୧୯୮୨ ବେଚ ର ବନ୍ଧୁ ମିଳନ ପାରଳାଖେମୁଣ୍ଡି ହୋମ ଫାର୍ମ ଠାରେ ଆଜି ଆୟୋଜନ ହୋଇଯାଇଛି ପ୍ରାୟ ୪୨ ବର୍ଷ ପରେ ପୁରୁଣା ସହପାଠୀ ମାନଙ୍କ ବନ୍ଧୁ ମିଳନ ହୋଇଛି ଦୀର୍ଘ ଦିନ ର ବ୍ୟବଧାନ ପରେ ସମସ୍ତ ଙ୍କ ସହ ଦେଖା ସାକ୍ଷତ ହୋଇଛି। ସତୁରି ଜଣ ବନ୍ଧୁ ଏଥିରେ ଯୋଗଦାନ କରି ପୁରୁଣା ସ୍ମୃତି କୁ ମନେ ପକାଇ ଥିଲେ। ଏହି ବନ୍ଧୁମିଳନ ରେ ବନ୍ଧୁ ମନେ ସୁଦୂର ଦିଲ୍ଲୀ, ଭୁବନେଶ୍ୱର, ନେଲୁରୁ, ବିଶାଖାପାଟଣା, ରାୟଗଡା ରୁ ଆସି ଯୋଗ ଦେଇଥିଲେ।

## ୫ମ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଯାପିତ




ଭୁବନେଶ୍ୱର,୧୫।୧୨ (ସଂଚାର ବ୍ୟୁରୋ): କିଟ୍ ବିଶ୍ୱବିଦ୍ୟାଳୟରେ ୧୩ ତାରିଖରୁ ଚାଲିଥିବା ୫ମ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଲିଉଡ୍ ଅଭିନେତା ଅମିତ ଶିଆଲ୍ ସିନେମା ଓ ସଂସ୍କୃତିର ବିକାଶର କିଟ୍‌ର ଭୂମିକାକୁ ପ୍ରଶଂସା କରିଥିଲେ । ସେ କହିଲେ ଭାରତର ପରମ୍ପରା ଓ ସଂସ୍କୃତି ସମୃଦ୍ଧ । ଆମ ଦେଶର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଭାଷା, ସଂସ୍କୃତି ଓ ପରମ୍ପରା ରହିଛି। ଏସବୁ ସତ୍ତ୍ୱେ ଆମେ ଏକାଠି ମିଶି ଆଗେଇ ପାରିଛୁ । ଆମର ସଂସ୍କୃତି ଓ ପରମ୍ପରାକୁ ନେଇ ଚଳଚ୍ଚିତ୍ର ନିର୍ମାଣ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ । ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ ପ୍ରସଙ୍ଗରେ ସେ କହିଲେ ଭଲ କାହାଣୀ ମିଳିଲେ ସେ ଓଡ଼ିଆ ଚଳଚ୍ଚିତ୍ର କରିବାକୁ ଆଗ୍ରହୀ । ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଅନ୍ୟତମ ଅତିଥି ରାଜ ସାଣ୍ଡିଆଲ୍ କିଟ୍ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବକୁ ଆସି ବେଶ ଖୁସି ଅନୁଭବ କରୁଛନ୍ତି ବୋଲି କହିଥିଲେ । ବିଶେଷ କରି କିଟ୍ ଓ କିସରେ ଜଣେ ସାଧାରଣ ମଣିଷରୁ ଅସାଧାରଣ ମଣିଷ ହେବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଓ ସୁଯୋଗ ରହିଛି । ଏଠାକୁ ଆସି ଏକ ସକରାତ୍ମକ ଶକ୍ତି ଅନୁଭବ କରିପାରୁଛି ବୋଲି ସେ କହିଥିଲେ । ସେହିପରି ଓଡ଼ିଆ ଚଳଚ୍ଚିତ୍ର ଓ ଥିଏଟର ବ୍ୟକ୍ତିତ୍ୱ ଅନନ୍ତ ମହାପାତ୍ର କହିଲେ, ଏକ କାହାଣୀରୁ ଚଳଚ୍ଚିତ୍ର ତିଆରି ହୋଇପାରେ କିନ୍ତୁ ଗୋଟିଏ ଚଳଚ୍ଚିତ୍ର ଏକ କାହାଣୀ ହୋଇ ନ ପାରେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ତୁଷାର ହୀରାନନ୍ଦିନୀ, ଯଦୁମଣି ଦତ୍ତା, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଲୋକଙ୍କୁ ଧକ୍କା ଦେଇ ଓଲଟିଲା ବସ୍



ଭଦ୍ରକ,୧୫।୧୨ (ସଂଚାର ବ୍ୟୁରୋ): ରାସ୍ତାରେ ଚାଲି ଚାଲି ଯାଉଥିବା ଜଣେ ବ୍ୟକ୍ତିଙ୍କ ଉପରେ ଚଢ଼ି ଯିବା ପରେ ଓଲଟି ପଡ଼ିଲା ଏକ ଯାତ୍ରୀବାହୀ ବସ୍। ଫଳରେ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ରୁ ଅଧିକ ବସ୍ ଯାତ୍ରୀ ଆହତ ହୋଇଛନ୍ତି। ଘଟଣାଟି ଘଟିଛି ଭଦ୍ରକ ଜିଲ୍ଲା ବନ୍ତ ଥାନା ଜାଗୁଲାଇପଦା ଛକ ନିକଟରେ। ଆଜି ସକାଳ ପ୍ରାୟ ସାଢ଼େ ୭ଟା ବେଳେ ଅରୁପାନନ୍ଦ ନାମକ ଏହି ଘରୋଇ ବସ୍‌ଟି ଭଦ୍ରକରୁ ବନ୍ତ ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଜାଗୁଲାଇପଦା ଛକ ନିକଟରେ ରାସ୍ତାରେ ଚାଲି ଚାଲି ଯାଉଥିବା ଜଣେ ବ୍ୟକ୍ତିଙ୍କୁ ବସ୍‌ଟି ଧକ୍କା ଦେଇ ପୂରା ରାସ୍ତାରୁ ଓହ୍ଲାଇ ଯାଇଥିଲା ଓ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ବସ୍‌ରେ ଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ।

## ସଇତାନ୍ ସ୍ୱାମୀ ଗିରଫ / ପରକୀୟା ପ୍ରୀତି ପାଇଁ ଯୋଜନାବଦ୍ଧ ହତ୍ୟା



କଟକ,୧୫।୧୨ (ସଂଚାର ବ୍ୟୁରୋ): ମହାନଦୀ ପଠାରୁ ମହିଳାଙ୍କ ମୃତଦେହ ମିଳିବା ଘଟଣାରେ ପୋଲିସକୁ ବଡ ସଫଳତା । ମହିଳାଙ୍କୁ ହତ୍ୟା ମାମଲାରେ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି ପୋଲିସ । ଏକ ଦରଜୀ ଷ୍ଟିକରରୁ ପୋଲିସ ଅଭିଯୁକ୍ତ ପାଖରେ ପହଞ୍ଚି ଯିବା ସହ ତାଙ୍କୁ ଗିରଫ କରିଛି । ତେବେ ମୃତ୍ୟୁର କାରଣ କ'ଣ ଅଛି ସେ ନେଇ ପୋଲିସ କିଛି ସ୍ପଷ୍ଟ କରିନାହିଁ। ସୂଚନାଯୋଗ୍ୟ, ଗତ ଶୁକ୍ରବାର କଟକ ସଦର ପରମହଂସ କାଠଯୋଡ଼ି ନଦୀପଠାରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ତାଙ୍କୁ ଅତ୍ୟନ୍ତ ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା । ମହିଳା ଯେମିତି ଚିହ୍ନଟ ନହେବେ ସେଥିପାଇଁ ତାଙ୍କ ମୁହଁକୁ ନଷ୍ଟ କରି ଦେଇଥିଲା ଅଭିଯୁକ୍ତ । ଯାହା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା । ତେବେ ଘଟଣାସ୍ଥଳରୁ ମିଳିଥିବା ସାର୍ଟପ୍ୟାଣ୍ଟ, ମହିଳାଙ୍କ ଟାଟୁକୁ ଆଧାର କରି ପୋଲିସ ତଦନ୍ତକୁ ଆଗକୁ ବଢ଼ାଇଥିଲା । ମହିଳାଙ୍କ ହାତର ଗୋଟିଏ ପଟେ ଓମ୍ ବାବା ବଳିଆ ବୋଲି ଟାଟୁ କୁଟା ଯାଇଥିଲା । ଯାହାକୁ ଆଧାର କରି କାଳେ ମହିଳାଙ୍କ ସମ୍ପର୍କରେ କିଛି ସୂଚନା ମିଳିଯିବ, ସେଥିପାଇଁ ପୋଲିସ ଆଶ୍ରମକୁ ଯାଇଥିଲା। ହେଲେ ସେଠାରୁ ପୋଲିସକୁ ବେଶି କିଛି ସଫଳତା ମିଳି ନଥିଲା।ଏହାପରେ ଘଟଣା ସ୍ଥଳରୁ ମିଳିଥିବା ସାର୍ଟପ୍ୟାଣ୍ଟକୁ ଆଧାର କରି ତଦନ୍ତ ଆଗକୁ ବଢ଼ାଇଥିଲା । ପୋଲିସ ଜବତ କରିଥିବା ଏହି ସାର୍ଟପ୍ୟାଣ୍ଟରେ ଟେଲରର ଷ୍ଟିକର ଥିଲା । ଏହାକୁ ଦେଖି ପୋଲିସ ଉକ୍ତ ଟେଲରରେ ପହଞ୍ଚି ଯାଇଥିଲା । ଆଉ ସେଠାରୁ ଅଭିଯୁକ୍ତ ସ୍ୱାମୀ ପାଖରେ ପହଞ୍ଚି ଯାଇଥିଲା ।

## ଅଙ୍ଗନବାଡିରେ ପଦବୀ ଖାଲି




ଭୁବନେଶ୍ୱର,୧୫।୧୨: ରାଜ୍ୟର ଅଙ୍ଗନବାଡି କେନ୍ଦ୍ରଗୁଡିକରେ ପାଖାପାଖି ୧୮ଲକ୍ଷ ପିଲା ପାଠ ପଢୁଥିବାବେଳେ ଆଠ ଶହରୁ ଅଧିକ ସୁପରଭାଇଜର ପଦବୀ ଖାଲି ପଡଛି। ସେହିଭଳି ପାଖାପାଖି ୪ହଜାର ସହାୟିକା ପଦବୀ ବି ପୂରଣ ହୋଇପାରୁ ନାହିଁ। ଛୋଟ ଛୋଟ ପିଲାଙ୍କ ମୂଳଦୂଆ ତିଆରି ହେଉଛି ଗାଁ ଠାରୁ ସହର ପର୍ଯ୍ୟନ୍ତ ଥିବା ଅଙ୍ଗନାବାଡିରେ। ରାଜ୍ୟରେ ରହିଛି ମୋଟ୍ ୭୪, ୧୯୨ ଟି ଅଙ୍ଗନବାଡି କେନ୍ଦ୍ର। ଏଠାରେ ପଢୁଛନ୍ତି ୩ରୁ ୬ବର୍ଷ ବୟସର ପାଖପାଖି ୧୮ଲକ୍ଷ କୁନି କୁନି ପିଲା। ଏଠାରେ ମୂଳଦୂଆ ଦୃଢ ହେଲେ ଯିବେ ବିଦ୍ୟାଳୟକୁ। ଏହିସବୁ କେନ୍ଦ୍ରର ତଦାରଖ ପାଇଁ ରହିଛି ୨୯୨୨ଟି ମଞ୍ଜୁରୀପ୍ରାପ୍ତ ସୁପରଭାଇଜର ପଦବୀ। ହେଲେ ଏଥିରୁ ଖାଲି ପଡ଼ିଛି ୮୬୦ଟି। ସୁପରଭାଇଜର ନଥିବାରୁ ଅନେକ ସ୍ଥାନରେ ଅଙ୍ଗନବାଡିକେନ୍ଦ୍ରର ପରିଚାଳନା ଠିକଣା ଭାବେ ତଦାରଖ କରାଯାଇ ପାରୁନାହିଁ। ସେହିଭଳି ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ର ପାଇଁ ଗୋଟିଏ କରି ମଞ୍ଜୁରୀପ୍ରାପ୍ତ ଅଙ୍ଗନବାଡି କର୍ମୀ ପଦବୀ ରହିଛି। ତଦନୁଯାୟୀ ରାଜ୍ୟରେ ୭୪, ୧୯୨ ଜଣ ଅଙ୍ଗନବାଡି କର୍ମୀ ରହିବାକଥା। ହେଲେ ଏହି ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୬୬୦ଟି ପୂରଣ ହୋଇନାହିଁ।ଅଙ୍ଗନବାଡି କର୍ମୀ ଭଳି ଗୋଟିଏ କରି ମଞ୍ଜୁରୀପ୍ରାପ୍ତ ସହାୟିକା ପଦବୀ ମଧ୍ୟ ରହିଛି। ସହାୟିକା ପଦବୀ ମଧ୍ୟରୁ ବି ୩୯୨୯ଟି ଖାଲି ପଡ଼ିଛି। ମୋଟାମୋଟି ଭାବେ ଅଙ୍ଗନବାଡି ସୁପରଭାଇଜର ଠାରୁ ଆରମ୍ଭ କରି ଅଙ୍ଗନବାଡି କର୍ମୀ ପର୍ଯ୍ୟନ୍ତ ଶତାଧିକ ପଦବୀ ଖାଲି ପଡ଼ିଛି। ଏଥିଯୋଗୁଁ କେତେକ ଅଙ୍ଗନବାଡି ବିନା କର୍ମୀରେ ତ ଆଉ କେତେକ ଅଙ୍ଗନବାଡି କେବଳ ସହାୟିକାଙ୍କ ହାତରେ ଚାଲୁଛି। ବହୁ ସ୍ଥାନରେ ଏମାନଙ୍କ କାର୍ଯ୍ୟର ତଦାରଖ କରିବାକୁ କେହି ନାହିଁ। ଫଳରେ ପିଲାମାନଙ୍କ ଖାଦ୍ୟ, ସ୍ୱାସ୍ଥ୍ୟ ଆଦିର ତଦାରଖ ବହୁ ସ୍ଥାନରେ ବାଟବଣା ହେଉଛି। ବର୍ତ୍ତମାନ ସୁଦ୍ଧା ବି ରାଜ୍ୟର ୪ହଜାରରୁ ଅଧିକ ଅଙ୍ଗନବାଡିର ନିଜସ୍ୱ ଘରଟିଏ ନାହିଁ। ଏହିସବୁ କେନ୍ଦ୍ର ଭଡାଘରେ ଚାଲୁଛି ଓ ଭଡା ବାବଦରେ ସରକାର ବର୍ଷକୁ ୧୬କୋଟି ୩୬ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ୬୦୦ଟି ଅଙ୍ଗନବାଡି କେନ୍ଦ୍ରକୁ ଏମଜିଏନଆରଇଜିଏସ୍ ସହଭାଗିତାରେ ଏବଂ ୫୮ଟି ଅଙ୍ଗନବାଡି କେନ୍ଦ୍ରକୁ ଜନମନ ଯୋଜନାରେ ନିର୍ମାଣ ପାଇଁ କେନ୍ଦ୍ର ସରକାର ୧୪କୋଟି ୧୬ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟରେ ୨୮୪୦ଟି ଅଙ୍ଗନବାଡି କେନ୍ଦ୍ରର ଗୃହ ନିର୍ମାଣ ହୋଇଥିବା ଜଣାଯାଇଛି। ରାଜ୍ୟର ଅଙ୍ଗନବାଡି କେନ୍ଦ୍ରଗୁଡିକରେ ପଢୁଥିବା ଶିଶୁଙ୍କ ମଧ୍ୟରେ ସର୍ବାଧିକ ୧, ୫୩, ୨୧୫ ଜଣ ଗଞ୍ଜାମ ଜିଲ୍ଲାରେ ଥିବାବେଳେ ମୟୁରଭଞ୍ଜରେ ଦ୍ୱିତୀୟ ସର୍ବାଧିକ ୧, ୧୪, ୨୬୨ ଜଣ ରହିଥିବା ନିକଟରେ ବିଧାନସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ମହିଳା ଓ ଶିଶୁ ବିକାଶ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। (ତଥ୍ୟ)

## 'ବିଜେବି ଫ୍ରେଣ୍ଡ୍ସ'ର ବାର୍ଷିକ ବନ୍ଧୁ ମିଳନ




ଭୁବନେଶ୍ୱର,୧୫।୧୨ (ସଂଚାର ବ୍ୟୁରୋ): ବିଜେବି କଲେଜ ପୁରାତନ ଛାତ୍ର ସଂଘ 'ବିଜେବି ଫ୍ରେଣ୍ଡସ ' ର ବାର୍ଷିକ ବନ୍ଧୁ ମିଳନ ରବିବାର ଡିସେମ୍ବର ୧୫ ତାରିଖ ଦିନ ବିଜେବି କଲେଜ ପ୍ରାଙ୍ଗଣରେ ଆୟୋଜିତ ହୋଇ ଯାଇଛି। ରବିବାର ସକାଳେ ବକ୍ସି ଜ୍ୟୋତି କଲେଜ ପ୍ରାଙ୍ଗଣରେ ପହଂଚିବା ପରେ ବକ୍ସି ଜଗବନ୍ଧୁ ଓ ମହାତ୍ମାଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା। ତତ୍ପରେ ଉପସ୍ଥିତ ପୂରାତନ ଛାତ୍ର ତଥା ଓଡିଶା ସରକାରଙ୍କ ଆଇନ ଓ ପୂର୍ତ୍ତବିଭାଗ ମାନ୍ୟବର ମନ୍ତ୍ରୀ ପୃଥୀବିରାଜ ହରିଚନ୍ଦନ, ରିଜର୍ଭ ବ୍ୟାଙ୍କ ର ଡେପୁଟି ଗଭର୍ଣ୍ଣର ଟି. ରବିଶଙ୍କର, ପୂର୍ବତନ ବାଚସ୍ପତି ଶ୍ରୀଯୁକ୍ତ ବିଭୂତି ଭୂଷଣ ସିଂ ମର୍ଦ୍ଦରାଜ ଓ ପୂର୍ବତନ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରମୁଖ ଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଥିଲା। ପ୍ରାରମ୍ଭ ରେ ସଙ୍ଘ ର ସଭାପତି ଶ୍ରୀ ଦେବାଶିଷ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ସମ୍ପାଦକ ଶ୍ରୀ ସତ୍ୟବ୍ରତ ଧୂପାଳ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ବିଜେବି କଲେଜର ଅଧ୍ୟକ୍ଷା ଡ଼କ୍ଟର ଇତିଶ୍ରୀ ପାଢ଼ୀ ମଧ୍ୟ ତାଙ୍କ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଓଡିଶାର ଆଇନ ଓ ପୂର୍ତ୍ତବିଭାଗ ମାନ୍ୟବର ମନ୍ତ୍ରୀ ପୃଥୀବିରାଜ ହରିଚନ୍ଦନ, ରିଜର୍ଭ ବ୍ୟାଙ୍କ ଡେପୁଟି ଗଭର୍ନର ଟି. ରବିଶଙ୍କର, ଶୌର୍ଯ୍ୟ ଚକ୍ର ବିଜେତା କ୍ୟାପଟେନ ପ୍ରିୟଦର୍ଶୀ ଚୌଧୁରୀ ଓ ବରିଷ୍ଠ କ୍ରୀଡା ସାମ୍ବାଦିକ ଶ୍ରୀ ଦିଗବିଜୟ ସିଂହଦେଓ ମହୋଦୟ ଙ୍କୁ ସେମାନଙ୍କ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଚଳିତ ବର୍ଷ ବିଜେବି କଲେଜର କଳା, ବିଜ୍ଞାନ ଓ ବାଣିଜ୍ୟ ରେ ସର୍ବାଧିକ ମାର୍କ ରଖିଥିବା କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଅଲ ରାଉଣ୍ଡର ଭାବେ ଛାତ୍ରୀ ଶ୍ରାବଣୀ ସାମନ୍ତରାୟ ଓ ତପସ୍ୱିନୀ ଦାସ ଙ୍କୁ ଖଣ୍ଡପଡା ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଗତ ନଭେମ୍ବର ୩୦ ତାରିଖରେ ଆୟୋଜିତ ହୋଇଥିବା ଆନ୍ତଃ କଲେଜ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବା ସହ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଙ୍ଘ ର ସ୍ମରଣିକା ଶୋଭେନିୟର-୨୦୨୪ ଉନ୍ମୋଚିତ ହୋଇଥିଲା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା। ବିଜେବି ଫ୍ରେଣ୍ଡସ ର ଉପ ସଭାପତି ଶ୍ରୀ ରାଜ କିଶୋର ଚୌଧୁରୀ, ଶ୍ୟାମସୁନ୍ଦର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କେଦାର ପଟ୍ଟନାୟକ, ରିଜର୍ଭ ବ୍ୟାଙ୍କ ର ପୂର୍ବତନ ଡେପୁଟି ଗଭର୍ନର ହାରୁନ ରଶିଦ ଖାଁ, ଶିବାନନ୍ଦ ରାୟ, ଚିତ୍ରା କାନୁନଗୋ, ଶୁଭଦର୍ଶିନୀ ମିଶ୍ର, ସଂପ୍ରିତି ପଣ୍ଡା, ନମିତା ପଟ୍ଟନାୟକ, ପିଙ୍କି ପ୍ରଧାନ ଓ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇ ପୁଣି ଥରେ କଲେଜ ର ସେଇ ପୁରୁଣା ସ୍ମୃତିକୁ ଉଜ୍ଜୀବିତ କରିଥିଲେ।

## ଜୀବନ ଅମୃତ ଅନୁଚିନ୍ତା

ବିବେକହୀନ ଜ୍ଞାନ-ବିବେକହୀନ ଜ୍ଞାନ ମୂଲ୍ୟହୀନ। ଅଜ୍ଞାନ ବ୍ୟକ୍ତି ତୁଳନାରେ ବିବେକ ରହିତ ଜ୍ଞାନୀ ଅଧିକ ବିପଜ୍ଜନକ। କାରଣ କେବଳ ଜ୍ଞାନ ଥିଲେ ତାହାର କିଛି ମୂଲ୍ୟ ନାହିଁ ଯେ ପର୍ଯ୍ୟନ୍ତ ସଦୁପଯୋଗ ହୋଇନାହିଁ।

SANCHAR
ସଂଚାର



# ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

ଭାରତରେ ପ୍ରଚଳିତ ଆଇନ ବ୍ୟବସ୍ଥାରେ ଅନେକ ଫାଙ୍କ ରହିଛି ଯାହାକୁ ବନ୍ଦ କରାଯିବା ଉଚିତ। ଭାରତୀୟ ଆଇନ ବ୍ୟବସ୍ଥା ଉଦାରବାଦୀ ଚିନ୍ତାଧାରା ଉପରେ ଆଧାରିତ। ମାନାବଧି ସୁରକ୍ଷାକୁ ଏହା ଗୁରୁତ୍ୱ ଦେଇ ଆସିଛି। ହଜାରେ ଦୋଷୀ ପେଉ ଛାଡ଼ ପାଇଯାଆନ୍ତୁ କିନ୍ତୁ ଜଣେ ନିର୍ଦ୍ଦୋଶ ଦଣ୍ଡ ନପାଉ ଏହାର ଭାରତୀୟ ଆଇନ ବ୍ୟବସ୍ଥାର ଆଧାର। ଭାରତରେ ଜଣେ ଅଭିଯୁକ୍ତ କୋର୍ଟରେ ଦୋଷୀ ସାବ୍ୟସ୍ତ ନହେବା ପର୍ଯ୍ୟନ୍ତ ତାଙ୍କୁ ନିର୍ଦ୍ଦୋଷ ବୋଲି ବିଚାର କରାଯାଇଥାଏ। ତେଣୁ ଅନେକ ସମୟରେ ବେନିଫିଟ ଅଫ ଡାଉଟରେ ଅନେକ ଦଣ୍ଡରୁ ତ୍ରାହି ପାଇଯାଆନ୍ତି। ସେହିପରି ଅନେକ ସମୟରେ ପ୍ରଚଳିତ ଆଇନର ଦୁରୂପଯୋଗ ମଧ୍ୟ ହେଉଥିବାରୁ ଅଭିଯୋଗ ଆସୁଛି। ଏହା ଏକ ମାରତ୍ମକ ଘଟଣା। ସେଥିନେଇ ସୁପ୍ରିମକୋର୍ଟ ଅନେକ ଥର ଉଦବେଗ ପ୍ରକାଶ କରିବା ସହିତ ଏହାର ନିରାକରଣ ଲାଗି ପରାମର୍ଶ ଦେଇଛନ୍ତି ଯାହା ଯଥାର୍ଥ। କିଛି ବର୍ଷ ତଳେ ସୁପ୍ରିମକୋର୍ଟ ଅନସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରୋଧ ଆଇନର ଦୁରୂପଯୋଗ ରୋକିବାକୁ ଏକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଆଇନକୁ କେତେକ ଅସ୍ତ୍ର କରୁଛନ୍ତି ଏବଂ ମିଥ୍ୟା ଅଭିଯୋଗ କରୁଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରୋଧ ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ଅଭିଯୋଗ ଆସିବା ମାତ୍ରେ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି ଏବଂ ଜାମିନ ଖାରଜ ହେଉଛି। ଅନେକ ସମୟରେ ବିନା ଦୋଷରେ ଅଭିଯୁକ୍ତଙ୍କୁ ଜେଲ ଯିବାକୁ ପଡୁଛି। ସମାଜ ଉପରେ ଏହାର ବ୍ୟାପକ ପ୍ରଭାବ ପଡୁଛି। ଅନେକ କ୍ଷେତ୍ରରେ ସାମାଜିକ ନ୍ୟାୟ ନାମରେ ଅନ୍ୟାୟ ହେଉଛି। ଜେଲ ଯିବା ଭୟରେ ଜଣେ ସରକାରୀ ଅଧିକାରୀ ନିଜ ଅଧିନସ୍ଥ ଅନ୍ୟ ଜଣେ କର୍ମଚାରୀ ଯଦି ସେ ଏସଟି/ଏସସି ସମ୍ପ୍ରଦାୟର ହୋଇଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଭୟ କରୁଛନ୍ତି। ତେଣୁ ସୁପ୍ରିମକୋର୍ଟ କହିଥିଲେ ଯେ, ଅଭିଯୋଗ ଆସିବା ପରେ ତତ୍କାଳଅଭିଯୁକ୍ତଙ୍କୁ ଗିରଫ ନକରି ଜଣେ ଡିଏସପି ପାହ୍ୟାର ଅଧିକାରୀ ଏହାର ତଦନ୍ତ କରି ପ୍ରାଥମିକ ପ୍ରମାଣ ସଂଗ୍ରହ କରନ୍ତୁ। ପ୍ରାଥମିକ ପ୍ରମାଣ ମିଳିବା ପରେ ଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ଏଥିପାଇଁ ଅତି ବେଶୀରେ ୧୫ ଦିନ ସମୟ ଦିଆଯାଉ। ଏହା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ସୁପ୍ରିମକୋର୍ଟ କାହା ପ୍ରତି କୋହଳ ଆଭିମୁଖ୍ୟ ଗ୍ରହଣ କରିବାକୁ କହିନଥିଲେ। କେବଳ ପ୍ରମାଣ ସଂଗ୍ରହ କରିବାକୁ କହିଥିଲେ। ଅଭିଯୋଗର ୧୫ ଦିନ ପରେ ଅଭିଯୁକ୍ତ ଗିରଫ ହେଲେ ଅଭିଯୋଗକାରୀ ଅନ୍ୟାୟର ଶିକାର ହେବେ ସେକଥା ନୁହେଁ। କିନ୍ତୁ ଆଇନର ଦୁରୂପଯୋଗ ନହେଉ, କେହି ବିନା ଦୋଷରେ ଦଣ୍ଡିତ ନହେଉ ସୁପ୍ରିମକୋର୍ଟ କେବଳ ଏହା ଚାହୁଁଥିଲେ। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ରାୟ ବିରୋଧରେ ଦେଶବ୍ୟାପୀ ପ୍ରବଳ ଜନଆନ୍ଦୋଳନ ହେଲା। ଅନେକ ସ୍ଥାନରେ ହିଂସା ଯୋଗୁଁ ଧନଜୀବନ ହାନି ହେଲା। ଅନେକ ସରକାରୀ ସମ୍ପତ୍ତି ନଷ୍ଟ ହେଲା। ଦେଶରେ ଏକ ପ୍ରକାର ଅରାଜକତା ସୃଷ୍ଟି ହେଲା। ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ଏହି ଆନ୍ଦୋଳନ ସରକାରଙ୍କୁ ଏହା ଉପରେ ପୁନର୍ବିଚାର କରିବାକୁ ବାଧ୍ୟ କରିଥିଲା। କିଛି ବିରୋଧୀ ରାଜନୈତିକ ଦଳ ଏହାକୁ ସରକାରଙ୍କ ବିରୋଧରେ ଅସ୍ତ୍ର କଲେ। ଭୋଟ ବ୍ୟାଙ୍କ ରାଜନୀତି ବା ସନ୍ତୁଷ୍ଟିକରଣ ରାଜନୀତି ଯୋଗୁଁ ଏଭଳି ହେଲା। ଶେଷରେ ସରକାର ଚାପରେ ପଡ଼ି ମୁଣ୍ଡ ନୁଆଁଇଲେ ଏବଂ ଆଇନରେ ସଂଶୋଧନ କଲେ। ସୁପ୍ରିମକୋର୍ଟଙ୍କ ରାୟ ଅକାମୀ ହୋଇଗଲା। ଏବେ ଯୌତୁକ ନିରୋଧ ଆଇନର ଦୁରୂପଯୋଗ ନେଇ ମାନ୍ୟବର ସୁପ୍ରିମକୋର୍ଟ ଯେଉଁ ପରାମର୍ଶ ଦେଇଛନ୍ତି ତାହା ମୂଲ୍ୟହୀନ ହୋଇନଯିବ ବୋଲି କୁହାଯାଇପାରିବ ନାହିଁ। ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୮ଏର ଦୁରୂପଯୋଗ ନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିବା ସହ ଏହାର ନିରାକରଣ ନିମନ୍ତେ ପରାମର୍ଶ ଦେଇଛନ୍ତି। ଏହି ଆଇନ ଅନୁଯାୟୀ କିଛି ମହିଳା ନିଜ ସ୍ୱାମୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ବିରୋଧରେ ମିଥ୍ୟା ଯୌତୁକ ଅଭିଯୋଗ ଆଣି ମାନସିକ ନିର୍ଯାତନା ଦେଉଥିବା ଏବଂ ବ୍ଲାକ ମେଲ କରୁଥିବା ଅଭିଯୋଗ ହେଉଛି। ନିକଟରେ ବୋଙ୍ଗାଲୁରୁର ଜଣେ ଯୁବ ଇଞ୍ଜିନିୟର ପତ୍ନୀଙ୍କ ନିର୍ଯାତନା ସହି ନପାରି ଆତ୍ମହତ୍ୟା କରିବା ଘଟଣା ପରେ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗ ଉଠାଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଆଇନ ନାଗରିକର ସୁରକ୍ଷା ଏବଂ ନ୍ୟାୟ ପାଇଁ ଉଦ୍ଦିଷ୍ଟ। କାହା ପ୍ରତି ଅନ୍ୟାୟ ହେବା ଏବଂ ବିନା ଦୋଷର କାହାରିକୁ ଦଣ୍ଡ ଆଇନର ଅଭିପ୍ରାୟ ନୁହେଁ। ଆମ ଆଇନର ଭୂଳ ଭିତ୍ତି ହେଲା ହଜାରେ ଦୋଷୀ ପଛେ ଛାଡ଼ ପାଇ ଯାଆନ୍ତୁ ଜଣେ ନିର୍ଦ୍ଦୋଷ ଯେପରି ଦଣ୍ଡ ନପାଉ। ଅନେକ ସମୟରେ ଆଇନର ଗଳାବାଟ ଦେଇ ଖସି ଯାଉଛନ୍ତି। ଆଉ ବିନା ଦୋଷରେ ବା ଅଭିଯୋଗର ପ୍ରାଥମିକ ପ୍ରମାଣ ବିନା ଅଭିଯୁକ୍ତଙ୍କୁ ଦୀର୍ଘ ଦିନ ଜେଲର କାଳ କୋଠରୀ ଭିତରେ ଦିନ କାଟିବାକୁ ପଡୁଛି। ସେଥିପାଇଁ ଜାମିନ ନିୟମରେ ସଂଶୋଧନ ଜରୁରୀ। ସେଥିପାଇଁ ଆଇନର ଦୁରୂପଯୋଗକୁ ରୋକାଯିବା ଜରୁରୀ। କେବଳ ଯୌତୁକ ନିରୋଧ ଆଇନ ବା ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ପ୍ରଦାନ ପାଇଁ ରହିଥିବା ଆଇନକୁ ଭଲଭାବେ ତର୍ଜମା କରାଯିବା ଜରୁରୀ। ସୁପ୍ରିମକୋର୍ଟ କହିଛନ୍ତି ଯେ, ଜଣେ ମହିଳା ବା ତାଙ୍କ ସମ୍ପର୍କୀୟ ଯେତେବେଳେ ଏହି ଆଇନ ଅନୁଯାୟୀ କାହା ବିରୋଧରେ ଅଭିଯୋଗ ଆଣୁଛନ୍ତି ସେତେବେଳେ ନିର୍ଦ୍ଦିଷ୍ଟ ଅଭିଯୋଗର ପ୍ରାଥମିକ ପ୍ରମାଣ ବିନା ତାଙ୍କୁ ଗିରଫ କରାଯିବା ଅନୁଚିତ। ପୋଲିସ ଅଭିଯୋଗ ଉପରେ ତତ୍କାଳ ତଦନ୍ତ କରି ଠୋସ ପ୍ରମାଣ ପାଇବା ପରେ ଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ଉଦବେଗ ଆଦେ୍ୱ ଭିତ୍ତିହୀନ ନୁହେଁ। ଏହି ଆଇନର ଦୁରୂପଯୋଗ ହେଉଛଇ ବୋଲି କୋର୍ଟ ଅନୁଭବ କରିବା ପରେ ଅନେକ ମାମଲାରେ ପ୍ରକୃତ ଦୋଷୀ ମଧ୍ୟ ସହଜରେ ଜାମିନ ପାଇଯାଉଛନ୍ତି। ଅଭିଯୋଗକୁ ମିଥ୍ୟା ବୋଲି ପ୍ରମାଣିତ କରିବାର ସୁଯୋଗ ସୃଷ୍ଟି ହେଉଛି। ମହିଳାଙ୍କ ସୁରକ୍ଷା ପ୍ରସଙ୍ଗରେ ଏହା ଏକ ବଡ଼ ପ୍ରତିବନ୍ଧକ ଭାବେ ଠିଆ ହୋଇଛି। ତେଣୁ ପ୍ରଚଳିତ ଆଇନ ଉପରେ ଅଧିକ ତର୍ଜମା ଏବଂ ପୁନଃସମୀକ୍ଷା କରାଯିବାର ଆବଶ୍ୟକତା ରହିଛି। ଆଇନର ଦୁରୂପଯୋଗ ନିଶ୍ଚିତ ଭାବେ ଚିନ୍ତାଜନକ। କିନ୍ତୁ ସବୁ ମାମଲାରେ ଏହା ହେଉଛି ସେ କଥା ନୁହେଁ। ଯେଉଁଠି ଅଭିଯୋଗର ସତ୍ୟତାରହିଛି, ସେଠାରେ ଅଭିଯୁକ୍ତ ଯେପରି ଆଇନର ଦୁରୂପଯୋଗ ଆଳରେ ଖସି ନଯାଆନ୍ତି ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ବେଆଇନ ନିର୍ମାଣ ଭଙ୍ଗାଯାଉ

**ମହାଶୟ,**

ରାଜଧାନୀ ଉପକଣ୍ଠ ଧଉଳି ଏକ ଐତିହ୍ୟ ଏବଂ ପର୍ଯ୍ୟଟନ ସ୍ଥଳୀ। ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନ ଏବଂ ରାଜ୍ୟ ବାହାରୁ ଅନେକ ପର୍ଯ୍ୟଟନ ଏଠାକୁ ଆସନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଗତ କିଛି ବର୍ଷ ହେବ ଏହାର ପରିବେଶ ଅତ୍ୟନ୍ତ ଖରାପ ହୋଇଯାଇଛି। ପର୍ଯ୍ୟଟକଙ୍କ ପାଇଁ ଏଠାରେ ପର୍ଯ୍ୟାପ୍ତ ବିଶ୍ରାମସ୍ଥଳ ନାହିଁ। ଏହା ସହିତ ଧଉଳି ପାହାଡ଼ ଚତୁର୍ଦ୍ଦିଗରେ ବେଆଇନେ ଭାବେ ଅପେନକ ଘର ନିର୍ମାଣ କରାଯାଇଛି। ଏପରିକି ଦୟା ନଦୀ ପଠାରେ ମଧ୍ୟ ଅନେକ କୋଠା ନିର୍ମାଣ କରାଯାଇଛି। ପରିବେଶ ନିୟମକୁ ଉଲ୍ଲଘଂନ କରାଯାଇ ଏହିସବୁ ନିର୍ମାଣ କରାଯାଇଛି। ଏଥିରେ ବିଡିଏ ଭଳି ସରକାରୀ ସଂସ୍ଥାର ହାତ ରହିଛି। ଫଳରେ ଧଉଳି ଏବଂ ଏହାର ଆଖପାଖ ଅଞ୍ଚଳର ପରିବେଶ ନଷ୍ଟ ହେଉଛି। ଏହିସବୁ ବେଆଇନ ନିର୍ମାଣକୁ ତୁରନ୍ତ ଭଙ୍ଗାଯାଉ।

ମହେଶ୍ୱର ଜେନା, ସାମନ୍ତରାପୁର

# ସେଠ୍‌ଙ୍କ ସୁରକ୍ଷାରେ ସରକାର



**ଗୋପାଳ ମହାପାତ୍ର**

ଏବେ ଦେଶରେ ଆଦାନୀ ଗ୍ରୁପ୍‌କୁ ନେଇ ଚର୍ଚ୍ଚା ଚାଲିଛି। ପୁଣିଥରେ ଆଦାନୀଙ୍କ ଇଜ୍ଜତ ଏବଂ ଦେଶର ବେଇଜ୍ଜତକୁ ନେଇ ସଂସଦରେ ମଧ୍ୟ ହଟ୍ଟଗୋଳ ଚାଲିଛି। ପ୍ରଥମେ ହିଣ୍ଡନବର୍ଗ ଆଦାନୀଙ୍କ କମ୍ପାନୀ ଆର୍ଥୀକ ହେରାଫେରି କରିଥିବା ବାବଦରେ ରିପୋର୍ଟ ପ୍ରକାଶ କରିଥିଲା। ହିଣ୍ଡେନବର୍ଗ ରିପୋର୍ଟ ପ୍ରକାଶ ପାଇବା ପରେ ଆଦାନୀ କମ୍ପାନୀର ଜନୈକ ବରିଷ୍ଠ ଅଧିକାରୀ ଭିଡିଓରେ ଭାରତର ଜାତୀୟ ପତାକା ଧରି କହିଥିଲେ ଯେ ଆଦାନୀଙ୍କୁ ବଦନାମ କରିବାର ଅର୍ଥ ଭାରତକୁ ବଦନାମ କରିବା। ଭାରତ ସରକାର ହିଣ୍ଡେନବର୍ଗର ଅଭିଯୋଗ ଉପରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଆଦାନୀଙ୍କୁ ସମର୍ଥନ କରିଥିଲେ। ଏବେ ପୁଣି ଏକ ବିବାଦରେ ଫସି ଯାଇଛି ଆଦାନୀଗ୍ରୁପ୍। ଏବେ ଆମେରିକା ସରାକରଙ୍କ ନ୍ୟାୟ ବିଭାଗ କହିଛି ଯେ ଆଦାନୀଗ୍ରୁପ୍‌ର ଗୌତମ ଆଦାନୀ ଓ ତାଙ୍କ ପୁତୁରା ସାଗର ଆଦାନୀ ଲାଞ୍ଚ ଦେବାର ଅଭିଯାନ ଚଳାଇଛନ୍ତି। ଦେଶର ସରକାରଙ୍କ ଆଗରେ ଏବେ ଭ୍ରଷ୍ଟାଚାର ଆଉ ପ୍ରସଙ୍ଗ ହୋଇ ରହିନାହିଁ। ବୁଝିବା ମୁସ୍କିଲ୍ ଯେ ଭାରତରେ କୌଣସି ଠିକା କାମ ପାଇବା ପାଇଁ ଭାରତର ଏକ କମ୍ପାନୀ ଭାରତର କେତେକ ରାଜ୍ୟ ବା ଭାରତ ସରକାରଙ୍କ ଅଧିକାରୀଙ୍କୁ ଲାଞ୍ଚ ଦେଲେ ସେ ମାମଲାରେ ଆମେରିକାର ଅଦାଲତ ହସ୍ତକ୍ଷେପ କଲା କାହିଁକି? ଯେତେବେଳେ ଆମକୁ (ଭାରତ ସରକାରଙ୍କୁ) ଏହି ଲାଞ୍ଚ ପ୍ରସଙ୍ଗରେ କୌଣସି ଆପତ୍ତି ବା ଅସୁବିଧା ନାହିଁ ସେତେବେଳେ ଆମେରିକାର ନ୍ୟାୟ ବିଭାଗ ଓ ଆମେରିକାର ଶେୟାର ବଜାର ନିୟାମକ ସଂସ୍ଥାର ଏଥିପାଇଁ ମୁଣ୍ଡବିନ୍ଧା ହେଉଛି କାହିଁକି? ଆଦାନୀଙ୍କ ବିରୁଦ୍ଧରେ ଆମେରିକୀୟ ନ୍ୟାୟ ବିଭାଗର ଗିରଫଦାରୀ ପାଇଁ ନିର୍ଦ୍ଦେଶ ପରେ ଏବେ ସରକାରୀ ଦଳର କେତେକମନ୍ତ୍ରୀ/ ନେତା କହୁଛନ୍ତି ଯେ ଭାରତର ଆଭ୍ୟନ୍ତରୀଣ ମାମଲାରେ ଆମେରିକା ହସ୍ତକ୍ଷେପ କରୁଛି।

ଆମେରିକାର ନ୍ୟାୟ ବିଭାଗ ଏ ପ୍ରସଙ୍ଗରେ ହସ୍ତକ୍ଷେପ କଲା କାହିଁକି ସେ ବାବଦରେ ମଧ୍ୟ ଜାଣିବା କଥା। ଆଦାନୀଙ୍କ ପାଖାପାଖି ୭୫ ପ୍ରତିଶତ ଶେୟାର ବା ଅଂଶଧନ ତାଙ୍କ ପରିବାର ପାଖରେ ରହିଛି। ବାକି ୨୫ ପ୍ରତିଶତ ବା ତାଠାରୁ କିଛି ଅଧିକ ଶଂଶଧନ ବିଦେଶୀ ନିବେଶକ କମ୍ପାନୀଙ୍କ ପାଖରେ ରହିଛି। ହିଣ୍ଡନବର୍ଗ ରିପୋର୍ଟ ଅନୁସାରେ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରି ଆଦାନୀ କମ୍ପାନୀ ତାଙ୍କ ଅଂଶଧନର ମୂଲ୍ୟ ବଢ଼ାଇଥିଲେ। ଆଦାନୀ କମ୍ପାନୀରେ ଅଧିକ ପୁଞ୍ଜି ନିବେଶ କରିଥିବା ଆମେରିକୀୟ କମ୍ପାନୀ ହେଉଛି ଜିକ୍ୟୁଜି ପାଟନର୍ସ। ଏହି କମ୍ପାନୀ ୯.୭ ବିଲିୟନ ଡ଼ଲାର ନିବେଶ କରିଛି ଯାହା ଆଦାନୀଙ୍କ ସମୁଦାୟ ନିଜସ୍ୱ ନିବେଶର ୬.୧ ପ୍ରତିଶତ ଅଟେ। ଆମେରିକାରେ ଏକ ଆଇନ ଅଛି ଯାହାକୁ ଫରେନ କରପ୍ଟ ପ୍ରାକ୍ଟିସ ଆକ୍ଟ କୁହାଯାଏ। ଆମେରିକୀୟ କମ୍ପାନୀ ମାନଙ୍କ ପାଇଁ ପ୍ରଣୟନ କରାଯାଇଥିବା ଏହି ଆଇନ୍‌ରେ କୁହାଯାଇଛି ଯେ ଆମେରିକାର ପୁଞ୍ଜି (ନିବେଶ) ଅନ୍ୟ ଦେଶରେ ଭ୍ରଷ୍ଟାଚାର ପାଇଁ ବ୍ୟବହାର କରାଯିବା ଆଇନଗତ ଅପରାଧ। ଏକଥା ମଧ୍ୟ ପ୍ରଶ୍ନ ଉଠିପାରେ ଯେ ଆମେରିକୀୟ କମ୍ପାନୀଙ୍କ ପାଇଁ ପ୍ରଣୀତ ଏହି ଆଇନ ଅନୁସାରେ ଆଦାନୀ ପରିବାରର କାହା ବିରୁଦ୍ଧରେ ଆମେରିକାର ନ୍ୟାୟ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ କେମିତି? ଏପ୍ରସଙ୍ଗରେ ଆମ ନେଶର କିଛି ନାମୀଦାମୀ ଓକିଲ ମଧ୍ୟ ଆଦାନୀଙ୍କ ସପକ୍ଷରେ ଗଣମାଧ୍ୟମରେ ବିବୃତ୍ତି ଦେଲେଣି। ଏମାନଙ୍କ ମତରେ ଆଦାନୀଙ୍କ ବିରୁଦ୍ଧରେ କରାଯାଇଥିବା ଅଭିଯୋଗ ସମ୍ପୁର୍ଣ୍ଣ ଭିତ୍ତିହୀନ। ଆଦାନୀ ଗ୍ରୁପ୍, ଭାରତ ସରକାର ଏବଂ ଭାରତର କିଛି ଜାତୀୟ ସ୍ତରର ଗଣମାଧ୍ୟମ ଆଦାନୀଙ୍କ ସପକ୍ଷରେ ରାୟ ଶୁଣାଇ ସାରିଲେଣି ଏବଂ କହିସାରିଲେଣି ଯେ ସବୁଠିକ୍ ଅଛି।

ଏସବୁ ସ୍ପଷ୍ଟିକରଣକୁ ଯଦି ଆମେରିକାର ନ୍ୟାୟ ବିଭାଗ ଗ୍ରହଣ କରିଥିଲେ ହୁଏତ ଘଟଣାର ଅନ୍ତ ହୋଇଥାନ୍ତା। କିନ୍ତୁ ଏମିତି ହୋଇନାହିଁ। ଆମେରିକାର ନ୍ୟାୟ ବିଭାଗଙ୍କ ଆଦେଶପରେ କେନିଆ ସରକାର ଆଦାନୀ ଗ୍ରୁପ୍ ସହ କରିଥିବା କେତେକ ଠିକା କାମର ଚୁକ୍ତିକୁ ରଦ୍ଦ କରିଦେଇଛନ୍ତି। ଶ୍ରୀଲଙ୍କାର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଆଦାନୀଙ୍କ ସହ ବନ୍ଦର ଏବଂ ପବନ ଚାଳିତ ବୁଦ୍ୟୁତ୍ ଉତ୍ପାଦନ ପାଇଁ ଯେଉଁ ଚୁକ୍ତ କରାଯାଇଥିଲା ତାର ପୁନଃ ସମୀକ୍ଷା କରାଯିବ। ବଙ୍ଗଳାଦେଶର ମଧ୍ୟବର୍ତ୍ତୀ କାଳୀନ ସରକାର ମଧ୍ୟ ଏକ କମିଟି ଗଠନ କରିଛନ୍ତି ଓ କମିଟି ଶେଖ ହସିନା ସରକାର ଆଦାନୀ ସହ କରିଥିବା ସମସ୍ତ ପ୍ରକଳ୍ପ ବାବଦ ଚୁକ୍ତି ର ତଦନ୍ତ କରିବ। ସେହିପରି




ଫ୍ରାନ୍ସ ଏବଂ ଜର୍ମାନୀ ଭଳି ଦେଶ ମାନଙ୍କ ପକ୍ଷରୁ କୁହାଯାଇଛି ଯେ ସେମାନେ ଆଦାନୀ କମ୍ପାନୀ ସହ ପୁଞ୍ଜିନିବେଶ କରିବା ପ୍ରସଙ୍ଗକୁ ନେଇ ପୁନଃ ବିଚାର କରିବେ। ଆଦାନୀ ଏବଂ ତାଙ୍କ ସହଯୋଗୀ ଆମେରିକୀୟ କମ୍ପାନୀ ଭାରତର କେତେକ ରାଜ୍ୟର ସରକାରଙ୍କୁ କାମ ପାଇବା ପାଇଁ ପାଖାପାଖି ୨୨୦୦ କୋଟି ଟଙ୍କାର ଲାଞ୍ଚ ଦେଇଥିବାର ଅଭିଯୋଗ ଉଠିଛି। ଲାଞ୍ଚ ନେଇଥିବା ରାଜ୍ୟ ମାନଙ୍କ ମଧ୍ୟରେ ଅଛନ୍ତି ତାମିଲନାଡୁ, ଛତିଶଗଡ଼, ଜାମ୍ମୁକାଶ୍ମୀର, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ। ଆନ୍ଧ୍ରପ୍ରଦେଶର ସରକାରଙ୍କୁ ୨୦୨୧ରୁ୨୩ ମଧ୍ୟରେ ୧୭୦୦ କୋଟି ଟଙ୍କା ଲାଞ୍ଚ ଦେଇଥିବାର ଅଭିଯୋଗ ରହିଛି। ଏନ୍‌ଡିଏ ମେଣ୍ଟରେ ଥିବା ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏବେ ଏ ପ୍ରସଙ୍ଗର ଯାଞ୍ଚ କରୁଛନ୍ତି।

୨୦୨୩ ମସିହା ଜାନୁୟାରୀ ମାସରେ ହିଣ୍ଡନବର୍ଗ ପ୍ରକାଶ କରିଥିବା ରିପୋର୍ଟରେ ଆଦାନୀଙ୍କ ବିରୁଦ୍ଧରେ "କର୍ପୋରେଟ ଇତିହାସରେ ସବୁଠାରୁ ବଡ଼ ଦୁର୍ନୀତି" ବାବଦରେ ଉଲ୍ଲେଖ କରାଯାଇଥିଲା। ହିଣ୍ଡନବର୍ଗ ରିପୋର୍ଟ ପ୍ରକାଶ ପରେ ଏ ପ୍ରସଙ୍ଗ ସୁପ୍ରିମ୍ କୋର୍ଟରେ ପହଞ୍ଚିଥିଲା ଓ ମାନ୍ୟବର କୋର୍ଟ ସେବିଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦେଇଥିଲେ। କିନ୍ତୁ ସେବି ମୁଖ୍ୟ ତଥା ବିବାଦୀୟ ହୋଇପଡ଼ିଥିବା ମାଧବୀ ବୁଚ ଆଦାନୀଙ୍କୁ କ୍ଲିନଚିଟ ଦେଇଥିଲେ। ୨୦୨୪ ମସିହା ଅଗଷ୍ଟ ମାସରେ ହିଣ୍ଡନଗର୍ବ ପକ୍ଷରୁ ପୁନଃ ଏକ ସମ୍ବେଦନଶୀଳ ରିପୋର୍ଟ ପ୍ରକାଶ ପାଇଥିଲା ଓ ରିପୋର୍ଟରେ ସେବି ମୁଖ୍ୟ ମାଧବୀ ବୁଚ ଆଦାନୀ କମ୍ପାନୀରେ ପୁଞ୍ଜି ନିବେଶ କରିଥିବା ଉଲ୍ଲେଖ କରାଯାଇଥିଲା। ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ତଥ୍ୟ ଆଧାରରେ କେନ୍ଦ୍ର ସରକାର ମାଧବୀ ବୁଚଙ୍କୁ ସେବିର ଅଧ୍ୟକ୍ଷ ପଦରୁ ହଟାଇପାରିଥାନ୍ତେ ଏବଂ ଘଟଣାର ତଦନ୍ତ ମଧ୍ୟ କରାଇ ପାରିଥାନ୍ତେ କିନ୍ତୁ କଲେନାହିଁ ଏମିତି ଅନେକ ସମୟରେ ରାଷ୍ଟ୍ରୀୟ ପ୍ରସଙ୍ଗକୁ ମାନ୍ୟବର ସୁପ୍ରିମକୋର୍ଟ ଗୁରୁତ୍ୱ ଦେଇ ନିଜଆଡୁ ବିଚାର ପାଇଁ ନିଷ୍ପତ୍ତି ନେଇଥାନ୍ତି କିନ୍ତୁ ମାନ୍ୟବର କୋର୍ଟ ମଧ୍ୟ ନୀରବ ରହିଥିଲେ।

ଆମେରିକାର ନିୟାମକ ସଂସ୍ଥା ଅଭିଯୋଗ କରିଛିଯେ ଆମେରିକାରେ ଆଦାନୀ ଗ୍ରୁପ୍‌ର ଅଧିକାରୀଙ୍କ ବିରୁଦ୍ଧରେ କରାଯାଇଥିବା ରେଡ୍(ଚଢଉ) ସମ୍ପର୍କରେ ଆଦାନୀଗ୍ରୁପ୍ ସେବିକୁ କୌଣସି ତଥ୍ୟ ଦେଇନାହିଁ। ଆନ୍ତର୍ଜାତୀୟ ଓ ଜାତୀୟ ସ୍ତରର ଗଣ ମାଧ୍ୟମରେ ଏହି ଚଢଉ ସମ୍ପର୍କରେ ସମ୍ବାଦ ପ୍ରକାଶ ପାଇଥିଲେ ମଧ୍ୟ ସେବି ତାକୁ ଗୁରୁତ୍ୱ ଦେଇଥିଲା ଏପ୍ରସଙ୍ଗରେ ସରକାର ଓ ସେବି କାହିଁକି ପଦକ୍ଷେପ ନେଲେନାହିଁ ସେକଥା ରୁ ସ୍ପଷ୍ଟ ଯେ ସମସ୍ତେ ଆଦାନୀଙ୍କୁ ସୁରକ୍ଷା ଦେବାର ଚିନ୍ତାରେ ଅଛନ୍ତି। ବିଶ୍ୱସ୍ତରରେ ଭାରତୀୟ ଶେୟାର ବଜାରର ମହତ୍ୱ ରହିଛି। ସେବି ମଧ୍ୟ ଏକ ଗୁରୁତ୍ୱପୁର୍ଣ୍ଣ ସଂସ୍ଥାନ। ଏକଥା ସତ୍ୟ ଯେ ଦୁର୍ନୀତି ସବୁଠି ହେଉଛି, କିନ୍ତୁ ଦୁର୍ନୀତି ପ୍ରସଙ୍ଗରେ ଜଣାପଡ଼ିବା ପରେ ସେବି ପଦକ୍ଷେପ ନନେବାର ଅର୍ଥ କ'ଣ? ହିଣ୍ଡେନବର୍ଗ ରିପୋର୍ଟ ପ୍ରସଙ୍ଗରେ ସୁପ୍ରିମକୋର୍ଟ ସେବିକୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ସେବି କୋର୍ଟକୁ ତାଙ୍କ ରିପୋର୍ଟ ମାଧ୍ୟମରେ ଜଣାଇଥିଲେ ଯେ ଆଦାନୀଙ୍କ କମ୍ପାନୀ ବିଶ୍ୱର ଅନେକ ଦେଶରେ ପୁଞ୍ଜି ନିବେଶ କରିଥିବାରୁ ସେସବୁ ବାବଦରେ କୌଣସି ତଥ୍ୟ ମିଳୁନାହିଁ। ଯଦି ସେବି ତଥ୍ୟ ସଂଗ୍ରହ କରିପାରୁନାହିଁ ତେବେ ସେଭଳି ସଂସ୍ଥାର ଆବଶ୍ୟକତା କ'ଣ ବୋଲି କେହି ମଧ୍ୟ ପ୍ରଶ୍ନ କଲେ ନାହିଁ।

ଏହି ଲାଞ୍ଚ କାରବାରର କେନ୍ଦ୍ର ବା ତାଲିକାରେ ଭାରତୀୟ ସୌର ଶକ୍ତି ନିଗମ ରହିଛି। ଏହି ନିଗମ କ'ଣ ଏହି ଟେଣ୍ଡରର ବ୍ୟବହାରିକତାର ତଦନ୍ତ କରିନାହିଁ? ନିଗମ ମହଙ୍ଗା ବିଦ୍ୟୁତ୍‌ର ବୋଝ ଜନତାଙ୍କ ଉପରେ ଲଦିଦେବା ପାଇଁ ଉଚିତ୍‌ଭାବିଲା କେମିତି? କେତେକ ରାଜ୍ୟ ଆଦାନୀ ଏବଂ ଆମେରିକୀୟ କମ୍ପାନୀ ଅଦୁର ଠାରୁ ମହଙ୍ଗା ସୌରଶକ୍ତି କିଣିବା ପାଇଁ ମନା କରିବା ପରେ ଲାଞ୍ଚ ପ୍ରସଙ୍ଗକୁ କାର୍ଯ୍ୟକାରୀ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ଆମେରିକୀୟ ନିବେଶକଙ୍କୁ ଏବାବଦରେ ଜଣାପଡ଼ିବା ପରେ ଆମେରିକୀୟ ଆଇନ୍ ଫରେନ୍ କରପ୍ଟ ପ୍ରାକ୍‌ଟିସ୍ ଆକ୍ଟ ଅନୁସାରେ ଆଦାନୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କିନ୍ତୁ ଏସବୁ ପରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଭାରତ ସରକାର ଏସବୁ ବାବଦରେ ତଦନ୍ତ କରୁନାହାଁନ୍ତି କାହିଁକି? ଏଥିରୁ ସ୍ପଷ୍ଟ ଯେ ସରକାର ଆଦାନୀଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଯାହା ଅଭିଯୋଗ କରୁଛନ୍ତି ସତ୍ୟ ବୋଲି ଜଣାପଡୁଛି। ଏହା ଦେଶ ପାଇଁ ଯେମିତି ଆଗାମୀ ଦିନରେ ସଙ୍କଟ ସୃଷ୍ଟି ନକରେ ସେକଥା ସରକାର ଚିନ୍ତା କରିବା ଦରକାର। ଆଦାନୀ ପ୍ରସଙ୍ଗରେ ଯେତେ ସ୍ପଷ୍ଟିକରଣ ଦିଆଯାଉ ନା କାହିଁକି ଏହା ଏକ ଚେତାବନୀ ନିଶ୍ଚୟ ଏବଂ ଏହା ଦେଶକୁ ଓ ଆମକୁ କେତେ ପ୍ରଭାବିତ କରୁଛି ସେକଥା ଦେଖିବା ଆବଶ୍ୟକ। ମୋଟାମୋଟି ଭାବେ ଗୋଟିଏ କଥା ସ୍ପଷ୍ଟ ଯେ ସରକାର ଏବେ ସେଠ୍‌ଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଉଛନ୍ତି।

ରାମଚନ୍ଦ୍ର ପୁର, ରଣପୁର
ମୋବାଇଲ୍: ୯୪୩୮୪୫୦୯୪

# ଆମ ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନବାଚୀ



**ଆଶୁତୋଷ ନାୟକ**

ଜନ୍ମରୁ ମୃତ୍ୟୁ ପ୍ରଯ୍ୟନ୍ତ ଆମ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି କିନ୍ତୁ କୋଟି କୋଟି ଟଙ୍କା ଯୋଜନା ନାମରେ ହରିଲୁଟ କରୁଛନ୍ତି ଆମ ସମାଜର ବଡ଼ପଣ୍ଡା ବୋଲାଉଥିବା ନେତା, ମନ୍ତ୍ରୀ, ଅଫିସର। ରାଜନେତାଙ୍କ ଛତ୍ରଛାୟା ତଳେ ବଡ଼ବାବୁ, ଆଇଏସ ଅଫିସର ମାନେ କୋଟି କୋଟି ଟଙ୍କା ହରିଲୁଟ କରୁଛନ୍ତି ସାଧାରଣ ଜନତାଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ନିଜର ବିଶାଳ ସାମ୍ରାଜ୍ୟ ନିର୍ମାଣ ରେ ବିନିଯୋଗ କରୁଛନ୍ତି। ଆମ ରାଜ୍ୟ ଓଡିଶାରେ ଏବେ କିଛି ଦିନ ମଧ୍ୟରେ ଅନେକ ବଡ଼ ମାଛ କୋଟିପତି ବାବୁ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଛନ୍ତି। ଯେତେବେଳେ ସେଇ ବଡ଼ ହସ୍ତୀ ମାନଙ୍କର ସମ୍ପତ୍ତି ତାଲିକା ପ୍ରସ୍ତୁତ କରାଯାଇଥିଲା ଭିଜିଲାନ୍ସ ଅଧିକାରୀ ମାନେ ମଧ୍ୟ ଅବାକ ହୋଇଯାଇଥିଲେ।ଜବତ ହୋଇଥିବା କୋଟି କୋଟି ଟଙ୍କାର ପ୍ଲଟ କାହାର ଚାଳିଶି, କାହାର ସତୁରି ତ ପୁଣି କାହାର ପଂଚାବନ ଟି ପ୍ଲଟ। ଏହି ଘଟଣାରୁ ନବୀନ ସରକାର ସମୟରେ ଚବିଶ ବର୍ଷ ଧରି କ୍ଷମତାରେ ରହିଥିବା ସରକାରଙ୍କ ମନ୍ତ୍ରୀ ଏବଂ ଅଫିସରଙ୍କ ମଧ୍ୟରେ ମଧୁଚନ୍ଦ୍ରିକାର ଜ୍ୱଳନ୍ତ ଉଦାହରଣ। କଳାଧନର ସାମ୍ରାଜ୍ୟ କିପରି ବଡ଼ବାବୁ ଅର୍ଜନ କରିଥିଲେ ଏବଂ କିପରି ନବୀନ ସରକାର ସମୟରେ ଥିବା ନେତା ଓ ମନ୍ତ୍ରୀ ମାନେ ତାଙ୍କୁ ସୁରକ୍ଷା ଦେଉଥିଲେ ତାହା ଦୃଷ୍ଟିଗୋଚର ହେଉଛି।

ଆମ ଦେଶରେ ବିଭିନ୍ନ ରାଜନୈତିକ ଦଳ କ୍ଷମତାରେ ରହିଛନ୍ତି।କିନ୍ତୁ ଦେଶ ସ୍ୱାଧୀନତାର ୭୮ବର୍ଷ ପରେ ମଧ୍ୟ ସାଧାରଣ ଗରିବ ଓ ମଧ୍ୟବିତ୍ତଙ୍କ ମୁଣ୍ଡପିଛା ଆୟ ସେପରି ଆଖିଦୃଶିଆ ବୃଦ୍ଧି ହୋଇନାହିଁ। ଏହାର ମୁଖ୍ୟ କାରଣ ହେଉଛି ସବୁ ରାଜନୈତିକ ଦଳ ମାନଙ୍କର ଗୋଟିଏ ଲକ୍ଷ୍ୟ ଭୋଟବ୍ୟାଙ୍କ ରାଜନୀତି। ମାଳ ମାଳ ଯୋଜନା ପ୍ରଣୟନ କରାଯାଉଛି କିନ୍ତୁ ସବୁ ରାଜନୈତିକ ଦଳ ମାନଙ୍କର ଯୋଜନାରେ ନିଜର ରାଜନୈତିକ ଅଭିଳାଷା ରହୁଛି ଯାହାଫଳରେ ନାଲି ଫିତା ତଳେ କାଗଜ କଲମରେ ଯୋଜନାର ରୂପରେଖ ରହିଯାଉଛି। ରାଜନୀତିର ପଶାପାଲିରେ ପେଶି ହେଉଛନ୍ତି ସାଧାରଣ ଗରିବ, ମଧ୍ୟବିତ୍ତ। ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ଆଜିବି ଅନେକ ଅସହାୟ ବ୍ୟକ୍ତି ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାରୁ ବଞ୍ଚିତ।ସେମାନଙ୍କ ପାଇଁ ଯୋଜନା ଗୁଡିକ 'ଆକାଶ କଇଆ, ଚିଲିକା ମାଛ ସଦୃଶ 'ସ୍ୱାଧୀନତାର ଏତେବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଆଜି ଯାଏ କୌଣସି ରାଜନୈତିକ ଦଳ ସାଧାରଣ ଜନତାଙ୍କୁ ଆତ୍ମନିର୍ଭରଶୀଳ କରିବାପାଇଁ ସେପରି ଯୋଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହା ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ।

ଆମ ଦେଶର ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଞ୍ଚି ଟୁ ଆରମ୍ଭ କରି ଫ୍ରିଜ ପ୍ରଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି।ଟୋଲଟାକ୍ସରେ ଅନେକ ରାଜସ୍ୱ ସରକାର କମାଉଛନ୍ତି।ଏପରିକି କ୍ୟାନସର, ଡାଇବେଟିସ, ହାର୍ଟଆଟାକ ପରି ଭୟଙ୍କର ରୋଗର ଉପଶମ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନ ରେ ଆମ ସରକାର ୧୨% ଜିଏସଟି ଆଦାୟ କରୁଛନ୍ତି।ଗୋଟିଏ ସାଧାରଣ ଗରିବ, ମଧ୍ୟବିତ୍ତ ପରିବାର ପାଇଁ ଏହା 'ବୋଝ' ଉପରେ ଲଳିତା ବିଡା ସଦୃଶ 'ବ୍ଲ' ବର୍ତ୍ତମାନ ସମୟରେ ପନିପରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧ୍ୟବିତ୍ତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର, ଡାଇବେଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟରେ। ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି।ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟବସ୍ଥା ଦାୟୀ।

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଏବେବି ଅନେକ ଗରିବ ଓ ମଧ୍ୟବିତ୍ତ ପରିବାର ନିଜର ମୌଳିକ ଅଧିକାର ଖାଦ୍ୟ, ବସ୍ତ୍ର, ବାସଗୃହରୁ ବଞ୍ଚିତ। ଆମ ରାଜ୍ୟ ଓଡିଶାରେ ୨୪ବର୍ଷ ଧରି ବିଜୁଜନତା ଦଳ ଶାସନ କ୍ଷମତାରେ ଥିଲା। ତଥାପି ରାଜ୍ୟର ୧୧ଟି ବୁଥରେ ପ୍ରାୟ ୧୦ହଜାର ଲୋକ ଭୋଟ ବର୍ଜନ କରିବା ଘଟଣା ଦୁର୍ଭାଗ୍ୟଜନକ କହିଲେ ଅତ୍ୟୁକ୍ତି ହେବନାହିଁ।ଏତିକି ସଂଖ୍ୟକ ଲୋକ କେବଳ ଭୋଟ ବର୍ଜନ କରିଛନ୍ତି ବୋଲି ସମସ୍ୟା କେବଳ ଏସବୁ ଅଞ୍ଚଳରେ ରହିଛି ଏହା କହିବା ନିଶ୍ଚିତ ଭାବେ ଅନ୍ୟାୟ ହେବ। ଏବେବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ମଧ୍ୟବିତ୍ତ ଲୋକଙ୍କ ପାଇଁ ନିଜର ମୌଳିକ ଅଧିକାର ପାଇବା ଦିବା ସ୍ୱପ୍ନ ସଦୃଶ।ନିଜର ପୁଞ୍ଜିବୃତ ଅସନ୍ତୋଷକୁ ଜାହିର କରିବା ପାଇଁ ଏଇ ନିର୍ବାଚନରେ ସରକାର ପରିବର୍ତ୍ତନ ପାଇଁ ଭୋଟ ଦେଇଛନ୍ତି।ଆଉ କିଛି ଲୋକ ସ୍ଥିତି ଅସହ୍ୟ ହେବାରୁ ଶେଷ ଉପାୟ ଭାବେ ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ।

ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରର ରିପୋର୍ଟ ଅନୁସାରେ ୨୦୧୪ ମସିହାରେ ୨୭୦୦୦ ମହିଳା ବିଭିନ୍ନ ସମସ୍ୟା ପାଇଁ ଆତ୍ମହତ୍ୟା କରିଥିଲେ ଏବଂ ୬୦୦୦୦ ପୁରୁଷ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ। ୨୦୧୯ ମସିହାରେ ପାଖାପାଖି ୧ଲକ୍ଷ ୧୮ହଜାର ବ୍ୟକ୍ତି ଆତ୍ମହତ୍ୟା ପରି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି।ସେଥିମଧ୍ୟରୁ ୮୦୦୦୦ ପୁରୁଷ ଏବଂ ୩୪୦୦୦ ମହିଳା ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି। ୨୦୨୧ମସିହାରେ ଆମ ଦେଶରେ ୧ଲକ୍ଷ ୬୪ହଜାରରୁ ଅଧିକ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି।ସେଥିମଧ୍ୟରୁ ବିବାହିତ ପୁରୁଷଙ୍କ ସଂଖ୍ୟା ୮୧୦୦୦ ଏବଂ ମହିଳା ଙ୍କ ସଂଖ୍ୟା ୨୮, ୬୮୦ ରହିଥିଲା।

ଏବେ ନିକଟରେ ବେଙ୍ଗାଲୁରରେ ଏକ ଆଇଟି କମ୍ପାନୀର ଯୁବ ଏଆଇ ଇଞ୍ଜିନିୟର ଅତୁଲ ସୁବାଷ ଆମ ଆଇନ ବ୍ୟବସ୍ଥାରେ ରହିଥିବା ସାଙ୍ଘାତିକ ତ୍ରୁଟି ଏବଂ ପତ୍ନୀ ଓ ଶାଶୁଙ୍କ ଅକଥନୀୟ ମାନସିକ ନିର୍ଯ୍ୟାତନା ଓ ଅତ୍ୟାଚାର ସହିନପାରି ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି। ଆତ୍ମହତ୍ୟା କରିବା ପୂର୍ବରୁ ଦେଇଥିବା ୮୦ମିନିଟର ଶେଷ ଭିଡ଼ିଓ ସନ୍ଦେଶ ଏବଂ ୨୪ପୃଷ୍ଠାର ଚିଠି ଅତ୍ୟନ୍ତ ହୃଦୟବିଦାରକ ଓ ଦୁଃଖଦ। ଆମ ପ୍ରଶାସନ ଓ ସରକାରଙ୍କୁ ଏହା ଗୁରୁତର ସହ ନେବାକୁ ପଡ଼ିବ।ଆମ ନ୍ୟାୟ ବ୍ୟବସ୍ଥା କିପରି ବିକଳାଙ୍ଗ ହୋଇପଡ଼ିଛି ଏହି ଘଟଣା ଏହାର ଜ୍ୱଳନ୍ତ ପ୍ରଣାମ। ଆମ ସମାଜରେ ପ୍ରତିଷ୍ଠିତ ଅନେକ ବିଦ୍ୱାନ ବ୍ୟକ୍ତି ଏହା ମତବ୍ୟକ୍ତ କରନ୍ତି କି ମୃତ୍ୟୁ ପୂର୍ବରୁ ଦିଆଯାଇଥିବା ମନ୍ତବ୍ୟ କଦାପି ମିଥ୍ୟା ହୋଇନଥାଏ। ଏକ ଏନଜିଓକୁ ଲେଖିଥିବା ନିଜ ୨୪ପୃଷ୍ଠାର ଚିଠିରେ ଅତୁଲ ରାଷ୍ଟ୍ରପତିଙ୍କ ନାମ ଉଲେଖ କରି ଦେଶର ଅପରାଧିକ ନ୍ୟାୟ ବ୍ୟବସ୍ଥା କଥା ବି କହିଛନ୍ତି। ଅତୁଲ ଲେଖିଥିବା ଚିଠିର ପ୍ରତି ପୃଷ୍ଠାରେ 'ମୋତେ ନ୍ୟାୟ ମିଳିବା ଉଚିତ 'ବୋଲି ଲେଖିଛନ୍ତି। ମୃତ୍ୟୁ ପରେ ତାଙ୍କ ପ୍ରାର୍ଥିବ ଶରୀରକୁ ପତ୍ନୀଙ୍କୁ ନଛୁଇବାକୁ ସେ କହିଛନ୍ତି। ତାଙ୍କୁ ନିର୍ଯାତନା ଦେଇଥିବା ପ୍ରତ୍ୟେକ ବ୍ୟକ୍ତି ଦଣ୍ଡ ନପାଇବା ପ୍ରଯ୍ୟନ୍ତ ଅସ୍ଥି ବିସର୍ଜନ ନକରିବାକୁ ସେ ପରିବାରବର୍ଗ କୁ ଅନୁରୋଧ କରିଛନ୍ତି।ସେ ଆହୁରି ମଧ୍ୟ କହିଛନ୍ତି ସବୁକିଛି ପ୍ରମାଣ ଥାଇ ଯଦି ଆମ ବ୍ୟବସ୍ଥା ତାଙ୍କୁ ନ୍ୟାୟ ଦେବାକୁ ଅସମର୍ଥ ହୁଏ ତେବେ ତାଙ୍କ ଅସ୍ଥିକୁ ଅଦାଲତ ବାହାରେ ଥିବା ନାଳରେ ଭାସାଇଦେବାକୁ ସେ ଅନୁରୋଧ କରିଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ।

ନିଜ ଶେଷ ଭିଡ଼ିଓ ସନ୍ଦେଶରେ ନିଜର ଦୁଃଖଭରା ଜୀବନ ବୃତ୍ତାନ୍ତକୁ ବର୍ଣ୍ଣନା କରିଛନ୍ତି।ବିବାହର ଦୁଇ ବର୍ଷ ପରେ ତାଙ୍କ ପତ୍ନୀ ଦେଢ଼ବର୍ଷର ପୁଅ ସହ ଛାଡି ପଳାଇଥିଲେ। ବାହାରେ ରହି ସବୁବେଳେ ଟଙ୍କା ଦେବା ପାଇଁ କହି ଶୋଷଣ କରୁଥିଲେ।ପ୍ରତିମାସ ୪୦ହଜାର ଟଙ୍କା ଭରଣପୋଷଣ ପାଇଁ ନେଉଥିଲେ କିନ୍ତୁ ପିଲାପାଇଁ ଅଧିକ ଟଙ୍କା ଖର୍ଚ୍ଚ ହେଉଥିବା କହି ୨-୪ଲକ୍ଷ ଟଙ୍କା ଦାବି କରିଥିଲେ। କୋର୍ଟରେ ମାମଲା ଯାଇଥିଲା କିନ୍ତୁ ଜୌନପୁର ଫାମିଲି କୋର୍ଟର ଲେଡି ବିଚାରପତି ରିତା କୌଶିକ ମାମଲା ଦଫାରଫା ପାଇଁ ତାଙ୍କୁ ୫ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ ବୋଲି ଅତୁଲ କହିଛନ୍ତି।

ଡିସେମ୍ବର ୯ତାରିଖରେ ଇଣ୍ଟରନେଟରେ ୮୦ମିନିଟର ଭିଡ଼ିଓ ସନ୍ଦେଶ ଜାରି କରି ଆତ୍ମହତ୍ୟାର କାରଣ ସହ ନିଜର ଶେଷ ଇଚ୍ଛା ଏବଂ ଆମ ଆଇନ ବ୍ୟବସ୍ଥାର ବିକଳ ଚିତ୍ରକୁ ଉପସ୍ଥାପନା କରିଥିଲେ ଓ ନିଜ ଜୀବନକୁ ଶେଷ କରିବା ହିଁ ଅନ୍ତିମ ବିକଳ୍ପ ବୋଲି କହିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଷଡଯନ୍ତ୍ର କରି କିପରି ତାଙ୍କ ବିରୁଦ୍ଧରେ ୧୦ରୁ ଅଧିକ ମିଥ୍ୟା ମାମଲା କରାଯାଇଥିଲା। ଆମ ଭ୍ରଷ୍ଟ ନ୍ୟାୟ ବ୍ୟବସ୍ଥା ହିଁ ତାଙ୍କ ଆତ୍ମହତ୍ୟାର ପ୍ରମୁଖ କାରଣ।ଅତୁଲଙ୍କୁ ଆତ୍ମହତ୍ୟା କରିବା ପାଇଁ ତାଙ୍କ ପତ୍ନୀ ଓ ଶାଶୁ ଉସ୍କାଇଥିବା ତାଙ୍କ ଭିଡ଼ିଓ ସନ୍ଦେଶରେ ସେ ଉପସ୍ଥାପନା କରିଛନ୍ତି। ଫାମିଲି କୋର୍ଟକୁ ବାରମ୍ବାର ଦୌଡିଦୌଡି ସେ ନୟାନ୍ତ ହୋଇପଡ଼ିଥିଲେ।ନ୍ୟାୟ ବଦଳରେ କୋର୍ଟରୁ ମିଳିଥିଲା ପ୍ରତାରଣା ଏହାକୁ ସେ ନିଜର ଶେଷ ଭିଡ଼ିଓ ସନ୍ଦେଶରେ ବର୍ଣ୍ଣନା କରିଛନ୍ତି। ନାରୀମାନଙ୍କ ସୁରକ୍ଷା ଏବଂ ସେମାନଙ୍କ ବିରୁଦ୍ଧରେ ହେଉଥିବା ଅତ୍ୟାଚାର ଉପରେ ରୋକ ଲଗାଇବା ୪୯୮ଏ ପରି କଠୋର ଆଇନ ଆସିଥିଲା। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ଯୌତୁକ ପାଇଁ ହତ୍ୟା ମାମଲାର ହ୍ରାସ ଘଟିବା। କିନ୍ତୁ ଅତ୍ୟନ୍ତ ଦୁଃଖ ପରିତାପର ବିଷୟ ଏହିକି ଅନେକ ଅସାମାଜିକ ଯୁବତୀ ଏହି ଆଇନ ଦୁରପଯୋଗ କରି ନିରୀହ ଯୁବକଙ୍କୁ ଶୋଷଣ କରୁଛନ୍ତି ଏବଂ ବିଭିନ୍ନ ମିଥ୍ୟା ମାମଲାରେ ସେମାନଙ୍କୁ ଛନ୍ଦି ଦେଉଛନ୍ତି ନିଜର ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ। ବିଗତ କିଛି ବର୍ଷ ମଧ୍ୟରେ ଏହିପରି ଅନେକ ଘଟଣା ସାମନାକୁ ଆସିଛି ଯେଉଁଠି ନିରୀହ ଅସହାୟ ପୁରୁଷ ଆମ ବିକଳାଙ୍ଗ ନ୍ୟାୟ ବ୍ୟବସ୍ଥା ଉପରେ ଆସ୍ଥା ହରାଇ ଅନ୍ୟ ଉପାୟ ନପାଇ ଆତ୍ମାହୂତି ଦେବାକୁ ବାଧ୍ୟ ହେଉଛି। ଆମ ସଭ୍ୟ ମାନବ ସମାଜ ପାଇଁ ଏହା ହୃଦୟବିଦାରକ ଏବଂ ଦୁଃଖଦ।

ଗୋପାଳପୁର, ବାଲେଶ୍ୱର
ମୋବାଇଲ: ୭୦୨୦୬୧୧୩୦୦

# ଶ୍ରୀ ମନ୍ଦିରରେ ଦେବ ଦୀପାବଳୀ

**ଡକ୍ଟର ତପନ କୁମାର ପାଳ**

ପବିତ୍ର ଧର୍ମ ମାସ କାର୍ତ୍ତିକ ପରେ ଓଡ଼ିଆ ଆଧ୍ୟାତ୍ମିକ ଚେତନାରେ ଧର୍ମୀୟ ଅନୁଚିନ୍ତା କିନ୍ତୁ ବର୍ଷ ତମାମ ରହିଥାଏ। ଓଡ଼ିଆ ଆଧ୍ୟାତ୍ମିକ ଚେତନାରେ ଦେବ ଦୀପାବଳୀ ଏକ ସ୍ୱତନ୍ତ୍ର ଓ ସ୍ମରଣୀୟ ଦିବସ। ଅନ୍ୟସ୍ଥାନରେ କାର୍ତ୍ତିକ ମାସରେ ଦେବ ଦୀପାବଳୀ ପାଳିତ ହେଉଥିବା ବେଳେ ନିଳାଚଳଧାମ ଶ୍ରୀକ୍ଷେତ୍ରରେ ଏହି ପର୍ବ ମାର୍ଗଶୀର ମାସରେ ପାଳିତ ହୋଇଥାଏ। ମାର୍ଗଶୀର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଠାରୁ ଶୁକ୍ଳ ପ୍ରତିପଦା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଏହି ଉତ୍ସବ ପାଳିତ ହୋଇଥାଏ। ଅର୍ଥାତ୍ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦ ତିନି ଦିନ ଧରି ଶ୍ରୀମନ୍ଦିରରେ ଦେବଦୀପାବଳୀ ପାଳନ କରାଯିବାର ବିଧି ରହିଛି। ପ୍ରଥମ ଦିନରେ ପ୍ରଭୁ ଜଗନ୍ନାଥ ଶ୍ରୀରାମ ରୂପରେ ତାଙ୍କ ପିତା ତଥା ରାଜା ଦଶରଥଙ୍କୁ ପିଣ୍ଡଦାନ କରିଥାନ୍ତି। ଦ୍ୱିତୀୟ ଦିନରେ ମହାପ୍ରଭୁ କୃଷ୍ଣ ରୂପରେ ଦେବକୀ ଓ ବସୁଦେବଙ୍କ ପିଣ୍ଡ ଦେଇଥାନ୍ତି। ତୃତୀୟ ତଥା ଅନ୍ତିମ ଦିନରେ ନନ୍ଦ ଯଶୋଦାଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିଥାନ୍ତି ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥ ଓ ବଳଭଦ୍ର ଦେବ ପିତାମାତା ଋଷି କଶ୍ୟପ ଓ ଅଦିତିଙ୍କୁ ମଧ୍ୟ ପିଣ୍ଡ ଦାନ କରିବାର ପରମ୍ପରା ପାଳିତ ହୋଇଥାଏ। ଏହି ଦିନ ପୁରୀ ଶ୍ରୀମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ



ଜନସମାଗମ ହୋଇଥାଏ। ଗ୍ରାମାଞ୍ଚଳର ଅନେକ ଜଗନ୍ନାଥ ମନ୍ଦିରରେ ଦିବସ ବ୍ୟାପୀ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ନାମ ସଂକୀର୍ତ୍ତନ ସହ ନାରାୟଣ ସେବା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ। ଏହି ଦିନଟି ଏକ ପବିତ୍ର ଓ ସ୍ମରଣୀୟ ଦିବସ ଭାବରେ ଅନେକ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଦାନ, ପୁଣ୍ୟ କରିଥାନ୍ତି।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ
ଦେଉଳ ସାହି, ତୁଳସୀପୁର, କଟକ

### ଆପ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ

# ନୂଆଦିଲ୍ଲୀରୁ କେଜ୍ରିୱାଲ୍, କାଲକାଜୀରୁ ଅତିଶୀ



**ନୂଆଦିଲ୍ଲୀ, ୧୫।୧୨:** ଆସନ୍ତା ଫେବଅଆରୀ ମାସରେ ଅନୁଷ୍ଠିତ ହେବାକୁ ଯାଉଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆମ ଆଦମୀ ପାର୍ଟୀ (ଆପ)ଏହାର ଚୁଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ତାଲିକାରେ ଦଳର ଜାତୀୟ ଆବାହକ ଅରବିନ୍ଦ କେଜ୍ରିୱାଲ୍ ଏବଂ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ନାମ ରହିଛି। ଉଭୟଙ୍କ ଆସନରେ କୌଣସି ପରିବର୍ତ୍ତନ କରାଯାଇନାହିଁ। କେଜ୍ରିୱାଲ୍ ପୂର୍ବପରି ନୂଆଦିଲ୍ଲୀ ଆସନରୁ ଏବଂ ଆତିଶୀ କାଲକାଜୀ ଆସନରୁ ପ୍ରାର୍ଥୀ ହେବେ। ଦଳର ଅନ୍ୟତମ ବରିଷ୍ଠ ନେତା, ପରିବେଶ ମନ୍ତ୍ରୀ ଗୋପାଳ ରାୟ ତାଙ୍କ ପୂର୍ବ ନିର୍ବାଚନମଣ୍ଡଳୀ ବାବରପୁରରୁ ଲଢ଼ିବେ। ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ଗ୍ରେଟର କୈଳାଶରୁ ପ୍ରାର୍ଥୀ ହେବେ। ସକୁରବସ୍ତିରୁ ପ୍ରାର୍ଥୀ ହେବେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ।

ଉଲ୍ଲେଖ ଯୋଗ୍ୟ ଯେ, ନୂଆଦିଲ୍ଲୀ ବିଧାନସଭା ଆସନରୁ କେଜ୍ରିୱାଲ୍ ୨୦୧୩ରୁ ବିଜୟୀ ହୋଇଆସୁଛନ୍ତି। ଏଥର ନିର୍ବାଚନରେ ତାଙ୍କର ମୁକାବିଲା କରିବେ ବିଜେପିର ପରଭେଶ ବର୍ମା। ଅବଶ୍ୟ ତାଙ୍କ ନାମ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ପରଭେଶ ବର୍ମା ହେଉଛନ୍ତି ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସାହିବ ସିଂହ ବର୍ମାଙ୍କ ପୁଅ। କଂଗ୍ରେସ ଏହି ଆସନରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତଙ୍କ ପୁଅ ସନ୍ଦୀପ ଦୀକ୍ଷିତଙ୍କୁ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଛି। ତେଣୁ ମର୍ଯ୍ୟାଦାଜନକ ନୂଆଦିଲ୍ଲୀ ବିଧାନସଭା ଆସନରେ ଏଥର ରୋମାଞ୍ଚକର ମୁକାବିଲା ଦେଖିବାକୁ ମିଳିବ।

ଇତିମଧ୍ୟରେ ଆପ ନେତା ଅରବିନ୍ଦ କେଜ୍ରିୱାଲ୍ ବିଜେପିକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦ ଲାଗି ଦଳୀୟ ପ୍ରାର୍ଥୀଙ୍କ ନାମ ଗୋଷଣା ପାଇଁ ଆହ୍ୱାନ କରିଛନ୍ତି। ଦିଲ୍ଲୀବାସୀ ଜାଣନ୍ତୁ ବିଜେପି ଜିତିଲେ କିଏ ହେବ ମୁଖ୍ୟମନ୍ତ୍ରୀ। ସେମାନଙ୍କର ଏହା ଜାଣିବା ପାଇଁ ଅଧିକାର ଅଛି ବୋଲି କେଜ୍ରିୱାଲ୍ କହିଛନ୍ତି। ଏହି ପ୍ରାର୍ଥୀ ତାଲିକା ଘୋଷଣା ହେବା ପରେ ସୋଶାଲ ମିଡିଆ ଏକ୍ସରେ ଏକ ପୋଷ୍ଟ ସେୟାର କରି ଅରବିନ୍ଦ କେଜ୍ରିଓ୍ୱାଲ ବିଜେପିକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, 'ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆପ୍ ସମସ୍ତ ୭୦ଟି ଯାକ ଆସନ ଲାଗି ନିଜ ପ୍ରାର୍ଥୀ ଘୋଷଣା କରିସାରିଛି। ଦଳ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ଏବଂ ପ୍ରସ୍ତୁତି ସହିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ହେଲେ ବିଜେପି ନିଖୋଜ ଅଛି। ତାଙ୍କର କୌଣସି ମୁଖ୍ୟମନ୍ତ୍ରୀ ଚେହେରା ନାହିଁ, ଦଳ ନାହିଁ, ଯୋଜନା ନାହିଁ ଏବଂ ଦିଲ୍ଲୀ ପାଇଁ କୌଣସି ତାଙ୍କର ଭିଜନ୍ ନାହିଁ।'

# କାମ ଚାପରେ ଯୁବକ ନିଜ ଆଙ୍ଗୁଠି କାଟିଲେ

**ସୁରଟ, ୧୫।୧୨:** ଅତ୍ୟଧିକ କାମ ଚାପରେ ଜଣେ ୩୨ ବର୍ଷୀୟ ବ୍ୟକ୍ତି ନିଜ ବାମହାତର ୪ଟି ଆଙ୍ଗୁଠିକୁ କାଟି ଦେଇଛନ୍ତି। ସ୍ଥାନୀୟ ଏକ ଜେବଲାରୀ ଦୋକାନରେ କମ୍ପ୍ୟୁଟର ଅପରେଟର ଭାବେ କାର୍ଯ୍ୟ କରୁଥିବା ଏହି ବ୍ୟକ୍ତିଜଣକ ଗତ ୮ ତାରିଖରେ ପୋଲିସରେ ଅଭିଯୋଗ କରିଥିଲେ ଯେ, ଅଜଣା ଦୁର୍ବୃତ୍ତଙ୍କ ଆକ୍ରମଣରେ ତାଙ୍କ ବାମହାତର ୪ଟି ଆଙ୍ଗୁଠି କଟିଯାଇଛି। ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ବେଳେ ସମ୍ପୃକ୍ତ ବ୍ୟକ୍ତି ନିଜ ହାତରେ ତାଙ୍କ ଆଙ୍ଗୁଠି କାଟିଥିବା ଜାଣିବାକୁ ପାଇଛି। ସମ୍ପୃକ୍ତ ଯୁବକ ଜଣକ ଏହାକୁ ସ୍ୱୀକାର କରିଛନ୍ତି ମଧ୍ୟ। କାମ ଚାପରେ ପଡ଼ି ସେ ଏଭଳି କଠୋର ନିଷ୍ପତ୍ତି ନେଇଥିଲେ। କାମରୁ ମୁକ୍ତି ଏବଂ ବିଶ୍ରମ ପାଇଁ ସେ ଏଭଳି କରିଥିବା ସ୍ୱୀକାର କରିଛନ୍ତି। କାମ ଚାପ ଯେଗୁ ସେ ତାଙ୍କ ମାନସିକ ଭାରସାମ୍ୟ ହରାଇଥିଲେ। ଚାକିରୀ ଛାଡ଼ିବା ମଧ୍ୟ ତାଙ୍କ ପାଇଁ ସମ୍ଭବ ନଥିଲା। ତେଣୁ ବାଧ୍ୟ ହୋଇ ସେ ଏପରି କଠୋର ନିଷ୍ପତ୍ତି ନେଇଥିଲେ ଏବଂ ପୋଲିସକୁ ବିଭ୍ରାନ୍ତ କରିବାକୁ ମିଛ ଅଭିଯୋଗ କରିଥିଲେ। ନିଜ ଆଙ୍ଗୁଠି କାଟିବା ନିମନ୍ତେ ସେ ଏକ ଧାରୁଆ ଛୁରୀ ବଜାରରୁ କିଣିଥିଲେ। ଯେଉଁ ଦୋକାନରୁ ସେ ଏହି ଛୁରୀ କିଣିଥିଲେ, ସମ୍ପୃକ୍ତ ଦୋକାନୀ ମଧ୍ୟ ତାଙ୍କୁ ଚିହ୍ନଟ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତିଜଣକ ମାସିକ ୫୦ ହଜାର ଟଙ୍କା ରୋଜଗାର କରନ୍ତି। ସେ ବିବାହିତ ଏବଂ ତାଙ୍କର ଦୁଇଟି ପିଲା ମଧ୍ୟ ଅଛନ୍ତି। ଗାଁରେ ତାଙ୍କ ବାପା ଚାଷବାସ କରନ୍ତି। କିନ୍ତୁ ପରିବାର ଲୋକେ ଏଥିଲାଗି ତାଙ୍କ ବିରୋଧରେ କୌଣସି ଅଭିଯୋଗ କରି ନାହାଁନ୍ତି। ତେଣୁ ପୋଲିସ ମାମଲାକୁ ରଫଦଫା କରିବାକୁ ଚାହୁଁଛି।

# '୨୦୧୨ରେ ପ୍ରଣବ ମୁଖାର୍ଜୀଙ୍କୁ ନେତୃତ୍ୱ ଦେବାର ଥିଲା'

**ନୂଆଦିଲ୍ଲୀ, ୧୫।୧୨:** ତାଙ୍କ ରାଜନୈତିକ ଜୀବନର ଉତଥାନ ପଛରେ ଗାନ୍ଧି ପରିବାରର ଯେତିକି ଭୂମିକା ରହିଛି, ପତନରେ ମଧ୍ୟ ସେତିକି ଭୂମିକା ରହିଛି ବୋଲି କହିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ମଣିଶଙ୍କର ଆୟାର। ପ୍ରାୟ ୧୦ ବର୍ଷ ହେବ ରାଜନୈତିକ ସ୍ତରରେ ଅଣଦେଖା ହୋଇ ପଡ଼ିଥିବା ମଣିଶଙ୍କର ଏକ ସାକ୍ଷାତକାର ଅବସରରେ କହିଛନ୍ତି ଯେ, କଂଗ୍ରେସରେ ତାଙ୍କ ଉତଥାନ ପଛରେ ଗାନ୍ଧି ପରିବାରର ପ୍ରଚ୍ଛନ୍ନ ଭୂମିକା ରହିଛି। ରାଜୀବ ଗାନ୍ଧିଙ୍କ ପାଇଁ ସେ ଦଳରେ ଆଗକୁ ଆସିଥିଲେ ଏବଂ ମନ୍ତ୍ରୀ ହୋଇଥିଲେ। କିନ୍ତୁ ସେହି ପରିବାର ହିଁ ତାଙ୍କୁ ଗତ ୧୦ ବର୍ଷ ହେବ ଅଣଦେଖା କରିଆସୁଛି। ତାଙ୍କୁ ଦଳରେ କୌଣସି ଗୁରୁଦାୟିତ୍ୱ ଦିଆଯାଇନି କିମ୍ବା ତାଙ୍କର ପରାମର୍ଶ କେହି ନେଉ ନାହାଁନ୍ତି। କୋଣ ଠେସା ହୋଇ ସେ ପଡ଼ି ରହିଛନ୍ତି। ତେବେ ପ୍ରିୟଙ୍କା ଗାନ୍ଧିଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଛି ଏବଂ ସେ ତାଙ୍କୁ ସର୍ବଦା ସହଯୋଗ ଏବଂ ସମ୍ମାନ କରନ୍ତି ବୋଲି ମଣିଶଙ୍କର କହିଛନ୍ତି। ସାକ୍ଷାତକାର ଅବସରରେ ମଣିଶଙ୍କର କହିଛନ୍ତି ଯେ, ୨୦୧୨ରେ କଂଗ୍ରେସ ଏକ ପ୍ରକାର ସଙ୍କଟର ସମ୍ମୁଖୀନ ହୋଇଥିଲା।୧ ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧି ଅସୁସ୍ଥ ହୋଇପଡ଼ିଥିଲେ। ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କର ବାଇପାସ ସର୍ଜରୀ ହୋଇଥିଲା। ସେତେବେଳେ ଜଣେ ବ୍ୟକ୍ତି ଉଭୟ ଦଳ ଏବଂ ସରକାରକୁ ସଙ୍କଟରୁ ଉଦ୍ଧାର କରିବାକୁ ସମର୍ଥ ଥିଲେ। ସେ ହେଉଛନ୍ତି ପ୍ରଣମ ମୁଖାର୍ଜୀ। କିନ୍ତୁ ଦଳ ତାଙ୍କୁ ଉପଯୁକ୍ତ ସମ୍ମାନ ବା ସ୍ୱୀକୃତି ଦେଇନଥିଲା। ଏହା କଂଗ୍ରେସ ଦଳ ପାଇଁ ମହଙ୍ଗା ପଡ଼ିଲା ଯଦି ପ୍ରଣବ ଉଭୟ ଦଳ ଏବଂ ସରକାରର ନେତୃତ୍ୱ ନେଇଥାଆନ୍ତେ ତେବେ ୨୦୧୪ରେ କଂଗ୍ରେସ ,ଭଳି ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇନଥାନ୍ତା ବୋଲି ମଣିଶଙ୍କର କହିଛନ୍ତି।

**ରାଜନୈତିକ ଉତଥାନ ଓ ପତନ ପଛରେ ଗାନ୍ଧି ପରିବାର: ମଣିଶଙ୍କର**

# ପରୀକ୍ଷା ହଲ୍‌ରେ ଟଳି ପଡ଼ିଲେ ଛାତ୍ର

**ମୁମ୍ବାଇ, ୧୫।୧୨:** ଦିନକୁ ଦିନ ଦେଶରେ ବଢ଼ି ଚାଲିଛି ହୃଦ୍‌ଘାତ ମାମଲା। ଅକାଳରେ ଟଳି ପଡୁଛି ଜୀବନ। ଏଭଳି ହିଁ ଆଉ ଏକ ମାମଲା ସାମ୍ନାକୁ ଆସିଛି। ପରୀକ୍ଷା ହଲ୍‌ରେ ଟଳି ପଡିଛନ୍ତି ଜଣେ ଛାତ୍ର। ପରୀକ୍ଷା ଦେଉଥିବା ସମୟରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଛି। ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜିନଗରର ବିଡ୍ ଅଞ୍ଚଳରେ ଘଟିଛି ଏଭଳି କିଛି ଅଭାବନୀୟ ଘଟଣା।

ଏଠାରେ ଜଣେ ବିଏସ୍‌ସିର ଛାତ୍ର ପରୀକ୍ଷା ଦେଉଥିବା ସମୟରେ ହଠାତ୍ ଟଳି ପଡିଛନ୍ତି। ସୂଚନା ମୁତାବକ, ବିଏସ୍‌ସିର ତୃତୀୟ ବର୍ଷ ଛାତ୍ର ସିଦ୍ଧାନ୍ତ ମସଲ ଶକ୍ରବାର ସକାଳେ ଇନ୍‌ଷ୍ଟିଚ୍ୟୁରେ ପରୀକ୍ଷା ଦେଉଥିଲେ। ଏହି ସମୟରେ ସେ ହଠାତ୍ ଶିକ୍ଷକଙ୍କୁ ଆସି ଠିକ୍ ଅନୁଭବ କରୁନଥିବା କହିଥିଲେ। ପରେ ସେ ଚେତାଶୂନ୍ୟ ହୋଇପଡିଥିଲେ। ଏହାପରେ ତୁରନ୍ତ ସିଦ୍ଧାନ୍ତଙ୍କୁ ଡିଷ୍ଟ୍ରିକ୍ଟ ସିଭିଲ୍ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତରମାନେ କହିଛନ୍ତି। ସିଦ୍ଧାନ୍ତ ୟୁପିଏସ୍‌ସି ପରୀକ୍ଷା ପାଇଁ ମଧ୍ୟ ପ୍ରସ୍ତୁତ ହେଉଥିଲେ। ସିଦ୍ଧାନ୍ତଙ୍କ କୌଣସି ପ୍ରକାରର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ନଥିଲା। ପୂର୍ବରୁ ମଧ୍ୟ ସେ ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ଭଳି କୌଣସି ଅଭିଯୋଗ କରିନଥିଲେ ବୋଲି ତାଙ୍କ ଭାଇ ଯଶ୍ କହିଛନ୍ତି। ସିଦ୍ଧାନ୍ତ ବେଶ୍ ପରିଶ୍ରମୀ ଥିଲେ ଏବଂ ପରିବାର ଚଳାଇବା ପାଇଁ ଦିଲ୍ଲୀରେ ମଧ୍ୟ ସେ ପାର୍ଟ ଟାଇମ୍ କାମ କରୁଥିଲେ। ମୋ ବାପା ଜଣେ କାର୍ ଡ୍ରାଇଭର ଏବଂ ମୋ ମା ଏକ ଶାଢ଼ୀ ଦୋକାନରେ କାମ କରନ୍ତି। ପରିବାରର ସ୍ଥିତିକୁ ପରିବର୍ତ୍ତନ କରିବାକୁ ମୋ ଭାଇ ଚାହୁଁଥିଲେ ବୋଲି ଯଶ୍ କହିଛନ୍ତି।

# ପାହାଡ଼ରୁ ଖସି ପଡ଼ିଲେ ମ୍ୟାଙ୍ଗୋ ଫ୍ୟାଶନ ଚେନ୍ ଫାଉଣ୍ଡର୍‌ଙ୍କ ମୃତ୍ୟୁ

**ବାର୍ସିଲୋନା, ୧୫।୧୨:** ଆଉ ନାହାନ୍ତି ଜଣାଶୁଣା ସ୍ପେନିସ୍ ଫ୍ୟାଶନ୍ କମ୍ପାନୀ ମ୍ୟାଙ୍ଗୋର ଫାଉଣ୍ଡର ଇସାକ୍ ଏଣ୍ଡିକ। ଦୁର୍ଘଟଣାରେ ସେ ପ୍ରାଣ ହରାଇଛନ୍ତି। ପାହାଡ ଉପରୁ ଖସି ତାଙ୍କ ମୃତ୍ୟୁ ହୋଇଛି। ଏନେଇ କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ୭୧ ବର୍ଷିୟ ଏଣ୍ଡିକ୍ ବାର୍ସିଲୋନା ନିକଟ ସାଲନିଟ୍ରେର କଲବାଟୋ ଗୁମ୍ଫା ଅଞ୍ଚଳରେ ପାହାଡ ଉପରୁ ୩୨୦ ଫୁଟ ଗଭୀର ଖାଇକୁ ଖସି ପଡିଛନ୍ତି। ଫଳରେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି। ମ୍ୟାଙ୍ଗୋର ସିଇଓ ଟୋନି ରୁଇଜ ଏନେଇ ସୂଚନା ଦେଇଛନ୍ତି। ସେ ଏଣ୍ଡିକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କମ୍ପାନୀରେ ତାଙ୍କର ଅବଦାନ ବିଷୟରେ କହିଛନ୍ତି। ଏଣ୍ଡିକ୍ ମ୍ୟାଙ୍ଗୋକୁ ନିଜ ଜୀବନ ଉତ୍ସର୍ଗ କରି ଦେଇଥିଲେ। ତାଙ୍କ ରଣନୀତିକ ଦୃଷ୍ଟିକୋଣ ଏବଂ ତାଙ୍କ ନେତୃତ୍ୱ ପ୍ରତି ଅଦମ୍ୟ ପ୍ରତିବଦ୍ଧତା ମାଧ୍ୟମରେ ସେ ଏକ ଅବିସ୍ମରଣୀୟ ଚିହ୍ନ ଛାଡି ଯାଇଛନ୍ତି। ୧୯୮୪ରେ ଇସାକ୍ ଏଣ୍ଡିକ୍ ତାଙ୍କ ଭାଇଙ୍କ ସହ ମିଶି ସ୍ପେନର ବାର୍ସିଲୋନାରେ ମ୍ୟାଙ୍ଗୋ ବ୍ରାଣ୍ଡ ପ୍ରତିଷ୍ଠା କରିଥିଲେ। ମ୍ୟାଙ୍ଗୋ ପ୍ରସିଦ୍ଧ ଫ୍ୟାଶନ ବ୍ରାଣ୍ଡ 'ଜାରା'ର ପ୍ରତିଦ୍ୱନ୍ଦ୍ୱୀ ଅଟେ। ସ୍ପେନରେ ସେ ଏହାକୁ କଡା ଟକ୍କର ଦେଉଛି।

# କଂଗ୍ରେସକୁ କହିଲେ ଓମାର 'ଇଭିଏମକୁ ଦୋଷ ଦେବା ଛାଡ଼'

**ଶ୍ରୀନଗର, ୧୫।୧୨:** ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ରବିବାର କଂଗ୍ରେସ ଦଳକୁ ଏକ ବଡ଼ ପରାମର୍ଶ ଦେଇଛନ୍ତି। ଅବଦୁଲ୍ଲା କଂଗ୍ରେସ ଦଳକୁ ଇଭିଏମ ବିଷୟରେ ବାରମ୍ବାର ଅଭିଯୋଗ କରିବା ବନ୍ଦ କରିବାକୁ ଏବଂ ନିର୍ବାଚନ ଫଳାଫଳକୁ ଗ୍ରହଣ କରିବାକୁ କହିଛନ୍ତି। ସୂଚନାଯୋଗ୍ୟ, ନିକଟରେ ଅନୁଷ୍ଠିତ ଅନେକ ରାଜ୍ୟର ନିର୍ବାଚନରେ ପରାଜୟର ସମ୍ମୁଖୀନ ହେବା ପରେ କଂଗ୍ରେସ ଦଳ ଇଭିଏମ୍ ରେ ତ୍ରୁଟି ହୋଇଥିବା ଦାବି କରିଛି। ପରିବାରବାଦ ଅଭିଯୋଗ ସମେତ ଅନେକ ପ୍ରସଙ୍ଗରେ ଓମାର ଅବଦୁଲ୍ଲା ମଧ୍ୟ ମତ ରଖିଛନ୍ତି।

ଓମାର ଅବଦୁଲ୍ଲା ବିଜେପିର ବଂଶବାଦ ରାଜନୀତି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହି ପ୍ରସଙ୍ଗରେ ସେ କହିଛନ୍ତି ଯେ ରାଜନୈତିକ ପରିବାର ସହ ଜଡ଼ିତ ହେବା ଜୀବନବ୍ୟାପୀ ସଫଳତାର ଚାବିକାଠି ନୁହେଁ। ଓମାର ଅବଦୁଲ୍ଲା ବିଜେପିର ବଂଶବାଦ ରାଜନୀତି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହି ପ୍ରସଙ୍ଗରେ ସେ କହିଛନ୍ତି ଯେ ରାଜନୈତିକ ପରିବାର ସହ ଜଡ଼ିତ ହେବା ଜୀବନବ୍ୟାପୀ ସଫଳତାର ଚାବିକାଠି ନୁହେଁ। ଏଥିସହିତ ଓମାର ଅବଦୁଲ୍ଲା ଏହା ମଧ୍ୟ କହିଛନ୍ତି ଯେ ବିଜେପି କାହିଁକି ନିଜ ସହଯୋଗୀ ଦଳମାନଙ୍କ ଆଗରେ ଏହି ପ୍ରସଙ୍ଗ ଉଠାଉନାହିଁ, ଯେଉଁମାନଙ୍କ ଉପରେ ପରିବାରବାଦକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହୋଇପାରେ।

### ଅତୁଲ ସୁଭାଷ ଆତ୍ମହତ୍ୟା ମାମଲା

# ପତ୍ନୀ ନିକିତାଙ୍କ ସହ ୩ ଗିରଫ

**ବେଙ୍ଗାଲୁରୁ, ୧୫।୧୨:** ବେଙ୍ଗାଲୁରୁର ଏଆଇ ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା ମମଲାରେ ପୁଲିସ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଇଞ୍ଜିନିୟରଙ୍କ ପତ୍ନୀ ନିକିତା ସିଙ୍ଘାନିଆ ତାଙ୍କ ମା' ନିଶା ସିଙ୍ଘାନିଆ ଓ ଭାଇକୁ ବେଙ୍ଗାଲୁରୁ ପୁଲିସ ଗିରଫ କରିଛି। ନିକିତାଙ୍କୁ ଗୁରୁଗ୍ରାମରୁ ଓ ମା' ଏବଂ ଭାଇକୁ ପୁଲିସ ଆହ୍ଲାବାଦରୁ ଗିରଫ କରିଥିବା ସୂଚନା ମିଳିଛି। ସମସ୍ତ ତିନି ଜଣଙ୍କୁ ବେଙ୍ଗାଲୁରୁ ଆଣି କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସେମାନଙ୍କୁ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି। ବେଙ୍ଗାଲୁରୁ ପୁଲିସ ଡିସେମ୍ବର ୧୩ ତାରିଖରେ ଅତୁଲ ସୁଭାଷଙ୍କ ପତ୍ନୀ ନିକିତା ସିଙ୍ଘାନିଆଙ୍କ ଜୈନପୁର ସ୍ଥିତ ବାସଭବନ ବାହାରେ ଏକ ନୋଟିସ୍ ଲଗାଇଥିଲା। ତେବେ ଏହା ପୂର୍ବରୁ ନିକିତା ଫେରର ଥିବା ବେଳେ ତାଙ୍କ ମା' ଓ ଭାଇ ମଧ୍ୟ ଗିରଫ ଭୟରେ ଘରେ ତାଲା ଲଗାଇ ଫେରାର ହୋଇଯାଇଥିଲେ। ବେଙ୍ଗାଲୁରୁର ୩୪ ବର୍ଷିୟ ଏଆଇ ଇଞ୍ଜିନିୟର ଅତୁଲ ସୁଭାଶ ଡିସେମ୍ବର ୯ ତାରିଖରେ ତାଙ୍କ ବେଙ୍ଗାଲୁରୁ ସ୍ଥିତ ଆପାର୍ଟମେଣ୍ଟରେ ଆତ୍ମହତ୍ୟା କରିଥିଲେ। ସେ ୨୪ ପୃଷ୍ଠାର ସୁସାଇଡ୍ ନୋଟ୍ ଓ ଦେଢ ଘଣ୍ଟାର ଭିଡିଓ ମେସେଜ୍ ଛାଡି ଜୀବନ ହାରିଛନ୍ତି। ଆକସେଞ୍ଚର ଭଳି ପ୍ରତିଷ୍ଠିତ ଆଇଟି କଂପାନୀରେ ଚାକିରୀ କରୁଥିବା ସତ୍ତ୍ୱେ ତାଙ୍କ ପତ୍ନୀ ନିକିତା ଏକାଥରକେ ଛାଡ଼ପତ୍ର ସେଟେଲମେଣ୍ଟ ପାଇଁ ୩ କୋଟି ଟଙ୍କା ଦାବି କରୁଥିଲେ। ଯାହାକୁ ନେଇ ମାନସିକ ଚାପରେ ରହୁଥିଲେ ଅତୁଲ। ନିଜ ସୁସାଇଡ୍ ନୋଟ୍‌ରେ ତାଙ୍କ ସ୍ତ୍ରୀ ନିକିତା ସିଙ୍ଘାନିଆ ଏବଂ ଶାଶୁଙ୍କ ବିରୋଧରେ ଅତୁଲ ଗୁରୁତର ଅଭିଯୋଗ କରିଛନ୍ତି। ତାଙ୍କ ସୁଇସାଇଡ ନୋଟରେ କୋଟି କୋଟି ଟଙ୍କା ଦାବି ସହ ମିଛ ମାମଲାରେ ଫଶାଯିବା ଭଳି ଅଭିଯୋଗ ରହିଛି।



### ନିକିତାଙ୍କ ଗିରଫ ପରେ ପ୍ରଶ୍ନ କଲେ ଅତୁଲଙ୍କ ବାପା

# ମୋ ନାତି ବଞ୍ଚିଛି ନା ମାରିଦେଲ ?

**ବେଙ୍ଗାଲୁରୁ, ୧୫।୧୨:** ଯୁବ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ଆତ୍ମହତ୍ୟା ମାମଲାକୁ ନେଇ ଦିନକୁ ଦିନ ନୂଆ ନୂଆ ମୋଡ ସାମ୍ନାକୁ ଆସୁଛି। ଆତ୍ମହତ୍ୟା କରିବା ପାଇଁ ଉସ୍‌କାଇବା ଓ ନିର୍ଯାତନା ଦେବା ଅଭିଯୋଗରେ ବେଙ୍ଗାଲୁରୁ ପୁଲିସ ତାଙ୍କ ପତ୍ନୀ ନିକିତା, ଶାଶୁ ଓ ଶଳାକୁ ଗିରଫ କରିଛି। ଏହି ଗିରଫଦାରୀ ପରେ ତାଙ୍କ ୪ ବର୍ଷର ନାତି କୁଆଡେ ଗଲା ବୋଲି ପ୍ରଶ୍ନ କରିଛନ୍ତି ଅତୁଲ ସୁଭାଷଙ୍କ ବାପା ପବନ କୁମାର ମୋଦି।

ଅତୁଲ ସୁଭାଷଙ୍କ ବାପା କହିଛନ୍ତି, 'ମୋ ନାତି କୁଆଡେ ଗଲା। ମୁଁ ଜାଣିନି ମୋ ନାତିକୁ ସେମାନେ କେଉଁଠି ରଖିଛନ୍ତି। ତାକୁ ମାରିଦେଲ ନା ସେ ବଞ୍ଚିଛି ? ମୁଁ ଚାହୁଁଛି ଯେ, ମୋ ନାତି ଆମ ସହ ରହୁ।' ଏହା ସହିତ ସେ ଆହୁରି କହିଛନ୍ତି, 'ଅଭିଯୁକ୍ତଙ୍କୁ ଗିରଫ କରିଥିବାରୁ ମୁଁ ପୁଲିସକୁ ଧନ୍ୟବାଦ ଜଣାଉଛି। ଅଭିଯୁକ୍ତ ଜଜ୍ ଦୁର୍ନୀତିଗ୍ରସ୍ତ ଥିଲେ। ମୋତେ ଏପର୍ଯ୍ୟନ୍ତ ନ୍ୟାୟ ମିଳିନାହିଁ କାରଣ ମୋ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ମୁଁ ଚାହୁଁଛି ଯେ, ମୋ ନାତି ମୋ ପାଖକୁ ଆସୁ। ଏଥିପାଇଁ ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଓ ଅନ୍ୟ ନେତାମାଙ୍କୁ ନିବେଦନ କରୁଛି।' କହିରଖୁ ଯେ, ବେଙ୍ଗାଲୁରୁ ପୁଲିସ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ପତ୍ନୀ, ତାଙ୍କ ଶାଶୁ ଓ ଶାଳାଙ୍କୁ ଗିରଫ କରିଛି। ପତ୍ନୀ ନିକିତା ସିଙ୍ଘାନିଆଙ୍କୁ ହରିୟାଣାର ଗୁରୁଗ୍ରାମରୁ ଏବଂ ତାଙ୍କ ମା' ନିଶା ସିଙ୍ଘାନିଆ ଓ ତାଙ୍କ ଭାଇ ଅନୁରାଗ ସିଙ୍ଘାନିଆଙ୍କୁ ଉତ୍ତରପ୍ରଦେଶର ପ୍ରୟାଗରାଜରୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କୁ ଶନିବାର ସକାଳେ ଗିରଫ କରାଯାଇ ବେଙ୍ଗାଲୁରୁ ଅଣାଯାଇ ସ୍ଥାନୀୟ କୋର୍ଟରେ ହାଜର କରାଯିବା ପରେ ସମସ୍ତଙ୍କୁ ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇ ଦିଆଯାଇଛି।

୩୪ ବର୍ଷୀୟ AI ଇଞ୍ଜିନିୟର ଅତୁଲ ସୁଭାଷଙ୍କ ଡିସେମ୍ବର ୯ ତାରିଖରେ ଦକ୍ଷିଣ-ପୂର୍ବ ବେଙ୍ଗାଲୁରୁର ମୁନ୍ନେକୋଲାଲୁ ସ୍ଥିତ ତାଙ୍କ ଘରେ ଝୁଲନ୍ତା ଅବସ୍ଥାରେ ମୃତଦେହ ଦେଖିବାକୁ ମିଳିଥିଲା। ଆତ୍ମହତ୍ୟା ପୂର୍ବରୁ ସେ ୨୪ ପୃଷ୍ଠାର ଏକ ସୁସାଇଡ୍ ନୋଟ୍ ଦେଢ଼ ଘଣ୍ଟାର ଭିଡିଓ ମେସେଜ୍ ଛାଡିଥିଲେ। ତାଙ୍କଠାରୁ ଅଲଗା ରହୁଥିବା ପତ୍ନୀ ଏବଂ ଶାଶୁ ତାଙ୍କୁ ମିଥ୍ୟା ମାମଲାରେ ଫସାଇ ଲଗାତର ନିର୍ଯାତନା ଦେଉଥିଲେ। ସେମାନେ ହିଁ ତାଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥିବା ଅତୁଲ ଭିଡିଓରେ ଅଭିଯୋଗ କରିଥିଲେ।

### ମଣିପୁରରେ ପୁଣି ହିଂସା

# ୨ ପ୍ରବାସୀ ଶ୍ରମିକଙ୍କୁ ଗୁଳି କରି ହତ୍ୟା



**ଇମ୍ଫାଲ, ୧୫।୧୨:** ମଣିପୁରରେ ପୁଣି ହିଂସା। ଉଗ୍ରବାଦୀମାନେ ପୁଣି ଏଠାରେ ଘଟାଇଛନ୍ତି ବର୍ବର କାଣ୍ଡ। କାମରୁ ଘରକୁ ଫେରୁଥିବା ବେଳେ ଦୁଇ ଜଣ ପ୍ରବାସୀ ଶ୍ରମିକଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ମଣିପୁରର କାକଚିଙ୍ଗ ଜିଲ୍ଲାରେ ଏହି ଘଟଣା ଘଟିଛି। ଏହାକୁ ନେଇ ପୂରା ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ଉଭୟ ପ୍ରବାସୀ ଶ୍ରମିକଙ୍କୁ ହତ୍ୟା କରିଥିବା ଆକ୍ରମଣକାରୀମାନେ ଏପର୍ଯ୍ୟନ୍ତ ଚିହ୍ନଟ ହୋଇନାହାଁନ୍ତି।

ପୁଲିସର ସୂଚନାନୁସାରେ, ଶନିବାର ସନ୍ଧ୍ୟା ପ୍ରାୟ ୫ଟା ୨୦ ମିନିଟ୍ ସମୟରେ ଏହି ଘଟଣା ଘଟିଛି। କାକଚିଙ୍ଗ ଜିଲ୍ଲାର କେଇରାକରେ ନିର୍ମାଣ କାର୍ଯ୍ୟ କରିବା ପରେ ଏଠାରୁ ଉଭୟ ଶ୍ରମିକ ଫେରୁଥିଲେ। କାକଚିଙ୍ଗ ପୁଲିସ କହିଛି ଯେ ଏହି ଘଟଣା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଘଟିଛି। ମୃତକମାନେ ହେଲେ ସୁନାଲାଲ କୁମାର (୧୮) ଏବଂ ଦାଶରଥ କୁମାର (୧୭) ବୋଲି ଜଣାପଡିଛି। ଉଭୟ ବିହାରର ଯାଦବପୁର ଥାନା ଅନ୍ତର୍ଗତ ଗୋପାଳଗଞ୍ଜ ଜିଲ୍ଲାର ରାଜଓ୍ୱାହି ଗାଁର ବାସିନ୍ଦା ବୋଲି କୁହାଯାଉଛି। ପୁଲିସ କହିବା ମୁତାବକ, ଉଭୟ ଶ୍ରମିକ ସାଇକେଲ ଯୋଗେ ନିଜ ଭଡ଼ା ଘରକୁ ଫେରୁଥିଲେ। ଏତିକି ବେଳେ ରାସ୍ତା ଉପରେ ହିଁ ଉଗ୍ରବାଦୀମାନେ ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ। ଏଥିରେ ଉଭୟ ଟଳି ପଡିଥିଲେ। ସେପଟେ ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ଦୃଷ୍ଟିରେ ରଖି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜିବା ଆରମ୍ଭ କରିଛି। ତେବେ ହତ୍ୟାକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣା ପଡିନାହିଁ।

ସୂଚନାଯୋଗ୍ୟ, ମଣିପୁରଗତ ୧୯ ମାସ ଧରି ହିଂସାର ନିଆଁରେ ଜଳୁଛି। ଏପର୍ଯ୍ୟନ୍ତ ଶହ ଶହ ଲୋକଙ୍କ ମୃତ୍ୟୁ ଘଟି ସାରିଲାଣି। ହଜାର ହଜାର ପରିବାରଙ୍କୁ ଘର ଛାଡି ରିଲିଫ କ୍ୟାମ୍ପରେ ରହିବାକୁ ପଡୁଛି। ତେବେ ଶାନ୍ତ ହେବା ପରିବର୍ତ୍ତେ ମଣିପୁର ଆହୁରି ହିଂସା ବଢ଼ିବାରେ ଲାଗିଛି।

# ବାର୍ଷିକ ଉତ୍ସବରେ ବୋମା ବିସ୍ଫୋରଣ, ୩ ମୃତ

**ବ୍ୟାଙ୍କକ, ୧୫।୧୨:** ବାର୍ଷିକ ଉତ୍ସବ ପାଳନ ବେଳେ ହେଲା ଭୟଙ୍କର ବୋମା ବିସ୍ଫୋରଣ। ଘଟଣାସ୍ଥଳରେ ହିଁ ଚାଲିଗଲା ୩ ଜଣଙ୍କ ଜୀବନ। ସେହିପରି ଅନେକ ଆହତ ମଧ୍ୟ ହୋଇଛନ୍ତି। ଥାଇଲାଣ୍ଡର ଟାକ ଅଞ୍ଚଳରେ ଘଟିଛି ଏହି ଘଟଣା। ସିନହୁଆ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଥାଇଲାଣ୍ଡର ଟାକ ଅଞ୍ଚଳରେ ଏକ ବାର୍ଷିକ ଉତ୍ସବ ଚାଲିଥିଲା। ଏଥିରେ ଶହ ଶହ ଲୋକ ସାମିଲ ହୋଇଥିଲେ। ତେବେ ଏତିକି ବେଳେ ଏଠାରେ ଭୟଙ୍କର ବୋମା ବିସ୍ଫୋରଣ ହୋଇଥିଲେ। ଏଥିରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୯ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେପଟେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପୌତଙ୍ଗଟାର୍ଣ୍ଣ ଶିନବାତ୍ରା ସୋଶାଲ ମିଡିଆରେ ଏକ ପୋଷ୍ଟରେ ବିସ୍ଫୋରଣରେ ପ୍ରାଣ ହରାଇଥିବା ଏବଂ ଆହତଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ସେ ଘଟଣାର ଶୀଘ୍ର ତଦନ୍ତ, ଅପରାଧୀଙ୍କୁ ଗିରଫ କରିବାକୁ ପୁଲିସ ଏବଂ ସୁରକ୍ଷା ଏଜେନ୍ସିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଆଗାମୀ ସମସ୍ତ ପର୍ବରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାପୂର୍ବରୁ ଚଳିତ ବର୍ଷ ଆରମ୍ଭରେ ଥାଇଲ୍ୟାଣ୍ଡର ଦକ୍ଷିଣ ପ୍ରଦେଶର ସୋଙ୍ଗଖଲାର ଏକ ପାର୍କ ନିକଟ ରାସ୍ତା କଡ଼ରେ ବିସ୍ଫୋରଣ ହୋଇଥିଲା। ଏଥିରେ ଦୁଇ ସ୍କୁଲ ପିଲାଙ୍କ ସମେତ ୮ ଜଣ ଆହତ ହୋଇଥିଲେ। ଆହତମାନଙ୍କ ମଧ୍ୟରେ ଜିଲ୍ଲା ସହାୟକ ମୁଖ୍ୟ, ପ୍ରତିରକ୍ଷା ସ୍ୱେଚ୍ଛାସେବୀ ଏବଂ ଗ୍ରାମବାସୀ ମଧ୍ୟ ସାମିଲ ଥିଲେ। ଏହି ବିସ୍ଫୋରଣ ଥାଇ ସେନା ଓ ବିଦ୍ରୋହୀଙ୍କ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ପରେ ଘଟିଥିଲା। ଏହା ପରେ ସୁରକ୍ଷା ବାହିନୀ ନରଥୀଓ୍ୱାଟ ପ୍ରଦେଶର ଏକ ପର୍ବତ ଉପରେ ୫ ସନ୍ଦିଗ୍ଧ ବିଦ୍ରୋହୀଙ୍କୁ ହତ୍ୟା କରିଥିଲେ।

# ନକଲି ପାସପୋର୍ଟ କରି ବିଦେଶ ପଠାଉଥିବା ଗ୍ୟାଙ୍ଗର ପର୍ଦ୍ଦାଫାସ୍

**ନୂଆଦିଲ୍ଲୀ, ୧୫।୧୨:** ବେଆଇନ ଏଜେଣ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦିଲ୍ଲୀର ଆଇଜିଆଇ ବିମାନବନ୍ଦର ପୁଲିସ ଆଜି ଏକ ବଡ଼ ସଫଳତା ହାସଲ କରିଛି। ପ୍ରକାଶ ଥାଉ କି ଯେ, ଆଇଜି ବିମାନବନ୍ଦର ପୁଲିସ ହରିୟାଣାର ଜଣେ ଏଜେଣ୍ଟ ଅବତାର ସିଂଙ୍କୁ ଗିରଫ କରିଛି ଯିଏ ବେଆଇନ ଭାବେ ଲୋକଙ୍କୁ ବିଦେଶ ପଠାଉଥିଲା। ଜଣେ ବ୍ୟକ୍ତିଙ୍କୁ ପାନାମାକୁ ପଠାଇବା ପାଇଁ ଅଭିଯୁକ୍ତ ଏଜେଣ୍ଟ ଅନ୍ୟ କାହାର ପାସପୋର୍ଟ ପ୍ରସ୍ତୁତ କରିଥିଲେ। ଡିସିପି ଉଷା ରଙ୍ଗାନାନୀଙ୍କ ଅନୁଯାୟୀ, ନଭେମ୍ବର ୨୦, ୨୦୨୪ରେ ଜଣେ ବ୍ୟକ୍ତି ବିକ୍ରମଜିତ ମାଲ୍ଟାନୀଙ୍କ ନାମରେ ପାସପୋର୍ଟ ନେଇ ପାନାମାରୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ପହଞ୍ଚିଥିଲେ।

ଇମିଗ୍ରେସନ କ୍ଲିୟରାନ୍ସ ସମୟରେ ତାଙ୍କ ପରିଚୟ ସନ୍ଦେହଜନକ ବୋଲି ଜଣାପଡିଥିଲା । ଯେତେବେଳେ ତାଙ୍କର ପାସପୋର୍ଟ ଏବଂ ଅନ୍ୟାନ୍ୟ ଦଲିଲ ଯାଞ୍ଚ କରାଯାଇଥିଲା, ସେତେବେଳେ ଜଣାପଡ଼ିଲା ଯେ ତାଙ୍କର ପ୍ରକୃତ ନାମ ହେଉଛି ଗୁରୁବିନ୍ଦର ପାଲ ସିଂ। ତାଙ୍କର ଭ୍ରମଣ ଦଲିଲଗୁଡ଼ିକର ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାପଡିଥିଲା ଯେ ସେ ଅନ୍ୟର ପାସପୋର୍ଟରେ ଫ୍ରାନ୍ସ ଯାଉଛନ୍ତି। ପ୍ରାଥମିକ ଅନୁସନ୍ଧାନ ପରେ ଗୁରୁବିନ୍ଦର ପାଲ ସିଂଙ୍କୁ ଆଇଜି ବିମାନବନ୍ଦର ପୁଲିସକୁ ହସ୍ତାନ୍ତର କରାଯାଇଥିଲା। ଭାରତୀୟ ଇମିଗ୍ରେସନକୁ ଠକିଥିବା ଅଭିଯୋଗରେ ପୁଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ କରିଥିଲା। ଆଇଜି ପୋଲିସର ପଚରାଉଚରା ବେଳେ ଅଭିଯୁକ୍ତ ଗୁରୁବିନ୍ଦର ପାଲ ସିଂ କହିଥିଲେ ଯେ ତାଙ୍କର ଅନେକ ସମ୍ପର୍କୀୟ ଏବଂ ବନ୍ଧୁ ବିଦେଶରେ ରହି ଭଲ ରୋଜଗାର କରୁଛନ୍ତି। ଉନ୍ନତ ଜୀବନଯାପନ କରିବାକୁ ଚାହୁଁଥିବା ବେଳେ ସେ ବିଦେଶ ଯିବାକୁ ଯୋଜନା କରିଥିଲେ ଏବଂ ଏଜେଣ୍ଟ ଅବତାର ସିଂଙ୍କ ସହ ଯୋଗାଯୋଗ କରିଥିଲେ। ଯିଏ ତାଙ୍କୁ ୨୫ ଲକ୍ଷ ଟଙ୍କାରେ ବେଆଇନ ଭାବେ ବିଦେଶ ପଠାଇବାକୁ ପ୍ରତିଶୃତି ଦେଇଥିଲା। ଡିଲ୍ ରାଶି ପ୍ରଦାନ ପରେ ଅଭିଯୁକ୍ତ ଏଜେଣ୍ଟ ଜାନୁଆରୀ ୨୦୨୪ରେ ତାଙ୍କ ପାସପୋର୍ଟ ନେଇଥିଲେ ଏବଂ ପରେ ତାଙ୍କୁ କତାର, ଫ୍ରାନ୍ସ ଏବଂ ସ୍ପେନ ଯାତ୍ରା କରିବାର ବ୍ୟବସ୍ଥା କରିଥିଲେ। ସେ ସ୍ପେନରେ ପାସପୋର୍ଟ ହଜାଇଦେଇଥିଲେ। ଏହା ପରେ ଏଜେଣ୍ଟ ଅବତାର ସିଂ ତାଙ୍କ ପାଇଁ ଜଣେ ବିକ୍ରମଜିତ ମଲ୍ଟାନୀଙ୍କ ନାମରେ ଏକ ପାସପୋର୍ଟ ବ୍ୟବସ୍ଥା କରିଥିଲେ ଏବଂ ସେ ବ୍ରାଜିଲ ଏବଂ କଲମ୍ବିଆ ଯାଇଥିଲେ। ଅଧିକନ୍ତୁ, ସେହି ଏଜେଣ୍ଟ ତାଙ୍କ ପାଇଁ ଅକ୍ଟୋବର ୨୦୨୪ରେ ପାନାମାରେ ବେଆଇନ ପ୍ରବେଶର ବ୍ୟବସ୍ଥା କରିଥିଲେ କିନ୍ତୁ ସେ ପାନାମାରେ ଧରାପଡିଥିଲେ। ଯେଉଁଠାରୁ ତାଙ୍କୁ ନିର୍ବାସିତ କରାଯାଇ ଭାରତକୁ ପଠାଯାଇଥିଲା।

# ବିନା ହିଜାବରେ ଗାଉଥିଲେ: ସିଙ୍ଗର୍‌ଙ୍କୁ ବାନ୍ଧିଲା ପୁଲିସ

**ତେହେରାନ, ୧୫।୧୨:** ମହଙ୍ଗା ପଡିଲା ହିଜାବ ନ ପିନ୍ଧି ଗୀତ ଗାଇବା। ବନ୍ଧା ହେଲେ ସିଙ୍ଗର୍। ଭର୍ଚୁଆଲ କନସର୍ଟରେ ହିଜାବ ନ ପିନ୍ଧି ଗାଇବା ଯୋଗୁ ଇରାନ୍‌ର ଜଣେ ୟୁଟ୍ୟୁବର୍ ତଥା ସିଙ୍ଗର୍‌ଙ୍କୁ ପୁଲିସ ଗିରଫ କରିଛି। ଗିରଫ ସିଙ୍ଗର ଜଣକ ହେଲେ ୨୭ ବର୍ଷୀୟ ପରସ୍ତୁ ଅହମଦି। ଶନିବାର ଇରାନ୍‌ର ଉତ୍ତର ପ୍ରାନ୍ତର ମଞ୍ଜଦରାନର ରାଜଧାନୀ ସାରି ସହରରୁ ପୁଲିସ ତାଙ୍କୁ ଗିରଫ କରିଛି। ଇରାନ୍‌ର ଜଣେ ଓକିଲ ମିଳାଦ ପନାହିପୁର ଏନେଇ ସୂଚନା ଦେଇଛନ୍ତି। ତାଙ୍କ କହିବା ମୁତାବକ, ପରସ୍ତୁ ଅହମଦି ହିଜାବ ନ ପିନ୍ଧି ଅନ୍‌ଲାଇନ୍ କନ୍‌ସର୍ଟ କରିଥିଲେ। ଏହାପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗାୟକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୋର୍ଟ କହିଛନ୍ତି। ଏହି ମାମଲା ଆଇନଗତ ଏବଂ ଧାର୍ମିକ ମାନର ଉଲ୍ଲଂଘନ ବୋଲି କୁହାଯାଉଛି। ଅହମଦିଙ୍କ ସହ ତାଙ୍କର ଅନ୍ୟ ଦୁଇ ଜଣ ସାଥୀ ପୁରୁଷ ସିଙ୍ଗର୍‌ଙ୍କୁ ମଧ୍ୟ ଗିରଫ କରାଯାଇଛି। ପରସ୍ତୁ ଅହମଦି ଗତ ବୁଧବାର ବିଳମ୍ବିତ ରାତିରେ ନିଜ ୟୁଟ୍ୟୁବ ଚ୍ୟାନେଲରେ ଏକ କନସର୍ଟ ଷ୍ଟ୍ରିମ୍ କରିଥିଲେ। ବିନା ଦର୍ଶକରେ ଇରାନ୍‌ରେ ହିଁ ଏହି କନ୍‌ସର୍ଟ ଆୟୋଜିତ ହୋଇଥିଲା। ଅହମଦି ଏହି ସମୟରେ ଏକ କଳା ରଙ୍ଗ ଅଫ୍ ସୋଲ୍ଡର ଡ୍ରେସ୍ ପିନ୍ଧିଥିଲେ କିନ୍ତୁ ତାଙ୍କ ମୁଣ୍ଡରେ ହିଜାବ ନଥିଲା। ଏହାର ଗୋଟିଏ ଦିନ ପରେ ଗୁରୁବାର ନିଜେ ଅହମଦିଙ୍କ କନସର୍ଟ ପ୍ରଦର୍ଶନ ସମ୍ପର୍କରେ କୋର୍ଟ ଏକ ମାମଲା ରୁଜୁ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅହମଦିଙ୍କ ସହ ଚାରିଜଣ ପୁରୁଷ ସିଙ୍ଗର୍ ମଧ୍ୟ ଉପସ୍ଥିତ ଥିଲେ। ଇରାନ୍‌ରେ ହିଜାବକୁ ନେଇ କଠୋର ନିୟମ ରହିଛି। ବାସ୍ତବରେ, ୧୯୭୯ରେ ଇସଲାମିକ୍ ବିପ୍ଳବ ପରେ ଲାଗୁ ହୋଇଥିବା ନିୟମ ଅନୁଯାୟୀ, ଇରାନରେ ମହିଳାମାନେ ସର୍ବସାଧାରଣ ସ୍ଥାନରେ କେଶ ଢ଼ାଙ୍କିବାକୁ ବାଧ୍ୟ। ସେମାନଙ୍କୁ ସର୍ବସାଧାରଣ ସ୍ଥାନରେ ଗୀତ ଗାଇବାକୁ ଅନୁମତି ମଧ୍ୟ ଦିଆଯାଇ ନାହିଁ।

SANCHAR ସଂଚାର

# ମଧୁ ବାରିଷ୍ଟର ଆନ୍ତଃଜିଲ୍ଲା ଆଇନଜୀବୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଭୁବନେଶ୍ୱର ବାର ଚମ୍ପିୟାନ

**କଟକ, ୧୫।୧୨ (ସଞ୍ଚାର ବ୍ୟୁରୋ) :** କଟକ ମଧୁ ବାରିଷ୍ଟର ଆଇନଜୀବୀ ସଂଗଠନ ଆନୁକୂଲ୍ୟରେ ଆଜି ତ୍ରିଶୁଳିଆ ସ୍ଥିତ ନରଣପୁର ଖେଳ ପଡିଆରେ ଚତୁର୍ଥ ବାର୍ଷିକ ଆନ୍ତଃଜିଲ୍ଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇ ଯାଇଅଛି । କଟକ ବାର ଆସୋସିଏସନ ଆଜିର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଢେଙ୍କାନାଳ ବାର ଆସୋସିଏସନକୁ ପରାସ୍ତ କରି ଫାଇନାଲ କୁ ଉତ୍ତୀର୍ଣ୍ଣ ହୋଇଥିଲା । ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଭୁବନେଶ୍ୱର ବାର ଆସୋସିଏସନ ଓ କଟକ ବାର ଆସୋସିଏସନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ମ୍ୟାଚରେ ଭୁବନେଶ୍ୱର ବାର ଆସୋସିଏସନ ବିଜୟ ଲାଭ କରି ଚତୁର୍ଥ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୪ ର ଚମ୍ପିୟାନ ହୋଇଥିଲେ । ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ରୂପେ ଭୁବନେଶ୍ୱର ବାର ଆସୋସିଏସନର ଆଶୁତୋଷ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ଉଦଯାପନୀ ଦିବସରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଟୁର୍ଣ୍ଣାମେଣ୍ଟର ଉଦଯାପନ ଉତ୍ସବ ରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଓ ବରିଷ୍ଠ ଆଇନଜୀବୀ ସୌର ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ । ଭୁବନେଶ୍ୱର ବାର ଆସୋସିଏସନର ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ,କଟକ ବାର ଆସୋସିଏସନର ସହ ସମ୍ପାଦକ ନାଗ ଶତପଥୀଙ୍କ ସହିତ ବରିଷ୍ଠ ଆଇନଜୀବୀ ପାର୍ଥ ସାରଥୀ ନାୟକ, ଶରତ ଚନ୍ଦ୍ର ପ୍ରଧାନ,ଧ୍ରୁବ ଚରଣ ରାଉତ,ଶୁଭାଂଶୁ ମହାନ୍ତି,ତାପସ ନାୟକ,ନେପାଳ କୁମାର ସାମନ୍ତ,ସୁଚି ରଞ୍ଜନ ରାଉତ,ସୁବାଶିଷ ପଟ୍ଟନାୟକ,ସୁରେଶ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ସଂଗଠନର ଉପଦେଷ୍ଟା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି ଅତିଥି ମାନଙ୍କୁ ସ୍ୱାଗତ କରିଥିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ସଂଗଠନର ସଭାପତି ସଂଗ୍ରାମ କେଶରୀ ଦାସ, ସମ୍ପାଦକ ଗଗନ ବାରିକ, କୋଷାଧ୍ୟକ୍ଷ ମହେନ୍ଦ୍ର ସୁଦୁଲି, ଆଇନଜୀବୀ ନିରଞ୍ଜନ ବେହେରା, ହରି ଓଝା,ରୋହିତ ରଞ୍ଜନ ସ୍ୱାଇଁ,ବିଶ୍ୱଜିତ ସିଂ, ଅରବିନ୍ଦ ପଟ୍ଟନାୟକ,ରଶ୍ମି ରଞ୍ଜନ ସ୍ୱାଇଁ, ପ୍ରଭାତ ସାହୁ, ଲକ୍ଷ୍ମୀ ନାରାୟଣ ମିଶ୍ର, ତ୍ରିଲୋଚନ ରାମ,ଶିବାନନ୍ଦ ମହାରଣା,ଜ୍ୟୋତି ରଞ୍ଜନ ତ୍ରିପାଠୀ, ପଙ୍କଜ ଜଟି,ଅନୀଲ ନାୟକ, ଜ୍ୟୋତି ରଞ୍ଜନ ରାୟ ,ତୁଷାର କାନ୍ତି, ପ୍ରଭାତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ସୁପରିଚାଳନା ନିମନ୍ତେ ସହଯୋଗ ପ୍ରଦାନ କରିଥିଲେ ।



## ହେଡ-ସ୍ମିଥଙ୍କ ଶତକ ପରେ ବ୍ୟାକଫୁଟରେ ଭାରତ

**ବ୍ରିସବେନ, ୧୫।୧୨:** ଭାରତ ରାସ୍ତାରେ ପୁଣି କଣ୍ଟା ସାଜିଲେ ଟ୍ରାଭିସ ହେଡ୍। ଅଷ୍ଟ୍ରେଲିଆରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚରେ ବିସ୍ଫୋରକ ୧୫୨ ରନର ପାଳି ଖେଳି ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଛନ୍ତି ହେଡ୍। ମ୍ୟାଚର ପ୍ରଥମ ଦିନରେ ବର୍ଷା ବାଧକ ସାଜିଥିବାବେଳେ ଆଜି ଦ୍ୱିତୀୟ ଦିନରେ ଗାବାରେ ରନ ବର୍ଷା ହୋଇଥିଲା। ହେଡଙ୍କ ବ୍ୟତୀତ ସ୍ମିଥ ମଧ୍ୟ ଶତକୀୟ ପାଳି ଖେଳିଥିଲେ। ତେବେ ଆଜି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୭ ୱିକେଟ ହରାଇ ୪୦୫ ରନ କରିଛି। ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍ ବ୍ରିସବେନର ଗାବାରେ ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ବର୍ଷା ବାଧକ ସାଜିବାରୁ କେବଳ ୧୩.୨ ଓଭର ଖେଳାଯାଇପାରିଥିଲା। କୌଣସି ୱିକେଟ ନହରାଇ ଅଷ୍ଟ୍ରେଲିଆ ୨୮ ରନ ସଂଗ୍ରହ କରିଥିଲା। ଏହିଠାରୁ ଆଜିର ଖେଳ ଆରମ୍ଭ ହୋଇଥିଲା। ପ୍ରଥମ ଦିନରୁ ଷ୍ଟ୍ରାଇକରେ ଥିବା ଦୁଇ ବ୍ୟାଟର ଆଜି ବେଶୀ ସମୟ ତିଷ୍ଠି ପାରିନଥିଲେ। ଉସମାନ ଖାଓ୍ୱାଜା କେବଳ ୨୧ ରନ କରି ବୁମ୍ରାଙ୍କ ପ୍ରଥମ ଶିକାର ପାଲଟିଥିଲେ। ଏହାପରେ ନାଥନ ମ୍ୟାକ୍ସୱିନୀ(୯) ବୁମ୍ରାଙ୍କ ଦ୍ୱିତୀୟ ଶିକାର ପାଲଟିଥିଲେ।

ମାର୍ନୁସ ଲାବୁସେନ(୧୨)ଙ୍କୁ ନୀତୀଶ ରେଡ୍ଡୀ ପାଭିଲିୟନ ଫେରାଇବା ପରେ ଆରମ୍ଭ ହୋଇଥିଲା ଷ୍ଟିଭ୍ ସ୍ମିଥ୍ ଓ ଟ୍ରାଭିସ ହେଡ୍ ଶୋ। ବିସ୍ଫୋରକ ବ୍ୟାଟିଂ କରି କେବଳ ୧୬୦ ବଲରୁ ୧୫୨ ରନର ପାଳି ଖେଳିଥିଲେ ହେଡ୍। ଅନ୍ୟପଟେ ଦୀର୍ଘ ଦିନ ହେବ ଲୟ ଖୋଜୁଥିବା ସ୍ମିଥ ମଧ୍ୟ ଶତକ ହାସଲ କରିଥିଲେ। ସେ ୧୯୦ ବଲରୁ ୧୦୧ ରନ ଖଳିଥିଲେ। ତେବେ ସମୟକ୍ରମେ ବୁମ୍ରା ଉଭୟଙ୍କୁ ପାଭିଲିୟନର ରାସ୍ତା ଦେଖାଇଥିଲେ। ମିଚେଲ୍ ମାର୍ଶ କେବଳ ୫ ରନ କରି ଆଉଟେ ହୋଇଥିବାବେଳେ ଅଧିନାୟକ ପ୍ୟାଟ୍ କମିନ୍ସ ୨୦ ରନ କରି ସିରାଜଙ୍କ ବଲରେ ଆଉଟ ହୋଇଥିଲେ। ଆଜିର ଖେଳ ଶେଷ ବେଳକୁ ଆଲେକ୍ସ କ୍ୟାରୀ ୪୫ ଓ ମିଚେଲ୍ ଷ୍ଟାର୍କ ୭ ରନ କରି କ୍ରିଜରେ ମହଜୁଦ ଅଛନ୍ତି। ଅନ୍ୟପଟେ ଭାରତ ପକ୍ଷରୁ ଜସପ୍ରୀତ ବୁମ୍ରା ସର୍ବାଧିକ ୫ ୱିକେଟ ସଫଳତା ହାସଲ କରିଥିବାବେଳେ ଅନ୍ୟ କୌଣସି ବୋଲର ନିଜର ଆଖିଦୃଶିଆ ପ୍ରଦର୍ଶନ ଦେଇପାରିନଥିଲେ। ସିରାଜ ଓ ନୀତୀଶ କୁମାର ରେଡ୍ଡୀ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଆକାଶ ଦୀପ ଓ ରବୀନ୍ଦ୍ର ଜାଡେଜାଙ୍କୁ କୌଣସି ସଫଳତା ମିଳିନଥିଲା।

# ୱିକେଟ ପଛରେ ଋଷବଙ୍କ କମାଲ ହାତେଇଲେ ୧୫୦ ଟେଷ୍ଟ ୱିକେଟ୍



**ନୂଆଦିଲ୍ଲୀ,୧୫।୧୨:** ବ୍ରିସବେନର ଗାବା ଗ୍ରାଉଣ୍ଡରେ ଭାରତ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ଟେଷ୍ଟ ଖେଳାଯାଉଛି। ଏଥିରେ ଋଷଭ ପନ୍ତଙ୍କ ନାମରେ ନୂଆ ରେକର୍ଡ ଯୋଡି ହୋଇଛି। ୱିକେଟ ପଛରେ କମାଲ କରିଛନ୍ତି ପନ୍ତ। ଗାବା ଟେଷ୍ଟର ଦ୍ୱିତୀୟ ଦିନରେ ଉସମାନ ଖ୍ୱାଜାର କ୍ୟାଚ ଧରି ଏମଏସ ଧୋନୀଙ୍କ ବରାବର ହୋଇଛନ୍ତି ଋଷବ। ଏହା ସହିତ ଟେଷ୍ଟ ମ୍ୟାଚରେ ୧୫୦ଟି ୱିକେଟ ହାସଲ କରିବାରେ ସଫଳ ହୋଇଛନ୍ତି। ୪୧ଟି ମ୍ୟାଚ ଖେଳି ୧୫୦ ୱିକେଟ ହାସଲ କରିବାର ୱିକେଟ କିପର ହୋଇଛନ୍ତି। ଧୋନୀ-ଦ୍ରାବିଡଙ୍କ ପରେ ତୃତୀୟ ୱିକେଟ କିପର ଭାବେ ଋଷବ ପନ୍ତ ଏହି କୀର୍ତ୍ତିମାନ ନିଜ ନାଁରେ କରିଛନ୍ତି। ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ ଜାରି ରହିଛି। ଗାବା ଗ୍ରାଉଣ୍ଡରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ଟେଷ୍ଟ ଜାରି ରହିଛି। ପ୍ରଥମେ ବ୍ୟାଟିଂ କରୁଛି ଘରୋଇ ଦଳ ଅଷ୍ଟ୍ରେଲିଆ। ବର୍ଷା ହେବାରୁ ପ୍ରଥମ ଦିନ ଖେଳ ବନ୍ଦ ରହିଥିଲା। ଏହାପରେ ଆଜି ଦ୍ୱିତୀୟ ଦିନ ଗେମ୍ ଆରମ୍ଭ ହୋଇଥିଲା। ଉସମାନ ଖ୍ୱାଜା ଓ ନାଥନ ମ୍ୟାକସ୍ୱାନି କ୍ରିଜରେ ଥିଲେ। ଯଶପ୍ରୀତ ବୁମରା ୧୬ତମ ଓଭର ବୋଲିଂ କରିଥିଲେ। ଏହି ବଲରେ ପ୍ରଥମ ବଲରେ ଓପନିଂ ଯୋଡିକୁ ଭାଙ୍ଗିଥିଲେ ବୁମରା। ଉସମାନଙ୍କୁ ଆଉଟ କରିଥିଲେ। କ୍ୟାଚ ଧରିଥିଲେ ୱିକେଟକିପର ଋଷବ ପନ୍ତ। ଏହି ସଫଳତା ସହ ଋଷବ ପନ୍ତ ଟେଷ୍ଟ କ୍ରିକେଟରେ ୧୫୦ ୱିକେଟ ହାସଲ କରିବାରେ ସଫଳ ହୋଇଛନ୍ତି। ୨୦୧୮ରେ ଟେଷ୍ଟ କ୍ରିକେଟରେ ଡେବ୍ୟୁ କରିଥିବା ପନ୍ତଙ୍କୁ ଏହି ରେକର୍ଡ ହାସଲ କରିବାକୁ ୪୧ଟି ମ୍ୟାଚ ଖେଳିବାକୁ ପଡିଛି। ଏହି ରେକର୍ଡ ସହ ସେ ଏମଏସ ଧୋନୀ ଓ ରାହୁଲ ଦ୍ରାବିଦଙ୍କ ପରେ ତୃତୀୟ ୱିକେଟ କିପର ହୋଇଛନ୍ତି। ଧୋନୀ ୯୦ଟି ମ୍ୟାଚ ଖେଳି ୨୫୬ଟି କ୍ୟାଚ ଧରିଥିବା ସହ ୩୮ଟି ଷ୍ଟମ୍ପିଂ କରିଛନ୍ତି। ଦ୍ୱିତୀୟରେ ରହିଛନ୍ତି ରାହୁଲ ଦ୍ରାବିଡ। ସେ ଜଣେ ଫଲ ଫିଲ୍ଡର ଭାବେ ୨୧୦ଟି କ୍ୟାଚ ଧରିଛନ୍ତି। ୱିକେଟକିପର ହିସାବରେ ୧୯୮ଟି ୱିକେଟ ଶିକାର କରିଛନ୍ତି। ରିପୋର୍ଟ ଲେଖା ଯିବା ସୁଦ୍ଧା ଅଷ୍ଟ୍ରେଲିଆ ୭ ୱିକେଟ ହରାଇ ୪୦୫ ରନ କରିଛି।

**ହକି ଇଣ୍ଡିଆ ଲିଗ୍ ଆଉ ୧୩ ଦିନ**

## ନିର୍ଦ୍ଧାରଣ ହୋଇପାରୁନି ଟିକଟ୍ ଦର

**ରାଉରକେଲା, ୧୫।୧୨:** ଆଉ ମାତ୍ର ୧୩ ଦିନ। ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମରେ ହକି ଇଣ୍ଡିଆ ଲିଗ୍(ଷଷ୍ଠ ସଂସ୍କରଣ) ଆରମ୍ଭ ହେବ। ଡିସେମ୍ବର ୨୮ ତାରିଖରୁ ଫେବ୍ରୁଆରି ୧ ତାରିଖ ପର୍ଯ୍ୟନ୍ତ, ମୋଟ୍ ୪୬ଟି ମ୍ୟାଚ୍ ଖେଳାଯିବ। ଏଥିମଧ୍ୟରୁ ୪୨ଟି ମ୍ୟାଚ୍ ରାଉରକେଲାରେ ଓ ୪ଟି ମ୍ୟାଚ୍ ରାଞ୍ଚିରେ ଖେଳାଯିବ। ଗତ ମାର୍ଚ୍ଚରେ ଅନୁଷ୍ଠିତ ହକି ପ୍ରୋ-ଲିଗ୍ ପରେ, ସହରବାସୀ ପୁଣି ଅନ୍ତର୍ଜାତୀୟ ମାନର ହକି ମ୍ୟାଚ୍ ଦେଖିବାର ସୁଯୋଗ ପାଇବେ। ତେବେ ଏହି ପ୍ରତିଯୋଗିତା ପାଇଁ ଟିକଟ ବିକ୍ରି ହେବ ନା ଦର୍ଶକ ନିଃଶୁଳ୍କ ଉପଭୋଗ କରିବେ, ତାହା ସ୍ପଷ୍ଟ ହୋଇନି। ଏପର୍ଯ୍ୟନ୍ତ ଟିକଟ୍ ଦର ଧାର୍ଯ୍ୟ ହୋଇନଥିବାରୁ ଏନେଇ କଳ୍ପନାଜଳ୍ପନା ଲାଗିରହିଛି।

ଉଲ୍ଲେଖଯୋଗ୍ୟ, ପୂର୍ବର ସମସ୍ତ ୫ଟି ସଂସ୍କରଣରେ ଟିକଟ ବିକ୍ରି କରାଯାଇଥିଲା। ଭିନ୍ନ ଭିନ୍ନ ଷ୍ଟାଣ୍ଡ୍ ଅନୁଯାୟୀ ଟିକଟ୍ ଦର ୫୦ ଟଙ୍କାରୁ ୩ ଶହ ଟଙ୍କା ପର୍ଯ୍ୟନ୍ତ ରହିଥିଲା। ପ୍ରାୟ ୭ ବର୍ଷ ପରେ ପୁଣି ଏହି ଲିଗ୍ ଫେରିଥିବାବେଳେ ଏଥର ଟିକଟ୍ ବିକ୍ରି ହେବ ନା ନାହିଁ, ତା' ଉପରୁ ପରଦା ଉଠିପାରିନି। ଗତ ୮ ତାରିଖରେ ହକି ଇଣ୍ଡିଆର ଯୁଗ୍ମ ନିର୍ଦ୍ଦେଶକ ବି.ଏନ. ଭୂଷଣଙ୍କ ନେତୃତ୍ୱରେ ହକି ଇଣ୍ଡିଆର ବୈଷୟିକ ବିଭାଗ, ପ୍ରସାରଣ ବିଭାଗର ଏକ ପ୍ରତିନିଧି ରାଉରକେଲାସ୍ଥ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ପରିଦର୍ଶନ କରିଥିଲେ। ପ୍ରତିନିଧି ଦଳ ଷ୍ଟାଡିୟମର ସ୍ଥିତି ପରଖିବାସହ ସମୀକ୍ଷା କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ମଧ୍ୟ ଟିକଟ୍ ନେଇ ଚର୍ଚ୍ଚା କରାଯାଇଥିଲା। ତେବେ ବରିଷ୍ଠ କର୍ତ୍ତୃପକ୍ଷ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ବିଶ୍ୱସ୍ତସୂତ୍ରରୁ ମିଳିଥିବା ସୂଚନାଅନୁସାରେ, ଏଥର ମଧ୍ୟ ଟିକଟ୍ ବିକ୍ରି କରାଯିବ। ତେବେ ତା'ର ଦର ନିର୍ଦ୍ଧାରିତ ହୋଇପାରୁନି। ପୂର୍ବ ବର୍ଷ ତୁଳନାରେ ଏଥର ଦର ଅପେକ୍ଷାକୃତ କମ୍ ରଖିବାନେଇ ଶୀର୍ଷ କର୍ତ୍ତୃପକ୍ଷ ବିଚାର କରୁଥିବା ଜଣାପଡ଼ିଛି। ତେବେ ଆଜିସୁଦ୍ଧା ଆନୁଷ୍ଠାନିଭାବେ ହକି ଇଣ୍ଡିଆ ପକ୍ଷରୁ ଏନେଇ ଘୋଷଣା କରାଯାଇନାହିଁ।

# ୫ ୱିକେଟ୍ ନେଇ ଇତିହାସ ରଚିଲେ ବୁମ୍ରା

**ବ୍ରିସବେନ, ୧୫।୧୨:** ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ବ୍ରିସବେନର ଗାବା ଷ୍ଟାଡିୟମରେ ଖେଳା ଯାଉଛି। ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଶନିବାର ଦିନ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ତୃତୀୟ ଟେଷ୍ଟ ମ୍ୟାଚର ପ୍ରଥମ ଦିନ ବର୍ଷା ଯୋଗୁ ବ୍ୟାହତ ହୋଇଥିଲା। କେବଳ ୧୩.୨ ଓଭର ଖେଳାଯାଇପାରିଥିଲା। ମ୍ୟାଚ୍‌ର ଦ୍ୱିତୀୟ ଦିନ ରବିବାର ଅନୁଷ୍ଠିତ ହୋଇଥିଲା। ପ୍ରଥମ ବ୍ୟାଟିଂରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ସାତ ୱିକେଟ୍ ହରାଇ ପରେ ୪୦୫ ରନ୍ ସଂଗ୍ରହ କରିଛି।

ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ମିଚେଲ ଷ୍ଟାର୍କ ୭ ରନ୍‌ରେ ଅପରାଜିତ ଥିବାବେଳେ ଆଲେକ୍ସ କେରି ୪୫ ରନ୍‌ରେ ଅପରାଜିତ ରହିଛନ୍ତି। ଟ୍ରାଭିସ୍ ହେଡ୍ ୧୫୨ ରନ୍ ଏବଂ ଷ୍ଟିଭ୍ ସ୍ମିଥ୍ ୧୦୧ ରନ୍ ସଂଗ୍ରହ କରିଛନ୍ତି। ଜସପ୍ରୀତ ବୁମ୍ରା ଭାରତ ପାଇଁ ୫ ୱିକେଟ୍ ନେଇଥିଲେ। ରବିବାର ଦିନ ଅଷ୍ଟ୍ରେଲିଆ କୌଣସି ୱିକେଟ୍ ନ ହରାଇ ୨୮ ରନ୍‌ରୁ ଆରମ୍ଭ କରି ଦ୍ୱିତୀୟ ଦିନରେ ସେଥିରେ ୩୭୭ ରନ୍ ଯୋଡ଼ିବା ସହିତ ୭ ୱିକେଟ୍ ହରାଇଛି। ଜସପ୍ରୀତ ବୁମ୍ରାଙ୍କ ଉଜ୍ଜ୍ୱଳ ବୋଲିଂ ଗାବାରେ ଖେଳାଯାଉଥିବା ତୃତୀୟ ଟେଷ୍ଟ ମ୍ୟାଚରେ ପୁଣି ଥରେ ଦେଖିବାକୁ ମିଳିଛି। ଦ୍ୱିତୀୟ ଦିନରେ ଚମତ୍କାର ବୋଲିଂ କରି ବୁମ୍ରା ମ୍ୟାଚ୍‌ରେ ଟିମ୍ ଇଣ୍ଡିଆର ପ୍ରତ୍ୟାବର୍ତ୍ତନ କରିଥିଲେ।



ଗାବା ଟେଷ୍ଟର ଦ୍ୱିତୀୟ ଦିନରେ ଜସପ୍ରୀତ ବୁମ୍ରା ଭାରତ ପାଇଁ ସର୍ବାଧିକ ୱିକେଟ୍ ନେଇଥିଲେ। ଏହା ସହ ବୁମ୍ରା ଦ୍ୱିତୀୟ ଦିନରେ ୫ୱିକେଟ୍ ନେଇ ଏକ ବିଶେଷ ସଫଳତା ହାସଲ କରିଛନ୍ତି। ଟିମ୍ ଇଣ୍ଡିଆର ପୂର୍ବତନ କିମ୍ବଦନ୍ତୀ ଅଧିନାୟକ କପିଲ ଦେବଙ୍କ ସହ ବୁମ୍ରା ବର୍ତ୍ତମାନ ଏକ ସ୍ୱତନ୍ତ୍ର ତାଲିକାରେ ଯୋଗ ଦେଇଛନ୍ତି। ଗାବା ଟେଷ୍ଟର ଦ୍ୱିତୀୟ ଦିନରେ ଜସପ୍ରୀତ ବୁମ୍ରା ତୃତୀୟ ଅଧିବେଶନରେ ୫ ୱିକେଟ୍ ପୂରଣ କରିଥିଲେ। ବୁମରା ସ୍ମିଥ୍, ହେଡ୍, ଖାଓ୍ୱାଜା, ନାଥାନ୍ ଏବଂ ମାର୍ଶଙ୍କ ଭଳି ବ୍ୟାଟ୍ସମ୍ୟାନଙ୍କୁ ପାଭିଲିୟନକୁ ଫେରାଇଥିଲେ। ଟେଷ୍ଟ କ୍ରିକେଟରେ ୧୨ ଥର ପାଇଁ ବୁମ୍ରା ଗୋଟିଏ ଇନିଂସରେ ୫ ୱିକେଟ୍ ନେଇ ସଫଳତା ହାସଲ କରିଛନ୍ତି। ଟେଷ୍ଟ କ୍ରିକେଟରେ ସର୍ବାଧିକ ୫ ୱିକେଟ୍ ନେଇଥିବା ବୁମ୍ରା ଭାରତର ଦ୍ୱିତୀୟ ଦ୍ରୁତ ବୋଲର ହୋଇଛନ୍ତି। ଏହି ତାଲିକାରେ ପ୍ରଥମ ସ୍ଥାନରେ ପୂର୍ବତନ କ୍ରିକେଟ୍ କିମ୍ବଦନ୍ତୀ କପିଲ ଦେବ ରହିଛନ୍ତି। କପିଲ ଦେବ ୨୩ ଥର ୫ ୱିକେଟ୍ ନେଇ ରେକର୍ଡ କରିଛନ୍ତି।

## ରୋହିତ ପ୍ରଥମେ ବ୍ୟାଟିଂ କରିବାକୁ ଡରୁଛନ୍ତି: ମ୍ୟାକଗ୍ରା



**ନୂଆଦିଲ୍ଲୀ,୧୫।୧୨:** ବର୍ଡର-ଗାଭାସ୍କର ଟ୍ରଫି ଟୁର୍ଣ୍ଣାମେଣ୍ଟର ତୃତୀୟ ଟେଷ୍ଟ ମ୍ୟାଚ ବ୍ରିସବେନରେ ଆରମ୍ଭ ହୋଇଛି। ଗାବା ଗ୍ରାଉଣ୍ଡରେ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ ଅଧିନାକୟ ରୋହିତ ଶର୍ମା। ଏହାକୁ ନେଇ ରୋହିତ ଶର୍ମାଙ୍କୁ ସମାଲୋଚନା କରିଛନ୍ତି ଅଷ୍ଟ୍ରେଲିଆର ପୂର୍ବତନ ପେସ୍ ବୋଲର ଗ୍ଲେନ ମ୍ୟାକଗ୍ରା। ରୋହିତ ପ୍ରଥମେ ବ୍ୟାଟିଂ କରିବାକୁ ଭୟ କରୁଥିବାରୁ ବାଧ୍ୟ ହୋଇ ଫିଲ୍ଡିଂ ନିଷ୍ପତ୍ତି ନେଇଥିବା କହିଛନ୍ତି ମ୍ୟାକଗ୍ରା। ବ୍ରିସବେନ ଟେଷ୍ଟରେ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଟିମ୍ ଇଣ୍ଡିଆ କ୍ୟାପ୍ଟେନ ରୋହିତ ଶର୍ମା। ଏହାକୁ ନେଇ ଅଷ୍ଟ୍ରେଲିଆର ପୂର୍ବତନ ପେସ୍ ବୋଲର ଗ୍ଲେନ ମ୍ୟାକଗ୍ରା ରୋହିତଙ୍କୁ ସମାଲୋଚନା କରି କହିଛନ୍ତି, ରୋହିତ ପ୍ରଥମେ ବ୍ୟାଟିଂ କରିବାକୁ ଭୟ କରୁଥିବାରୁ ବାଧ୍ୟ ହୋଇ ଫିଲ୍ଡିଂ ନିଷ୍ପତ୍ତି ନେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତି ବୁମେରାଂ ସାବ୍ୟସ୍ତ ହେବ ନାହିଁ। ବ୍ରିସବେନରେ ଟସ୍ ବିଜୟୀ ଦଳ ପ୍ରଥମେ ସର୍ବଦା ବ୍ୟାଟିଂ ନିଷ୍ପତ୍ତି ନେଇଥାନ୍ତି। କାରଣ ପ୍ରଥମ ୨ ଦିନ ବ୍ୟାଟିଂ ପାଇଁ ଅନୁକୂଳ ରହିଥାଏ। ପିଚ୍ ପୁରୁଣା ହେଲେ ବଲ୍ ଅଧିକ ପେସ୍ ଓ ବାଉନ୍ସ ହୁଏ। ତେଣୁ ଟସ୍ ବିଜୟୀ ଦଳ ଏଠାରେ ବ୍ୟାଟିଂ କରିଥାନ୍ତି। ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିଙ୍କି ପଣ୍ଟିଂ ଓ ମାଥ୍ୟୁ ହେଡେନ ମଧ୍ୟ ରୋହିତଙ୍କର ଏହି ନିଷ୍ପତ୍ତିରେ ଚକିତ ହୋଇଥିବା ପ୍ରକାଶ କରିଥିଲେ।

# ଓଡ଼ିଶା ମାଷ୍ଟରସ୍ ୨୦୨୪ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**କଟକ,୧୫।୧୨(ସଂଚାର ବ୍ୟୁରୋ):** କଟକ ଜବାହରଲାଲ ନେହେରୁ ଷ୍ଟାଡିୟମ ଠାରେ ଆୟୋଜିତ ହୋଇଥିବା ଓଡ଼ିଶା ମାଷ୍ଟରସ୍ ୨୦୨୪ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟର ଆଜି ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଛି। ଆଜିର ଉଦ୍‌ଯାପନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କଟକ ଜବାହରଲାଲ ନେହେରୁ ଷ୍ଟାଡିୟମ ଠାରେ ଉପସ୍ଥିତ ରହି ଭାରତର ବ୍ୟାଡ଼ମିଣ୍ଟନ ଖେଳାଳୀ ରିତ୍ୱିକ ସଞ୍ଜୀବୀ ସତୀଶ କୁମାର ଓ ଟି.ମନେପଲ୍ଲୀ ମଧ୍ୟରେ ଅନୁଷ୍ଠିତ ହୋଇଥିବା ମ୍ୟାଚ ଦେଖିବା ସହ ବିଜେତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା, ବିଭାଗର ନିର୍ଦ୍ଦେଶକ ଶ୍ରୀ ସିଦ୍ଧାର୍ଥ ଦାସ, ଓଡ଼ିଶା ହକି ପ୍ରମୋସୋନ କାଉନସିଲର ସିଇଓ ଶ୍ରୀ ଦୀପଙ୍କର ମହାପାତ୍ର, ରାଜସ୍ୱ ଆୟୁକ୍ତ (କେନ୍ଦ୍ରାଞ୍ଚଳ) ଶ୍ରୀ ବି. ପରମେସ୍ୱରନ୍, ଇଡ଼କୋ ଏକଜ୍ୟୁକେଟିଭ୍ ଡାଇରେକ୍ଟର ଡ଼. ସୁରେଶ ଚନ୍ଦ୍ର ଦଳାଇ, ଡିସିପି କଟକ ଶ୍ରୀ ଜଗମୋହନ ମୀନା, କଟକ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ, କଟକ ମହାନଗର ନିଗମ କମିଶନର ଶ୍ରୀ ଅନମ ଚରଣ ପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ଶ୍ରୀ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ସଚିବ ଶ୍ରୀ ବିଜୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, ବ୍ୟାଡ଼ମିଣ୍ଟନ ଆସୋସିଏସନ୍ ଅଫ୍ ଇଣ୍ଡିଆ ଓ ଓଡ଼ିଶା ଷ୍ଟେଟ ବ୍ୟାଡ଼ମିଣ୍ଟନ ଆସୋସିଏସନ୍‌ର ମିଳିତ ସହଭାଗିତାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ତୃତୀୟ ଥର ପାଇଁ କଟକ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିଲା।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କର୍ମୀଙ୍କୁ ଧୋକା...

ସମୀକ୍ଷକଙ୍କ ଆକଳନ କହୁଛି, ନବୀନ ପଟ୍ଟନାୟକ ପୂର୍ବରୁ ମଧ୍ୟ ବିଜେପିର ହାତବାରିସି ସାଜିଥିଲେ ଏବେ ବି ସେଇ ରଣନୀତି କରୁଛନ୍ତି। ରାଜ୍ୟସଭା ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ବିରୋଧୀ ମେଣ୍ଟ ଘୋଷଣା କରିବାର ୪୮ ଘଣ୍ଟା ମଧ୍ୟରେ ବିଜେଡିର ସବୁ ରାଜ୍ୟସଭା ସାଂସଦ ଯାଇ ଧନକଡଙ୍କୁ ତାଙ୍କ ରାଜ୍ୟସଭା ଚ୍ୟାମ୍ବରରେ ଭେଟିଆସିଲେ। ଧନକଡଙ୍କୁ ଭେଟି ବିଜେଡି ସାଂସଦମାନେ ସେହି ଫଟୋକୁ ତାଙ୍କ ସୋସିଆଲ ମିଡିଆରେ ଛାଡିଲେ ଆଉ କହିଲେ ଏହି ସାକ୍ଷାତ ଥିଲା ସୌଜନ୍ୟମୂଳକ। ଏବେ କିନ୍ତୁ ଧନକଡଙ୍କ ବିରୋଧରେ ଅନାସ୍ଥାରେ ବିଜେଡି ସାମିଲ ହେବନି ବୋଲି କହିବା ପରେ ଗତ ଡିସେମ୍ବର ୯ ତାରିଖ ସନ୍ଧ୍ୟାରେ ବିଜେଡି ସାଂସଦମାନେ ତାଙ୍କୁ ଭେଟିବାର ଅସଲ ଉଦ୍ଦେଶ୍ୟ ଏବେ ଜଣାପଡିଛି ବୋଲି ରାଜନୈତିକ ସମୀକ୍ଷକ କହୁଛନ୍ତି। ଏହି ଫଟୋ ସେତିକିବେଳେ ସାମ୍ନାକୁ ଆସିଛି, ଯେତେବେଳେ ରାଜ୍ୟସଭାରୁ ଧନଖଡ଼ଙ୍କୁ ହଟାଇବା ପାଇଁ ଅନାସ୍ଥା ପ୍ରସ୍ତାବ ଆଣିଛି ଇଣ୍ଡି ମେଣ୍ଟ । ଉଭୟ ବିଜେପି ଓ କଂଗ୍ରେସଠାରୁ ସମଦୂରତା କଥା କହିଆସୁଥିବା ବିଜେଡିର ଆଭିମୁଖ୍ୟ ଏହି ପ୍ରସଙ୍ଗରେ କଣ ରହିବ ତାକୁ ସମସ୍ତଙ୍କ ଅପେକ୍ଷା ଥିଲା । ଆଉ ଏକିତିବେଳେ ବିଜେଡି ସାଂସଦମାନେ ଏକାଠି ହୋଇ ଧନଖଡ଼ଙ୍କୁ ଭେଟ କରିବା ପରେ ବଢ଼ିଛି ସନ୍ଦେହ । ଯେଉଁ ସନ୍ଦେହକୁ ଦୂର କରିଛନ୍ତି ବିଜେଡି ସାଂସଦ ନିରଞ୍ଜନ ବିଶି ।

ବିଜେଡି ଆଗୁଆ ଧନକଡଙ୍କ ନିକଟରେ ସରେଣ୍ଡର କରିଯାଇଛି ବୋଲି ସେମାନେ ଆକଳନ କରୁଛନ୍ତି। ବିଜେଡିର କିଛି ନେତାଙ୍କୁ ସୁରକ୍ଷା ଦେବା ପାଇଁ ବିଜେଡି ଆତ୍ମସମର୍ପଣ କରିଥିବା କହୁଯାଉଛି। କାରଣ ନିର୍ବାଚନ ପରେ ଏଭିତରେ ବିଜେଡିର ଦୁଇ ଜଣ ରାଜ୍ୟସଭା ସାସଂଦ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇ ପୁଣି ଥରେ ରାଜ୍ୟସଭାକୁ ନିର୍ବାଚିତ ହୋଇସାରିଲେଣି। ଚର୍ଚ୍ଚା ହେଉଛି ଆଗକୁ ଆଉ ଦୁଇଜଣ ସାଂସଦ ବିଜେପି ଲିଙ୍କରେ ଅଛନ୍ତି। ଏମିତି ଗୋଟିଏ ପରେ ଗୋଟିଏ ସାଂସଦ ବିଜେଡିରୁ ଇସ୍ତଫା ଦେଲେ ରାଜ୍ୟସଭାରେ ବିଜେଡି ଶୂନ ହୋଇଯିବ। ଏହି ଆଶଙ୍କା କରି ସୁପ୍ରିମୋ ଆଗୁଆ ଆତ୍ମସର୍ପଣ କରିଦେଇଥିବା ଚର୍ଚ୍ଚା ହେଉଛି।

ଏଥିସହିତ ବିଜେଡିର ବହୁ ପ୍ରଭାବଶାଳୀ ନେତାଙ୍କ ମୁଣ୍ଡ ଉପରେ ଝୁଲୁଛି ସିବିଆଇ ଖଣ୍ଡା। ଚିଟଫଣ୍ଡ ଠାରୁ ଆରମ୍ଭ କରି ଜମି କେଲେଙ୍କାରୀ, ଖଣି ଲୁଟ ଓ ବ୍ଲାକରୋଜ ମାମଲା ଭୟ ବି ରହିଛି। ଯେଉଁଥିପାଇଁ ହାତଗଣତି ପ୍ରତିପତିଶାଳୀ ନେତାଙ୍କ ପ୍ରଭାବରେ ନବୀନ ବିଜେପି ସହ ରାଜନୈତିକ ସାଲିସ କରୁଥିବା ଅଭିଯୋଗ ହେଉଛି। ଯେଉଁଥିପାଇଁ ପୋଲାଭରମ ଲଢେଇ ଘୋଷଣା କରି ଧନଗଡ ଅନସ୍ଥା ପ୍ରସଙ୍ଗରେ ହାତ ଟେକିଦେଇଛନ୍ତି। ବିଜେଡିର ଏଭଳି ଦୋମୁହାଁ ରାଜନୀତି ତୃଣମୂଳ ସ୍ତରରେ ନେତା ଓ କର୍ମୀଙ୍କୁ ହତୋତ୍ସାହିତ କରିଥିବା ବେଳେ ଆଗକୁ ଦଳର ଭବିଷ୍ୟତ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବଡ଼କଥା ହେଉଛି ବିଜେଡି ଆଜିଯାଏଁ ନୀରପେକ୍ଷ ଥିବା କହିଛନ୍ତି ନିରଞ୍ଜନ। ହେଲେ ବିଜେଡି କେତେ ନୀରପେକ୍ଷ ତାକୁ ନେଇ ଉଠିଛି ପ୍ରଶ୍ନ। କାରଣ ଓଡ଼ିଶାରେ ବିଜେପି ସରକାରକୁ ବିଭିନ୍ନ ପ୍ରସଙ୍ଗରେ ଗାଳି ଦେଉଥିବା ବିଜେଡି, ଦିଲ୍ଲୀରେ କେମିତି ଆଭିମୁଖ୍ୟ ବଦଳାଉଛି ତାହା ଏହି ଘଟଣାରୁ ସ୍ପଷ୍ଟ ହେଉଛି। ଅନାସ୍ଥା ବିରୋଧରେ ଯିବ ନାହିଁ ଅର୍ଥାତ ଇଣ୍ଡି ମେଣ୍ଟ ବିରୋଧରେ ଯିବ ବିଜୁ ଜନତା ଦଳ। ପୂର୍ବରୁ ରାଜ୍ୟରେ କ୍ଷମତାରେ ଥିବା ସମୟରେ ବିଜେଡିର ଏମିତି ଅନେକ ପଦକ୍ଷେପ ବିଜେପିକୁ ସୁହାଇଛି। ଆଉ ଏବେ କ୍ଷମତାରୁ ଯିବା ପରେ ବି ଦିଲ୍ଲୀରେ ଦଳର ଆଭିମୁଖ୍ୟ ବିଜେପି ସପକ୍ଷରେ ଯାଇଛି। ତେଣୁ କେଉଁ ଅଜଣା ଭୟରେ ବିଜେପିକୁ ଅସନ୍ତୁଷ୍ଟ କରିବାକୁ ଚାହୁଁନାହିଁ ବିଜେଡି ତାକୁ ନେଇ ସନ୍ଦେହ ଉପୁଜିଛି।

ନିର୍ବାଚନ ସମୟରେ ଦୁଇଦଳ ମଧ୍ୟରେ ମେଣ୍ଟ ଚର୍ଚ୍ଚାର ପରିଣାମ ଭୋଗିଲା ବିଜେଡି। ଦଳ କ୍ଷମତାରୁ ଗଲା, ଆଉ ଏବେ ପୁଣି ବିଜେପିକୁ ଅକୁଣ୍ଠ ସମର୍ଥନ ବିଜେଡି ପାଇଁ ଆତ୍ମଘାତୀ ହୋଇପାରେ ବୋଲି ରାଜନୀତି ସମୀକ୍ଷକ ଆକଳନ କରୁଛନ୍ତି।

### ନବ-ଓଡ଼ିଶା...

ଜନସାଧାରଣ ଦଶନ୍ଧି ଦଶନ୍ଧି ଧରି ପ୍ରୟାସ କରିଆସିଛନ୍ତି। ଏଣୁ ବୁର୍ଲାରେ ଶିକ୍ଷାର ବ୍ୟାପକ ବିକାଶ ମାଧ୍ୟମରେ ସମ୍ବଲପୁରକୁ ଭାରତର ଏକ ଅଗ୍ରଣୀ ଅଞ୍ଚଳରେ ପରିଣତ କରିବା ଆମ ସମସ୍ତଙ୍କର ଦାୟିତ୍ୱ ।

ସମ୍ବଲପୁରରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ତିଆରି କରିବା ତଥା ଇଡକୋ ମାଧ୍ୟମରେ ବୁର୍ଲାରେ ଏକ ଆଧୁନିକ ଭବନ ନିର୍ମାଣ କରିବା ପାଇଁ ପଦକ୍ଷେପ ନେବାକୁ ଶ୍ରୀ ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଏହାଦ୍ୱାରା ସ୍ଥାନୀୟ ଯୁବବର୍ଗର ସ୍ୱପ୍ନ ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଉଦ୍ଦିଷ୍ଟ ୧୦୦ କ୍ୟୁବ୍ ବିଶେଷ ଫଳପ୍ରଦ ହୋଇପାରିବ ତଥା ବୁର୍ଲା, ନବ-ଓଡ଼ିଶା ନିର୍ମାଣର ପ୍ରୟୋଗଶଳା ଭାବେ ନୂଆ ପରିଚୟ ପାଇବ ।

ଓଡ଼ିଶାର ଅନେକ ବଡ଼ ବଡ଼ ଶିକ୍ଷାନୁଷ୍ଠାନ ଏହି ଅଞ୍ଚଳରେ ପ୍ରତିଷ୍ଠା କରାଯାଇଛି । ଏଠାରେ ଥିବା ଓୟୁଏଟିର କ୍ୟାମ୍ପସକୁ ଏକ ପୂର୍ଣ୍ଣାଙ୍ଗ କୃଷି ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ ଏବଂ ଏକବିଂଶ ଶତାବ୍ଦୀରେ ବୁର୍ଲାକୁ ଏକ ଜ୍ଞାନ କେନ୍ଦ୍ରରେ ପରିଣତ କରିବା ଦିଗରେ ସମସ୍ତଙ୍କୁ କାମ କରିବାକୁ ହେବ ବୋଲି ମତ ଦେଇଛନ୍ତି ଶ୍ରୀ ପ୍ରଧାନ ।

ମହାନଦୀ ହେଉଛି ଓଡ଼ିଆ ଜାତିର ଜୀବନଧାରା । ବୀର ସୁରେନ୍ଦ୍ର ସାଏ, ମାଧୋ ସିଂ, କୁଞ୍ଜେଲ ସିଂ ପ୍ରମୁଖ ସଂଗ୍ରାମୀଗଣଙ୍କ ବଳିଦାନ ଓଡ଼ିଶା ତଥା ଭାରତକୁ ସ୍ୱାଧୀନତା ଆଣିଦେଇଥିଲା, ଯାହାର ସାକ୍ଷୀ ହେଉଛି ମହାନଦୀ ଓ ସମ୍ବଲପୁର ଅଞ୍ଚଳ । ସମ୍ବଲପୁରର ବିକାଶକୁ ଓଡ଼ିଶା ସରକାର ପ୍ରାଥମିକତା ଦେଉଥିବାରୁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଏହି ସମାରୋହରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ଏବଂ ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଭବିଷ୍ୟତ...

ହେଉ ନାହାନ୍ତି । ତେଣୁ ଯେଉଁ ଯୁବନେତାମାନେ ନିର୍ବାଚନରେ ଜିଣିଛନ୍ତି ଓ ଯେଉଁମାନେ ହାରିଛନ୍ତି ସେମାନେ ନିଜର ଭବିଷ୍ୟତକୁ ନେଇ ଅଙ୍କ କଷୁଛନ୍ତି। ବିଜେଡି ଦୁର୍ବଳ ହେଲେ ସେମାନେ କ'ଣ କରିବେ ତାହାକୁ ନେଇ ଘନ ଘନ ଆଲୋଚନା କରୁଛନ୍ତି । ଦଳର ଉତ୍ତରାଧିକାରୀଙ୍କୁ ନେଇ ଚର୍ଚ୍ଚା କରୁଛନ୍ତି । ରାଜ୍ୟ ଭିତରେ ଓ ବାହାରେ ଗୁପ୍ତ ଆଲୋଚନା ଚାଲିଛି । ଏବେଠାରୁ ନିଜ ରାସ୍ତା ଦେଖିବେ ନା ଆଉ କିଛିଦିନ ଅପେକ୍ଷା କରିବେ ତାହାକୁ ନେଇ ଦୋଛକିରେ ଥିବାବଳେ ଆଉ କିଛି କଂଗ୍ରେସ ଗତିବିଧି ଉପରେ ଲକ୍ଷ୍ୟ ରଖିଛନ୍ତି । ମୃତବତ୍ ପଡିଥିବା ରାଜ୍ୟ କଂଗ୍ରେସ ଯଦି କିଛି ସଞ୍ଜୀବନି ପାଇ ଉଠିଲା ତେବେ ସେପଟକୁ ମଧ୍ୟ କିଛି ଢଳିପାରନ୍ତି ।

ହେଲେ ବିଜେଡିରେ ଯେଭଳି ଦ୍ରୁତି ପରିବର୍ତ୍ତନ ହେଉଛି ଓ ସମସ୍ତେ ପରସ୍ପରକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି ଏବଂ ନିଜର ଭବିଷ୍ୟତକୁ ନେଇ ଅଙ୍କ କଷୁଛନ୍ତି, ନୂଆ ବର୍ଷରେ ଦେଶର ଏହି ଅନ୍ୟତମ ବୃହତ୍ ଆଞ୍ଚଳିକ ଦଳରେ ବଡ ପରିବର୍ତ୍ତନ ଦେଖିବାକୁ ମିଳିବ ବୋଲି ଏବେ ଠାରୁ ଆଲୋଚନା ଜୋର ଧରିଲାଣି ।

### ଲକ୍ଷ...

କ୍ଷେତ୍ରରେ ମତାମତ ଲୋଡିଥିଲେ ସରକାର। ବିଶେଷ କରି କୃଷି ଓ ଗ୍ରାମୀଣ ବିକାଶ, ଦୀର୍ଘସ୍ଥାୟୀ ଖଣି ଉତ୍ତୋଳନ ସହ ପରିବେଶ ସୁରକ୍ଷା, ମହିଳା ଭିତ୍ତିକ ବିକାଶ, ପର୍ଯ୍ୟଟନ ବିକାଶ ସହ ଐତିହ୍ୟର ସୁରକ୍ଷା, ସହରାଞ୍ଚଳ ବିକାଶ ଓ କ୍ଲାଇମେଟ ଚେଞ୍ଜ ଏହିସବୁ ପ୍ରସଙ୍ଗରେ ରାଜ୍ୟବାସୀ ସେମାନଙ୍କ ମତାମତ ଦେଇଛନ୍ତି।

### ବୟସ୍କଙ୍କୁ...

ସମ୍ପୃକ୍ତ ଘର ମାଲିକଙ୍କୁ ଉତ୍କଳ କରାଟେ ସ୍କୁଲର କିଛି ବ୍ୟକ୍ତି ତାଙ୍କୁ ଓ ତାଙ୍କ ପୁଅଙ୍କୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏପିରିକି ତାଙ୍କ ପୁଅ ଯିଏ ଉତ୍କଳ କରାଟେ ସ୍କୁଲରେ ରେଫ୍ରି ଥିଲେ ତାଙ୍କୁ ମଧ୍ୟ ସେଥିରୁ ହଟେଇ ଦିଆଯାଇ ତାଙ୍କ କ୍ୟାରିୟରକୁ ବାଜିରେ ଲଗେଇଦେଇଛନ୍ତି ବୋଲି ଅଭିଯୋଗ ହୋଇଛି। ଏଥିସହିତ ଆଇଜିଆରରେ ଦାଖଲ ହୋଇଥିବା ସତ୍ୟପାଠକୁ ପ୍ରତ୍ୟାହର କରି କମ୍ପ୍ରୋମାଇଜ ପାଇଁ ତାଙ୍କ ଉପରେ ଓ ତାଙ୍କ ପୁଅ ଉପରେ ଜୀବନରେ ମାରିଦେବାକୁ ଧମକ ଦେଇ ଚାପ ପକାଯାଉଛି। ଏହି ଘଟଣା ପରେ ତାଙ୍କ ପୁଅ ଉତ୍କଳ କରାଟେ ସ୍କୁଲ ଓ ଓଡ଼ିଶା କରାଟେ ଡୁ ଆସୋସିଏସନରୁ ଇସ୍ତଫା ଦେଇ ଅନ୍ୟ ସଂଘରେ ଯୋଗ ଦେବାକୁ ଏନଓସି ମାଗିଛନ୍ତି।

କିନ୍ତୁ ଉତ୍କଳ କରାଟେ ସ୍କୁଲ ତାଙ୍କ ଇସ୍ତଫାକୁ ଗ୍ରହଣ ନକରି ତାଙ୍କୁ ବେଆଇନ ଭାବେ ଓଡ଼ିଶା କରାଟେ ଡୁ ୟୁନିୟନ ଇଣ୍ଡିଆରୁ ବହିଷ୍କାର କରିଦେଇଛନ୍ତି। ଏହା ବିରୋଧରେ ତାଙ୍କ ପୁଅ ଆଇନର ଆଶ୍ରୟ ନେବାକୁ ଲିଗାଲ ନୋଟିସ ମଧ୍ୟ ପଠାଇଛନ୍ତି ବୋଲି ପ୍ରଦ୍ୟୁମ୍ନ କହିଛନ୍ତି। କମିଶନରେଟ ପୋଲିସରେ ଘର ମାଲିକ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ, ଉତ୍କଳ କରାଟେ ସ୍କୁଲ ପରିସରରେ ଆଉ ୭ରୁ ୮ଟି ସଂଘ ବେଆଇନ ଭାବେ ଚାଲିଛି।

ତେଣୁ ଭବିଷ୍ୟତରେ ତାଙ୍କ ପ୍ରତି ଓ ତାଙ୍କ ପରିବାର ପ୍ରତି କୌଣସି ପ୍ରକାର ଅପ୍ରିତିକରଣ ଘଟଣାର ଆଶଙ୍କା କରି ୮୦ ବୟସ୍କ ଏହି ଘର ମାଲିକ ପୋଲିସ ଠାରୁ ସୁରକ୍ଷା ମାଗିଥିବା ପ୍ରଦ୍ୟୁମ୍ନ କହିଛନ୍ତି।

### ଶପଥ ନେଲେ...

କଦମ, ଆଶିଷ ଜୈସ୍ୱାଲ୍, ପ୍ରତାପ ସରଣିକ। ତେବେ ଶିବସେନାର ପୂର୍ବ ମନ୍ତ୍ରୀ ଥିବା ଦୀପକ କେସରକର, ତାନାଜି ସାୱନ୍ତ, ଅବଦୁଲ୍ ସତ୍ତାରଙ୍କୁ ଏଥର ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇଛି।

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ଧନଞ୍ଜୟ ମୁଣ୍ଡେ, ହାସନ ମୁସରିଫ୍, ଆଦିତି ତଟ୍କରେ, ବାବାସାହେବ ପାଟିଲ୍, ମାଣିକରାଓ କୋକଟେ, ଦତ୍ତାତ୍ରେୟ ଭରାନେ, ନରହରି ଜିରୱାଲ୍, ମକରନ୍ଦ ଯାଦବ ଆଦି ମନ୍ତ୍ରୀଭାବେ ଶପଥ ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ, ବିଧାନସଭା ନିର୍ବାଚନରେ ମହାରାଷ୍ଟ୍ରର ମୋଟ ୨୮୮ଟି ଆସନରୁ ବିଜେପି ୧୩୨, ଶିବସେନା ୫୭ ଓ ଏନ୍‌ସିପି ୪୧ଟି ଆସନରେ ବିଜୟ ଲାଭ କରିଥିଲା। ଆଜି ରାତି କିମ୍ବା ଆସନ୍ତାକାଲି ବିଭାଗ ବଣ୍ଟନ ହେବା ସମ୍ଭାବନା ରହିଛି।

### ବିପଦରେ...

ମିଳୁଥିବା ସୂଚନା ଅନୁଯାୟୀ, ଲାଞ୍ଚ ନେଇ ଧରାପଡିଥିବା ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଏମଡିଙ୍କୁ ଆଶ୍ରମ ସ୍କୁଲର ଉନ୍ନତିକରଣ କାର୍ଯ୍ୟ ପାଇଁ ସୁପାରିଶ କରିଥିଲେ ବିଷ୍ଣୁପଦ। ସେହିପରି ୱାପକସ, ସିଇଏଲ ଓ ଏବିସିସି କମ୍ପାନୀ ହାତକୁ କୋଟି କୋଟି ଟଙ୍କାର ଟେଣ୍ଡର ଟେକି ଦେଇଛନ୍ତି। ୪ଟି ସଂସ୍ଥାକୁ ମୋଟ ୩୬୧କୋଟି ଟଙ୍କାର କାର୍ଯ୍ୟ କରିବା ନିମନ୍ତେ ପ୍ଲାନ୍ ଓ ଡିଜାଇନ୍ ପ୍ରସ୍ତୁତ କରି ଦାଖଲ ପାଇଁ ଚିଠିରେ ଉଲ୍ଲେଖ କରାଯାଇଥିଲା।

ଏହିସବୁ ଟେଣ୍ଡର ପଛର ଉଦ୍ଦେଶ୍ୟ କ'ଣ ଥିଲା ଏବଂ ଏହାଦ୍ୱାରା କେମିତି ସେ ଲାଭବାନ ହୋଇଛନ୍ତି ସେନେଇ ସମସ୍ତ ତଥ୍ୟ ୩ ଅଭିଯୁକ୍ତ ସିବିଆଇକୁ ଦେଇଛନ୍ତି।

କେନ୍ଦ୍ରୀୟ ପିଏସ୍‌ୟୁଠୁ ସବଲେଟ୍ରେ ବିଲଡର ସଂସ୍ଥା କିଭଳି କାର୍ଯ୍ୟ ପାଇବେ ସେନେଇ ସୁଚିନ୍ତିତ ରଣନୀତିରେ କାର୍ଯ୍ୟ କରାଯାଇଥିବାର ଅଭିଯୋଗ ହେଉଛି।

ଯେଉଁଥିପାଇଁ ଗତ ଅକ୍ଟୋବର ୧୯ତାରିଖରେ ବିଷ୍ଣୁପଦ ନିଜେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ସଚିବ ଭାବେ ୪ଟି କେନ୍ଦ୍ରୀୟ ପିଏସ୍‌ୟୁର ମୁଖ୍ୟଙ୍କୁ ଚିଠି ଲେଖିଥିଲେ ବୋଲି କୁହାଯାଉଛି।

## ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଜେଜେ-ଜେଜେମା, ଅଜା-ଆଈ ଦିବସ ପାଳିତ

**କେନ୍ଦ୍ରାପଡା, ୧୫।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଜେଜେ-ଜେଜେମା, ଅଜା-ଆଈ ଦିବସ ପାଳିତ ହୋଇଯାଇଛି । ପ୍ରାଥମିକ ବିଭାଗର ସମସ୍ତ ଛାତ୍ରଛାତ୍ରୀଙ୍କର ଜେଜେ, ଜେଜେମା ଏବଂ ଅଜା-ଆଈ ଏହି ଉତ୍ସବରେ ନିମନ୍ତ୍ରିତ ଅତିଥି ରୂପେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାଳୟର ପ୍ରାଚାର୍ଯ୍ୟ ଶଶି କୌଶଲ ସମସ୍ତଙ୍କୁ ସ୍ୱାଗତ କରିଥିଲେ । କୁନି କୁନି ପିଲାମାନେ ଜେଜେ-ଜେଜେମାଙ୍କୁ ପୁଷ୍ପ, ତିଳକ ପ୍ରଦାନ ପୂର୍ବକ ପାଦ ସ୍ପର୍ଶକରି



ଆଶୀର୍ବାଦ ଭିକ୍ଷା କରିଥିଲେ । ବିଭିନ୍ନ ନୃତ୍ୟ, ସଙ୍ଗୀତ ଓ ନାଟକ ଦ୍ୱାରା ସମସ୍ତଙ୍କର ମନୋରଞ୍ଜନ କରିଥିଲେ । ସମାଜରେ ବୟୋଜ୍ୟେଷ୍ଠ ଲୋକ ମାନଙ୍କର ଭୂମିକା ଏବଂ ଛାତ୍ରଛାତ୍ରୀ ମାନଙ୍କର ଚରିତ୍ର ଗଠନରେ, ନୈତିକତା ନିର୍ମାଣରେ, ସୃଜନଶୀଳତା ର ବିକାଶରେ ଜେଜେ-ଜେଜେମା କିପରି ମହତ୍ୱପୂର୍ଣ୍ଣ ଭୂମିକା ନେଇ ପାରିବେ ସେ ବିଷୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବରଞ୍ଜନ ସାହୁ ଉପସ୍ଥିତ ୨୫୦ରୁ ଉର୍ଦ୍ଧ୍ୱ ଜେଜେ-ଜେଜେମାଙ୍କୁ ବୁଝାଇ ଥିଲେ । ସଂସ୍କାର ବିନା ଶିକ୍ଷା, ବିବେକହୀନ ବୁଦ୍ଧି ଏବଂ କୌଶଳ ନିରର୍ଥକ । ତେଣୁ ପୁରାତନ ସଂସ୍କୃତି ଓ ପରମ୍ପରାର ବାହକ ବୃଦ୍ଧ ଅଜା-ଆଈଙ୍କ ସମ୍ମାନରେ ସମାଜର ମୂଳଦୁଆ ମଜବୁତ୍ ହେବ ବୋଲି କହି ପ୍ରଧାନ ଶିକ୍ଷକ ଛାତ୍ରଛାତ୍ରୀ ଙ୍କୁ ବୃଦ୍ଧ ଲୋକ ମାନଙ୍କ ସମ୍ମାନ ଓ ଯତ୍ନ ନେବା ପାଇଁ ଶପଥ କରାଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ପୂରଣ ପଧାନ ପଞ୍ଚାୟତ କଲ୍ୟାଣମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ

**ବାଲିଅନ୍ତା, ୧୫।୧୨ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଅଧୀନ ଶିସିଲୋ ଖେଳପଡ଼ିଆ ପରିସରରେ ଆଜି ପୂରଣ ପଧାନ ପଞ୍ଚାୟତ କଲ୍ୟାଣମଣ୍ଡପ ନିର୍ମାଣ ନେଇ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ବାଲିଅନ୍ତା ବିଜେଡ଼ି ସଭାପତି ପ୍ରଦୀପ୍ତ ଜେନାମଣି, ବ୍ଲକ ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ସ୍ଥାନୀୟ ସରପଞ୍ଚ ଦୁର୍ଯୋଧନ ମଲ୍ଲିକ, ପୂର୍ବତନ ସରପଞ୍ଚ ମାନସ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ



ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ସନ୍ତୋଷ ସେନାପତି ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱନାଥ ସ୍ୱାଇଁ, ବାଉରୀବନ୍ଧୁ ପରିଡ଼ା, ଦୈତାରୀ ବେହେରା,ବିଜୟ କୁମାର ସ୍ୱାଇଁ, ଅପର୍ତ୍ତି ଓଝା,ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ,କୈଳାଶ ସାହୁ, ଯୋଗେନ୍ଦ୍ର ପଟ୍ଟନାୟକ, ମାନସ କୁମାର ନାୟକ ଓ ଲକ୍ଷ୍ମୀଧର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ୫୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ଏନେଇ ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ।

## ଗୋତଲ ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବାଲିଅନ୍ତା, ୧୫।୧୨ (ସଂଚାର ବ୍ୟୁରୋ) :** ବନ୍ଧୁ ୱେଲଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ ଗୋତଲ ଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବର ଅନୁଷ୍ଠିତ ହୋଇଯାଇଛି । ଡ଼. ସୁନୀଲ ପ୍ରଧାନ, ଡ. ବିଶ୍ୱ ମୋହନ ପଣ୍ଡା, ଡ଼.ସୁଧାଂଶୁ ବେହେରା ପ୍ରାୟ ୬୦ ଜଣ ଶିଶୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଦେଇଥିଲେ । ଫାର୍ମାଷ୍ଟିଟସ୍ ଭାବରେ ସୌମ୍ୟରଞ୍ଜନ ପରିଡ଼ା ସହାୟତା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିମାଞ୍ଚଳ ନାୟକ ଓ ସହକର୍ମୀମାନେ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିଥିଲେ। ବନ୍ଧୁ ୱେଲଫେୟାର ଟ୍ରଷ୍ଟର ସଭ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରକାଶ ଥାଉ କି ଟ୍ରଷ୍ଟ ତରଫରୁ ଗତ ୭ ତାରିଖ ଶନିବାରଦିନ ବଇଁଚୁଆ ସ୍ଥିତ ବିଶ୍ୱନାଥ ପ୍ରାଥମିକ ବିଦ୍ୟାଳୟରେ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ରାଜନୀତି ପଶାପାଲିରେ ସନ୍ତୁଳି ହେଉଛନ୍ତି ହିତାଧିକାରୀ

**ଆବାସ ତାଲିକାରେ ନାମ ଥାଇ ବି ହରପ୍ରିୟାଙ୍କୁ ମିଳିଲାନି ଘର**

**ଘର ଖଣ୍ଡିଏ ପାଇଁ ସରକାରଙ୍କୁ କଲେ ଗୁହାରି**

**ମହାକାଳପଡ଼ା, ୧୫।୧୨ (ସଂଚାର ବ୍ୟୁରୋ) :** ଆବାସ ଯୋଜନାରେ ଘର ମିଳିବା ପାଇଁ ଯୋଗ୍ୟ ହିତାଧିକାରୀ ଭାବରେ ତାଲିକାରେ ନାମ ଆସିଥିଲା। ୭ ନମ୍ବର ଲିଷ୍ଟ ରେ ନିଜର ନାମ ଦେଖି ଭାରି ଖୁସି ଥିଲେ ହରପ୍ରିୟା। ହେଲେ କୁଚକ୍ରି କୁଜି ନେତାଙ୍କ ପାଇଁ ତାଙ୍କର ସବୁ ଖୁସି ପାଣି ଫୋଟକା ପରି ମିଳେଇ ଗଲା। କୁଜି ନେତାଙ୍କୁ ହାତ ବାରିସି କରି ତାଲିକାରୁ ବହୁତ ଦୂରରେ ଥିବା ଅସାଧୁ ବ୍ୟକ୍ତି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଲେ। ହେଲେ ହରପ୍ରିୟା ଆବାସ ଯୋଜନାରୁ ବଞ୍ଚିତ ହୋଇଗଲେ। ଭାଗ୍ୟକୁ ଆଦରି ଚାଳ ଛପର ଘରେ ଜୀବନ କାଟୁଛନ୍ତି ପରିବାର।

ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଦେଉଳପଡା ପଞ୍ଚାୟତ ଅଧିନସ୍ଥ ଅମିରାବାଦ (ବାଙ୍କି ଛନ୍ଦା) ଗ୍ରାମର କିଶୋର ଚନ୍ଦ୍ର ରାଉତଙ୍କ ପତ୍ନୀ ହରପ୍ରିୟା ରାଉତ(୫୩)ଙ୍କ କଥା। ହରପ୍ରିୟା ଜଣେ ଗୃହିଣୀ। ସ୍ୱାମୀ କିଶୋର ଓ ଦୁଇ ସନ୍ତାନଙ୍କୁ ନେଇ ପରିବା। ଜଣେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଭାବରେ କିଶୋରଙ୍କ ସ୍ୱଳ୍ପ ରୋଜଗାରରେ ପରିବାର ପ୍ରତିପୋଷଣ ହେଉଛି। ପକ୍କା ଘର ଖଣ୍ଡିଏ କରିବାକୁ ସକ୍ଷମ ନଥିବା ହରପ୍ରିୟା ଆବାସ ଯୋଜନାଟିଏ ପାଇଁ ଆଶା ରଖିଥିଲେ। ଆର୍ଥିକ ବର୍ଷ ୨୦୨୩-୨୪ ଅନୁସାରେ ହିତାଧିକାରୀ ତାଲିକାରେ ହରପ୍ରିୟାଙ୍କ ନାମ ୭ ନମ୍ବରରେ ଥିଲା। ଯାହାକୁ ଦେଖି ନିଜର ପକ୍କା ଘର ଖଣ୍ଡିଏ କରିବାର ସ୍ୱପ୍ନ ପୂରଣ ହେବ ବୋଲି ଆଶା ରଖିଥିଲେ। ହେଲେ କିଛି କୁଚକ୍ରି କୁଜି ନେତାଙ୍କ ପାଇଁ ତାଙ୍କ ନମ୍ବର ଆଗରେ ଥାଇ ମଧ୍ୟ ତାଙ୍କୁ ଘର ନମିଳି ପଛରେ ଥିବା ଲୋକଙ୍କୁ ଆବାସ ପ୍ରଦାନ କରାଯାଇଛି। ଗରିବ ଲୋକ ହେଲୁ ବୋଲି ଆମକୁ କ'ଣ ଏମିତି ହଇରାଣ ହେବାକୁ ପଡ଼ିବ? ସରକାର ସମସ୍ତଙ୍କ ପାଇଁ ପକ୍କା ଗୃହ ଯୋଗାଇ ଦେବାକୁ କହୁଥିବା ବେଳେ ଅସାଧୁ ରାଜନେତା ଓ ଲାଞ୍ଚୁଆ ସରକାରୀ କର୍ମଚାରୀମାନଙ୍କ ପାଇଁ ଜଣେ ସାଧାରଣ ଯୋଗ୍ୟ ହିତାଧିକାରୀ ଆବାସ ପାଇବାରୁ ବଞ୍ଚିତ ହୋଇଛି। ଏମିତି ଏକ ଦୁଃଖ ଭରା ସମସ୍ୟା ସଂଚାର ଆଗରେ ବଖାଣିଛନ୍ତି ହରପ୍ରିୟା।

ଏଠି ପ୍ରଶ୍ନ ଉଠୁଛି ୭ ନମ୍ବର ତାଲିକାରେ ନାମ ଥାଇ ମଧ୍ୟ ହରପ୍ରିୟାଙ୍କୁ ଆବାସ ଯୋଜନା ରେ ଘର ମିଳିଲା



ନାହିଁ ହେଲେ ସେହି ଗ୍ରାମର ଜଣେ ବ୍ୟକ୍ତି ତାଲିକାର ନିମ୍ନରେ ଥାଇ ମଧ୍ୟ ଆବାସ ହାତେଇଲେ କିପରି ? ତୁରନ୍ତ ଘଟଣା ଉପରେ ଦୃଷ୍ଟି ଆକର୍ଷଣ କରି ହରପ୍ରିୟାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ହରପ୍ରିୟାଙ୍କ ପରିବାର ଦାବି କରିଛନ୍ତି।



## ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଧେନୁକାସୁର ବଧ ବେଶ

**କେନ୍ଦ୍ରାପଡା, ୧୫।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଧେନୁକାସୁର ବଧ ବେଶ ପାଳନ ହୋଇ ଯାଇଛି । ପବିତ୍ର ପଣ୍ଡୁ ପୂର୍ଣ୍ଣିମା ତିଥିରେ ପୁରାଣ ବର୍ଣ୍ଣିତ ଘଟଣା ଅନୁଯାଇ ଦ୍ୱାପର ଯୁଗରେ ପ୍ରଭୁ ବଳରାମ ଦୁର୍ଦ୍ଦାନ୍ତ ଦାନବ ଧେନୁକାସୁରକୁ ତାଳ ବଣରେ ହଳମୂଷଳ ପ୍ରହାର କରି ବଧ କରିଥିଲେ । ସେହି ପ୍ରାଚୀନ ପରମ୍ପରା ପାଳନ ଅନୁଯାୟୀ ଆଜି ପଣ୍ଡୁ ପୂର୍ଣ୍ଣମୀ ତିଥିରେ ଜୀଉମାନଙ୍କ ସଂନ୍ଧ୍ୟା ନୀତି ପରେ ବେଶ ଅନୁଷ୍ଠିତ ହୋଇଥିଲା । ପରେ ପରେ ଆଳତୀ କରାଯାଇ ଦର୍ଶକ ମାନଙ୍କ ପାଇଁ ମନ୍ଦିର ଉନ୍ମୁକ୍ତ ରହିଥିଲା । ବେଶ ଉଲାଗି ପରେ ଜୀଉ ମାନଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇ ସ୍ୱତନ୍ତ୍ର ପୂଜାକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବେଶ ଦେଖିବା ପାଇଁ ବହୁ ସଂଖ୍ୟକ ଭକ୍ତ ଶ୍ରଦ୍ଧାଳୁଙ୍କ ଗହଳି ମନ୍ଦିର ରେ ଲାଗି ରହିଥିଲା ।

# କଂସାର-ସାହାସପୁର ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀର ଦ୍ୱିତୀୟ ସନ୍ଧ୍ୟା

**କେନ୍ଦ୍ରାପଡା, ୧୫।୧୨ (ସଂଚାର ବ୍ୟୁରୋ) :** ପାଠ ସହିତ ଶାଠର ଆବଶ୍ୟକତା ରହିଛି । ଯାହାର ଯେଉଁ ପ୍ରତିଭା ଅଛି ତାକୁ ବିକଶିତ କରି ବିଭିନ୍ନ କ୍ଷେତ୍ରରେ ସଫଳ ପ୍ରୟୋଗ କରିବା ଆବଶ୍ୟକ । ଶିକ୍ଷିତ ହୋଇ ଭଲ ମଣିଷ ହେବା ସହିତ ସମାଜର ମଙ୍ଗଳ କରିବା ପାଇଁ ଆଗେଇ ଆସିବା ମନୋବୃତି ପୋଷଣ କରିବା ଉଚିତ୍ । କଂସାର- ସାହାସପୁର ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ପାଳନର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ବିଧାୟକ ଅରବିନ୍ଦ ମହାପାତ୍ର ବିଭିନ୍ନ ଗଳ୍ପ ମାଧ୍ୟମରେ ପିତାମାତାଙ୍କ ଦାୟିତ୍ୱ ଏବଂ ବିଦ୍ୟାର୍ଥୀ ମାନଙ୍କ କର୍ତବ୍ୟ ସମ୍ପାଦନ କରିବା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପୁରାତନ ଛାତ୍ର ସଂସଦର ସଭାପତି ଫକୀର ଚରଣ ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଗଗନ ବିହାରୀ ମନ୍ତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଯୁବନେତା ପ୍ରଦ୍ୟୁମ୍ନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।





ଏହି ଅବସରରେ ବିଦ୍ୟାଳୟର ମାଟ୍ରିକ ଟପ୍ପର ଓ ଅନ୍ୟାନ୍ୟ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ପୁରାତନ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ, ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ ପରମାନନ୍ଦ ସେଠୀ, ଯୁବନେତା ପ୍ରଶାନ୍ତ ବେହେରା, ନିରଞ୍ଜନ ପରିଡା, ଦିପ୍ତିରଞ୍ଜନ ମହାପାତ୍ର, ସଂଗ୍ରାମ କେଶରୀ ପରିଡା, ହରେକୃଷ୍ଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ପୂର୍ବତନ ବିଧାୟକ ଯୁବନେତା ଅଂଶୁମାନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଭାବକ, ଛାତ୍ରଛାତ୍ରୀ, ଶିକ୍ଷକମାନଙ୍କୁ ସତର୍କ କରାଇ ଦେଇ କହିଥିଲେ ଯେ ବିଦ୍ୟାଳୟ ଫାଟକ ବାହାରେ ରେସ ଚାଲିଛି । ଏହି ରେସରେ ଉତୀର୍ଣ୍ଣ ହେବାକୁ ଛାତ୍ରଛାତ୍ରୀ ମାନଙ୍କୁ ସେ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ଅଧ୍ୟାପକ ବିଜୟ ମହାପାତ୍ର, ଚକ୍ରଧର ନାୟକ, ସରପଂଚ ପ୍ରସନ୍ନ କୁମାର ରାଉତ, ଚନ୍ଦ୍ରକାନ୍ତ ବେହେରାଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ସମାଜସେବୀ ଓ ମୁରବୀ ଶ୍ରେଣୀର ଲୋକମାନେ ଯୋଗ ଦେଇଥିଲେ । ଶେଷରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବିଜୁ, ସୁବାସ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**କେନ୍ଦ୍ରାପଡ଼ା, ୧୫।୧୨ (ସଂଚାର ବ୍ୟୁରୋ):** ପବିତ୍ର ପଣ୍ଡୁ ପୂର୍ଣ୍ଣିମା ଅବସରରେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅନ୍ତେଇ ପଞ୍ଚାୟତ ଅଧୀନ ବାଲିଘାଇ ଗ୍ରାମରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ , ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବିଜୁପଟ୍ଟନାୟକ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ବରିଷ୍ଟ ନେତା ତଥା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଡ଼. ଅମରେନ୍ଦ୍ର ମହାନ୍ତି, ଡ଼. ହଲିମ୍ ଖାନ୍, ନୃସିଂହ ବେହେରା,ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷ ନବଘନ ନାୟକ, ପୂର୍ବତନ ସରପଂଚ ସମାଜ ସେବୀ ଗଙ୍ଗାଧର ପରିଡ଼ା,ଯୁବ ସରପଞ୍ଚ ସଞ୍ଜୟ ସେଠୀ ,ପୂର୍ବତନ ଜିଲ୍ଲାପରିଷଦ ଗଣେଶ ଚନ୍ଦ୍ର ସାମଲ ଏବଂ ଶିକ୍ଷାବିତ୍ ଅକ୍ଷୟ କୁମାର ନାୟକ ଯୋଗଦେଇ ତିନି ପ୍ରତିମୂର୍ତ୍ତି ଙ୍କ ଜୀବନାଦର୍ଶ ଓ ବିଚାର ଧାରା





ଯୁଗେ ଯୁଗେ ଭାରତବାସୀଙ୍କୁ ଅନୁପ୍ରାଣିତ କରିବ ବୋଲି ମତ ରଖିବା ସହ ଏହି ଆଦର୍ଶ ରେ ସମସ୍ତେ ଆଗକୁ ଯିବାର ଆବଶ୍ୟକତ । ରଖିବା ଆବଶ୍ୟକ। ଏହା ସହ ତିନି ଆଦର୍ଶ ପୁରୁଷଙ୍କ ଭଳି ନିଜର କର୍ତ୍ତବ୍ୟ ପାଳନ କରି ଏହାର ଗାରିମା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଏହା ସହ ସ୍ଥାନୀୟ ଅଞ୍ଚଳର ମୁଖ୍ୟ ସମସ୍ୟା ସାଜିଥିବା ଅଶୃଙ୍ଖଳା ପାଟନାଳି ସମସ୍ୟା କୁ ଗୁରୁତ୍ୱ ଦେଇ ଏହାର ସମାଧାନ କିଭଳି କରାଯିବ ସେନେଇ ଅନୁଷ୍ଠିତ ସଭାରେ ଅତିଥି ମାନେ ବିଜୟ ମହାପାତ୍ର ଙ୍କ ନିଜର ବକ୍ତବ୍ୟ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମସ୍ୟା ଦୂର ହେଲେ ଆଗାମୀ ଦିନରେ ଉକ୍ତ ଅଞ୍ଚଳବାସୀ ଉପକୃତ ହେବେ ବୋଲି ଅଭିଭାଷଣରେ ଆମନ୍ତ୍ରିତ ଅତିଥି କହିଥିଲେ । ଏହି କାର୍ଯ୍ୟକ୍ରମକୁ ବାଲିଘାଇ ଗ୍ରାମର ଶିକ୍ଷାବିତ୍ ଅଭୟ କୁମାର ଚୌଧୁରୀ ଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଗ୍ରାମର ଶିକ୍ଷିତ ଯୁବକ ,ବରିଷ୍ଟ ବେକ୍ତି ବିଶେଷ ଗ୍ରାମର ମୁରବୀ ମାନେ ସମସ୍ତ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜର ଅନେକ ପ୍ରଶଂସନୀୟ କାର୍ଯ୍ୟ ପାଇଁ ପ୍ରକୃତି ବନ୍ଧୁ ଉଦୟନାଥ ଚୌଧୁରୀ , ବରିଷ୍ଟ ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ ଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା।

## ଭୁଟାନ ରାଷ୍ଟ୍ରୀୟ ଦିବସ ଉତ୍ସବରେ ଏକମାତ୍ର ଓଡିଆ ଭାବେ ଆମନ୍ତ୍ରିତ ବିଭୂ ପ୍ରସାଦ

**ନାଉଗାଁ, ୧୫।୧୨ (ସଂଚାର ବ୍ୟୁରୋ) :** ଭାରତ ଓ ଭୁଟାନ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କର ଅଭିବୃଦ୍ଧି ନିମନ୍ତେ ଡକ୍ଟର ବିଭୂ ପ୍ରସାଦ ସ୍ୱାଇଁଙ୍କୁ ଭୁଟାନ୍ ରାଜଦୂତଙ୍କ ତରଫରୁ ଭୁଟାନ ଦୂତାବାସ ନୂଆଦିଲ୍ଲୀ ତରଫରୁ ଆମନ୍ତ୍ରଣ କରାଯାଇଥିଲା ଓ ଶ୍ରୀ ସ୍ୱାଇଁ ସ୍ୱତନ୍ତ୍ର ଅତିଥି ରୂପେ ଯୋଗଦାନ କରିଥିଲେ। ଡଃ ବିଭୂ ପ୍ରସାଦ ସ୍ୱାଇଁ ଗତ ମାସରେ ଭୁଟାନ ସରକାରଙ୍କର ନିମନ୍ତ୍ରଣ କ୍ରମେ ଇଣ୍ଡୋନେସିଆ ରାଷ୍ଟ୍ରଦୂତଙ୍କ



ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ସହିତ ଭୁଟାନ୍ ଗ୍ରସ୍ତ କରିଥିଲେ। ଡଃ ସ୍ୱାଇଁ ଏକ ସଫଳ ଯୁବୋଦ୍ୟୋଗୀ ଯେ ଭାରତ ଓ ଅନ୍ୟାନ୍ୟ ପଡୋଶୀ ରାଷ୍ଟ୍ର ମାନଙ୍କ ସହିତ ସଫଳ ବାଣିଜ୍ୟକ ରଣନୀତି ଦ୍ୱାରା ବିଭିନ୍ନ ବ୍ୟବସାୟ ମାନ ପ୍ରତିଷ୍ଠା କରିପାରିଛନ୍ତି। ଡଃ ସ୍ୱାଇଁ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତର ଛତିଆନା ଗ୍ରାମ ନିବାସୀ ଓ ଭାରତ ସରକାରଙ୍କ ଅଧିନସ୍ଥ ସୁରକ୍ଷା ମହାନିର୍ଦ୍ଦେଶାଳୟ ର ପୂର୍ବତନ ଅଧିକାରୀ ଶ୍ରୀ ପ୍ରାଣକୃଷ୍ଣ ସ୍ୱାଇଁଙ୍କର ଏକମାତ୍ର ପୁତ୍ର ଓ ବର୍ତ୍ତମାନ ଗୁଜୁରାଟ ଅହମଦାବାଦ ଠାରେ ଅବସ୍ଥିତ ଭାରତର ସର୍ବବୃହତ ଓ ସର୍ବ ଆଧୁନିକ ଖାଦ୍ୟ ପ୍ରକ୍ରିୟାକରଣ ପ୍ରଣାଳୀ ସମୂହ ପାର୍କର ଗ୍ରୁପ୍ ସଭାପତି ରୂପେ କାର୍ଯ୍ୟରତ।

## ମନ୍ଦିର ପରିସରରୁ ସିନ୍ଦୁକ ହଟିବା ପ୍ରସଙ୍ଗ

## ଦେବୋତ୍ତର ଆୟୁକ୍ତଙ୍କ ନିକଟରେ ସେବକଙ୍କର ନିବେଦନ

**କେନ୍ଦ୍ରାପଡା, ୧୫।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିର ପରିସରରେ ଥିବା ଝୁଲଣ ମଣ୍ଡପ, ସ୍ନାନ ମଣ୍ଡପ ଓ ଅନ୍ୟାନ୍ୟ ସ୍ଥାନରେ ବହୁ ସଂଖ୍ୟକ ସିନ୍ଦୁକ, ଜାଳ କାଠ ରଖାଯାଇ ସଂପୃକ୍ତ ସ୍ଥାନକୁ କେତେକ ସେବକ କେବଳ ନିଜସ୍ୱ ବ୍ୟବହାରରେ ଲଗାଉଥିଲେ । ଏହି ସିନ୍ଦୁକ ଓ ଜାଳ କାଠକୁ ଚଳିତ ମାସ ୧୬ ତାରିଖ ମଧ୍ୟରେ ହଟାଇବାକୁ ଦେବୋତର ଆୟୁକ୍ତ ମନ୍ଦିର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବାରୁ ଏହି ଜିନିଷପତ୍ର ରଖିଥିବା ସେବକ ମାନଙ୍କ ମଧ୍ୟରେ ଭାଲେଣୀ ପଡିଯାଇଛି । ତେବେ ଏହାକୁ ବିବାହ ମଣ୍ଡପକୁ ଉଠାଇବା ପାଇଁ ନିର୍ବାହୀ ଅଧିକାରୀ ନୋଟିସ୍ ଜାରି କରିଥିବାରୁ ଏହାର ପୁର୍ନବିଚାର କରିବା ପାଇଁ କେତେକ ସେବକ ନିର୍ବାହୀ ଅଧିକାରୀଙ୍କ



ଜରିଆରେ ଦେବୋତର ଆୟୁକ୍ତଙ୍କ ନିକଟରେ ନିବେଦନ କରିଛନ୍ତି।

ବିବାହ ମଣ୍ଡପ ନିରାପଦ ସ୍ଥାନ ନଥିବାରୁ ଜିନିଷପତ୍ର ସୁରକ୍ଷିତ ରହିପାରିବ ନାହିଁ ବୋଲି କହିବା ସହ ସେମାନଙ୍କ ସହ ଆଲୋଚନା କରି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ସେବକ ମାନଙ୍କ ପକ୍ଷରୁ ରବୀନ୍ଦ୍ର କୁମାର ସୁଆର, ନିରଞ୍ଜନ କର ସୁରେଶ ପତ୍ରୀ, ଭଗବାନ କର, ପ୍ରମୋଦ କୁମାର କର, ମହେଶ୍ୱର ପତ୍ରୀ, ଜ୍ୟୋତି ରଞ୍ଜନ ପତ୍ରୀ ପ୍ରମୁଖ ଏକ ନିବେଦନ ପତ୍ର ପ୍ରଦାନ କରିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜେଜେ ବାପା ଓ ଜେଜେ ମାଆ ସମ୍ମିଳନୀ

**ପଟ୍ଟାମୁଣ୍ଡାଇ, ୧୫।୧୨ (ସଂଚାର ବ୍ୟୁରୋ):** ରବିବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପଟ୍ଟାମୁଣ୍ଡାଇରେ ଜେଜେବାପା, ଜେଜେ ମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପିଲାମାନଙ୍କ ଦ୍ୱାରା ସାମୁହିକ ସଂଗୀତ ଗାନ ପରେ ପ୍ରଧାନ ଆଚାର୍ଯ୍ୟ ପ୍ରଭାତ କିଶୋର ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଅତିଥି ପରିଚୟ କରିଥିଲେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବୃନ୍ଦାବନ ନିବାସୀ ଶ୍ରୀଦାମ ଦାଶ ଯୋଗଦେଇ ପିଲାଙ୍କୁ ଭଲ ମଣିଷ କରି ଗଢିବାକୁ ପରିବାରରେ ଜେଜେ ବାପା ଓ ମାଆ ମାନଙ୍କ ଭୂମିକା ତଥା ଆମେ ଆଜି ପାଶ୍ଚାତ୍ୟ ସଂସ୍କୃତିକୁ ଆପଣାଇବା ବେଳେ ଆମେରିକାବାସୀ କିପରି ସେମାନଙ୍କ ବିଶ୍ୱବିଦ୍ୟାଳୟ ମାନଙ୍କରେ ଭଗବତ ଗୀତକୁ ବାଧ୍ୟତାମୂଳକ କରୁଛନ୍ତି ବକ୍ତବ୍ୟ ରଖୁଥିଲେ ।

ମୁଖ୍ୟ ଅତିଥି ଡ. ଅଲେଖ ନାଥଶର୍ମା ପିଲାମାନଙ୍କ ଭବିଷ୍ୟତ ଗଠନରେ ପରିବାରରେ ଜେଜେବାପା ଓ ଜେଜେମାଆଙ୍କ ଯଥେଷ୍ଟ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଉପସ୍ଥିତ ପରିବାରର ମୁଖିଆମାନଙ୍କୁ କଥା ପ୍ରସଙ୍ଗରେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଶ୍ରୀଧର ରାଉତ ଜେଜେବାପା ଓ ମାଆ କିପରି ପିଲାମାନଙ୍କର ଶିକ୍ଷକ ଓ ସାଙ୍ଗ ବୁଝାଇଥିଲେ । ସଭାପତି ରୂପେ ଯୋଗଦେଇ ପରିଚାଳନା ସମିତିର ଉପସଭାପତି ଶ୍ରୀମତୀ ସୁଜାତା ମିଶ୍ର ଗଳ୍ପ ପ୍ରସଙ୍ଗରେ ପରିବାର ତଥା ସମାଜରେ ବୟୋଜ୍ୟେଷ୍ଠ, ଗୁରୁଜନ ବ୍ୟକ୍ତିମାନେ କିପରି ସମାଜର ପଥ ପ୍ରଦର୍ଶକ





ତଥା ବିପଦ ସମୟରେ ଉପଯୁକ୍ତ ମାର୍ଗ ପ୍ରଦର୍ଶକ ହୋଇଥାନ୍ତି, ତାଙ୍କ ବକ୍ତବ୍ୟରେ କହିଥିଲେ । ଜେଜେ ଅଭିଭାବକ ସେମାନଙ୍କ ପରିବାରରେ ସେମାନଙ୍କ ଅନୁଭୂତି, ନାତି, ନାତୁଣୀଙ୍କ ସହ ସମ୍ପର୍କ ବକ୍ତବ୍ୟ ରଖିଥିଲେ । ଶେଷରେ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ଦେବାଶିଷ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏକ ଶହରୁ ଅଧିକ ଜେଜେବାପା, ମାଆ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ମରଣକୁ ଡାକୁଛି ମୁକୁଳା ଡ୍ରେନ

**ଖୋର୍ଦ୍ଧା, ୧୫।୧୨ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ସହରକୁ ସରସ ସୁନ୍ଦର କରିବାକୁ ପ୍ରଶାସନ ଅହରହ ପ୍ରୟାସ କରୁଛି, ଯାହାର ଉଦାହରଣ ଖୋର୍ଦ୍ଧା କ୍ୟାବିନ ଉଚ୍ଛେଦ ପ୍ରକ୍ରିୟା ଅଭିଯାନ ଆରମ୍ଭ ହୋଇଛି। କିନ୍ତୁ ସହରର ଆଭ୍ୟନ୍ତରୀଣ ବାସ୍ତବ ଚିତ୍ର କିଛି ଓଲଟା ଦର୍ଶାଉଛି। ସହରରେ ଏବେବି ଅନେକ ୱାଡ଼ରେ ପଡ଼ିରହୁଛି କୁଢ଼ କୁଢ଼ ଆବର୍ଜନା। କେତେକ ୱାଡ଼ରେ ଥିବା ଡ୍ରେନର ସ୍ଲାବ ଭାଙ୍ଗି ଯାଇଥିବା ବେଳେ ଅନେକ ସ୍ଥାନରେ ଡ୍ରେନ ଗୁଡିକ ମୁକୁଳା ପଡ଼ିଛି। ଉକ୍ତ ମୁକୁଳା ଡ୍ରେନରେ ମଇଳା ପଡ଼ି ପୋତିହୋଇ ମଇଳା ପାଣି ରାସ୍ତା ଉପରେ ଭାସୁଥିବା ଦେଖିବାକୁ ମିଳୁଛି। ଏହାଦ୍ୱାରା ମଶା ବଂଶ ବୃଦ୍ଧି ହୋଇ ପାଦୁର୍ଭାବ ବଢୁଛି।





ଖୋର୍ଦ୍ଧା ସହରର ମୁଖ୍ୟ ବ୍ୟବସାୟ କେନ୍ଦ୍ର ମାରୱାଡ଼ି ପଟି ପୁରୁଣା ଆଲ୍ଲାହବାଦ ବ୍ୟାଙ୍କ ସମ୍ମୁଖରେ ଥିବା ଡ୍ରେନଟି ଅନେକ ଦିନ ଧରି ମୁକୁଳା ପଡିଥିବା ସ୍ଥାନୀୟ ଦୋକାନି ପ୍ରକାଶ କରିଛନ୍ତି। ଏପରିକି ଏହି ରାସ୍ତାରେ ପ୍ରତ୍ୟେକ ଦିନ ହଜାର ହଜାର ଲୋକଙ୍କ ଯାତାୟାତ କରୁଛନ୍ତି। ସ୍କୁଲ କଲେଜ ଠାରୁ ଆରମ୍ଭ କରି ପଥଚାରି ଗାଡ଼ି ମୋଟର ସାଇକେଲ ଯାତ୍ରୀ, ଏପରିକି ଭୁବନେଶ୍ୱରରୁ ବଲାଙ୍ଗୀର ଯାଉଥିବା ଗାଡ଼ି, ପ୍ରଶାସନିକ ଅଧିକାରୀ ପ୍ରମୁଖ ଯାତାୟାତ କରୁଛନ୍ତି। କିଛି ଦିନ ତଳେ ଏହି ସ୍ଥାନରେ ଏକ ଦୁର୍ଘଟଣା ଘଟିଥିଲା। ଉକ୍ତ ମୁକୁଳା ଡ୍ରେନରେ ଏକ ଗାଡ଼ି ଗଳି ପଡିଥିଲା। ସ୍ଥାନୀୟ ଜନସାଧାରଣଙ୍କ କହିବା କଥା ସହରର ଏହି ମୁଖ୍ୟ ରାସ୍ତାରେ ଜିଲ୍ଲା ପ୍ରଶାସନ ଅଧିକାରୀମାନେ ସବୁଦିନ ଯାତାୟାତ କରୁଛନ୍ତି ଏଥିପ୍ରତି କାହାର ନଜର ରହୁନି। ରାସ୍ତା ଉପରେ ଥିବା ଏତେବଡ଼ ଖୋଲା ଡ୍ରେନରେ ପଡ଼ି ଯଦି କାହାର କିଛି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବେ। ପ୍ରତ୍ୟେକ ଦିନ ପୌର ପରିଷଦର ସଫେଇ କର୍ମଚାରୀ ଓ ମଇଳା ଉଠାଉଥିବା ଗାଡ଼ି ଉକ୍ତ ସ୍ଥାନ ଦେଇ ଗାଡ଼ି ଚଳାଚଳ କରୁଛନ୍ତି ବା ସ୍ଥାନୀୟ କାଉନସିଲର ଲୋକପ୍ରତିନିଧି ଭାବରେ କଣ କରୁଛନ୍ତି ବୋଲି ସ୍ଥାନୀୟ ଦୋକାନି ପ୍ରକାଶ କରିଛନ୍ତି।

ସେହିପରି ସହରର ପ୍ରମୁଖ ସ୍ଥାନ ରାଜ୍ୟ ରାଜପଥ କାର୍ଯ୍ୟାଳୟ, ପୁରୁଣା ଦମକଳ ଅଫିସ, ମୁକୁନ୍ଦ ପ୍ରସାଦ ମୁସଲିମ ସାହି, ଜବରଦସ୍ତପୁର,ସାମନ୍ତରାପୁର,ଗୁରୁଙ୍ଗ, ନବୀନବାଗ, ମୁଖ୍ୟରାସ୍ତା ଇତ୍ୟାଦି ପ୍ରମୁଖ ସ୍ଥାନରେ ମୁକୁଳା ଡ୍ରେନ ରହିଛି। ନା ଏହାକୁ ପୌର ପରିଷଦ କରୁଛି ନା ପ୍ରଶାସନ କରୁଛି। ସହରକୁ ସ୍ୱଚ୍ଛ ସୁନ୍ଦର କରିବା ଲାଗି ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି ସତ କିନ୍ତୁ କୌଣସି ଫାଇଦା ହେଉନଥିବା ଜନତାଙ୍କ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ମୁଖ୍ୟ ରାସ୍ତାରେ ଥିବା ମୁକୁଳା ଡ୍ରେନ ସମ୍ପର୍କରେ ରାଜ୍ୟ ରାଜପଥ ପ୍ରାଧିକରଣ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାର ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କିଛି ପଦକ୍ଷେପ ନିଆଯାଇନଥିବା ସ୍ଥାନୀୟ ଅଞ୍ଚଳରେ ଥିବା ଦୋକାନି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଖୋର୍ଦ୍ଧା ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରିନି, ଅପେକ୍ଷା କେବେ ପଡୁଛି ମୁକୁଳା ଡ୍ରେନରେ ସ୍ଲାବ।

**ଆର୍‌ଡବ୍ଲୁଏସ୍‌ଏସ୍ ଅଧିକ୍ଷଣ ଯନ୍ତ୍ରୀଙ୍କ ମନମାନୀ**

# ଭଲ ରାସ୍ତା ଖୋଳି ପାଇପ ପକାଉଛି ଠିକା ସଂସ୍ଥା

**ନୟାଗଡ଼, ୧୫।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାରେ ଚାଲିଛି ମେଗା ପାନୀୟ ଜଳ ପ୍ରକଳ୍ପ । ଏଥି ନିମନ୍ତେ କାର୍ଯ୍ୟ ଚାଲୁ ରହିଛି । ଏହି କାର୍ଯ୍ୟ ଜିଭିପିଆର ଠିକା ସଂସ୍ଥା ୫୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ କାର୍ଯ୍ୟ କରୁଛି। ଉକ୍ତ କାର୍ଯ୍ୟରେ ଅନେକ ମନ୍ଥରତା ଦେଖିବାକୁ ମିଳିଛି । ଦୀର୍ଘ ବର୍ଷ ବିତିଥିଲେ ବି ଲୋକ ମାନେ ପାଣି ପାଇବା ସ୍ୱପ୍ନ ପାଲଟିଛି। ଆରଡବ୍ଲୁଏସଏସର ନିର୍ବାହି ଯନ୍ତ୍ରୀ ସର୍ଫରାଜ ଖାନଙ୍କ ମନମୁଖୀ କାର୍ଯ୍ୟ ଓ ଦାୟୀତ୍ୱ ହୀନତା ପାଇଁ ଜନ ଅସନ୍ତୋଷ ତୀବ୍ର ହୋଇଛି । ରାସ୍ତାକୁ ଦୁଇ ଫାଳ କରି ଚିରି ପାଇପ ପକାଇବା ଉଦ୍ୟମକୁ ଜୋରଦାର ବିରୋଧ କରାଯାଇଛି।

ନୟାଗଡ଼ ସହର ମଧ୍ୟରେ ପାନୀୟ ଜଳ ପାଇପ ପକାଇବାକୁ ନେଇ ନୟାଗଡ଼ ସହରବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି । ନୟାଗଡ଼ ସହର ମଧ୍ୟରେ ପାଇପ ପକା ଗଲେ ନୟାଗଡ଼ ସହରର ସୌନ୍ଦର୍ଯ୍ୟ ହାନୀ ହେବା ସହିତ ରାସ୍ତାଘାଟ ଖରାପ ହୋଇଯିବ। ନୟାଗଡ଼ ସହର ମଧ୍ୟରେ ଅନେକ ପ୍ରକାରର କେବୁଲ ପଡି ରହିଛି । ସହର ମଧ୍ୟରେ ପାଇପ ବିଛା ଗଲେ ନୟାଗଡ଼ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେବା ନିଶ୍ଚିତ ହୋଇ ପଡିଛି । ନୟାଗଡ଼ ସହର ବାହାରେ ପାନୀୟ ଜଳ ପାଇପ ପକାଇବା ପାଇଁ ଅନେକ ରାସ୍ତା ରହିଛି । ନୟାଗଡ଼ ରେଲୱେ ଓଭର ବ୍ରିଜ ପୂର୍ବରୁ କ୍ଷେତ୍ରୀବରପୁର ଦେଇ ବାଇପାସ ରୋଡ ଓ ଲେଙ୍କୁଡିପଡା ପର୍ଯ୍ୟନ୍ତ ପାନୀୟ ଜଳ ପାଇପ କାର୍ଯ୍ୟ କରାଗଲେ ନୟାଗଡ଼ ସହର ସୌନ୍ଦର୍ଯ୍ୟ ବଜାୟ ରଖିପାରିବ।

ଏଥି ନିମନ୍ତେ ନୟାଗଡ଼ ପୌରାଞ୍ଚଳ ପକ୍ଷରୁ ପୂର୍ବରୁ ତତ୍କାଳୀନ ଜିଲ୍ଲାପାଳ ସ୍ୱଧା ଦେବ ସିଂଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା । ଏଥି ସହିତ ନୟାଗଡ଼ ପୌରାଞ୍ଚଳ ପକ୍ଷରୁ ସହର ବାହାରେ ପାନୀୟ ଜଳ ପାଇପ ପକାଇବା ପାଇଁ ଏକ ସ୍ୱତନ୍ତ୍ର ରେଜୁଲେସନ କରାଯାଇଛି। ଜିଲ୍ଲା ପରିଷଦ ବୈଠକରେ ନୟାଗଡ଼ ସହର ବାହାରେ ପାନୀୟ ଜଳ ପାଇପ ଯିବା ପାଇଁ ସର୍ବ ସମ୍ମତି କ୍ରମେ ଆଲୋଚନା କରାଯାଇଛି । ଏହା ବାଦ ଜବରଦସ୍ତ



ସହର ଭିତରେ ପାନୀୟ ଜଳ ପାଇପ ପକାଇବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ କାର୍ଯ୍ୟ କରୁଥିବାରୁ ଏହାକୁ ନେଇ ନୟାଗଡ଼ ବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି । ଆଜି ନୟାଗଡ଼ ପୌରଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନାଙ୍କ ସମେତ କାଉନସିଲର ମାନେ ପହଞ୍ଚି କାମକୁ ବିରୋଧ କରିବା ସହ କାମ ବନ୍ଦ ରଖିଛନ୍ତି । ଯଦି କର୍ତ୍ତୃପକ୍ଷ ନମାନନ୍ତି ଆଗାମୀ ଦିନରେ ବଡ଼ ଜନ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି ।




## ଝିଅ ପଳେଇଲା ଝାଡ଼ଖଣ୍ଡ

ବହୁ ଉଦ୍ୟମ କରି ମହାରାଷ୍ଟ୍ରରୁ ଝିଅ ଆଣିଥିଲେ। ଯୋଜନା ହୋଇଥିଲା ଝିଅ ଏଠାରେ ଘର ସଂସାର କରିଥାନ୍ତା। ହେଲେ ଝିଅ କିନ୍ତୁ ଡିଆଁମାରି ପଳାଇଛି ଝାଡଖଣ୍ଡ। ଏବେ ତାହାକୁ ନେଇ ଦୁଇ ରାଜ୍ୟ ରାତି ଅନିଦ୍ରା। ହଁ ଆଜ୍ଞା, ଏ ଝିଅ ହେଉଛି ବାଘୁଣି ଜିନ୍ନତ। ଓଡ଼ିଶା ସରକାର ଏହାକୁ ମହାରାଷ୍ଟ୍ରରୁ ଆଣି ଶିମିଳିପାଳରେ ଛାଡିଥିଲେ। ପ୍ରଚାର ବି ଜୋର ହୋଇଥିଲା। ଭାବିଥିଲେ ଜିନ୍ନତ ଶିମିଳିପାଳରେ ଘର ସଂସାର କରିବ। ଓଡ଼ିଶା




ସରକାରଙ୍କ ନାଁକୁ ଦେଶ ବିଦେଶରେ ଚକ୍ ଚକ୍ କରିବ। ହେଲେ ଏହା ମଧ୍ୟରେ ଜିନ୍ନତ ଡିଆଁମାରି ପଳାଇଛି ଝାଡଖଣ୍ଡ। ସେଠାରେ ଯାଇ କୁଆଡେ ଜୋଇଁ ଖୋଜୁଛି। ତାକୁ ନେଇ ଏବେ ଝାଡଖଣ୍ଡ ବନବିଭାଗ ରାତି ଅନିଦ୍ରା। ଗାଁ ଲୋକେ ଘରେ ନଜର ବନ୍ଦୀ। ଏଣେ ଝିଅ ଆଣିଥିବା ଓଡ଼ିଶା ବନ ବିଭାଗ ବି ବାଉଳୁଛି। ଜିନ୍ନତ ଆଉ ଫେରିବ କି ନାହିଁ ତାକୁ ଚାହିଁ ବସିଛି। ମହାରାଷ୍ଟ୍ରର ଜିନ୍ନତ ଏବେ ଦୁଇ ରାଜ୍ୟର ବନ ବିଭାଗକୁ ରାତି ଅନିଦ୍ରା କରିବା ନେଇ ଗଣମାଧ୍ୟମରେ ଚର୍ଚ୍ଚା। ତେବେ ଶିମିଳିପାଳର କିଛି ଲୋକଙ୍କ କହିବାକଥା ଯେ ଝାଡଖଣ୍ଡରେ ଏବେ ନୂଆ ସରକାର ଭୋଜିଭାତରେ ଭାସୁଛନ୍ତି। ବୋଧେ ଭୋଜି ବାସ୍ନାରେ ଓଡ଼ିଶାର ଜିନ୍ନତ ଏବେ ଝାଡଖଣ୍ଡରେ ଡେରା ପକାଇଛି।

## ବିବାଦର ଅନ୍ୟନାମ ବିଷ୍ଣୁ

ବରିଷ୍ଠ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କୁ ସିବିଆଇ ଡାକିବା ପରେ ସେ ପୁଣି ଥରେ ଚର୍ଚ୍ଚାର ବଳୟକୁ ଆସିଛନ୍ତି।




ଲୋକେ ଏବେ ତାଙ୍କର କାର୍ଯ୍ୟକୁ ନେଇ ଚର୍ଚ୍ଚା ଚଳାଇଛନ୍ତି। ସଚିବାଳୟର ଚା ଖଟିରେ କିଛି ବାବୁଙ୍କ ଚର୍ଚ୍ଚା ଆମ କାନରେ ପଡିଲା। ଜଣେ କୁହାଳିଆ ବାବୁ କହୁଥିଲେ, ବୁଝିଲେ ଆଜ୍ଞା ବିଷ୍ଣୁ ଯେଉଁଠି ବିବାଦ ସେଇଠି। ଆଉ ଜଣେ ବୁଝିନପାରିବାରୁ ସେ ବୁଝାଇ କହିଲେ - ବିଷ୍ଣୁ ବାବୁ ଓମଫେଡ୍‌ରେ ଥିବାବେଳେ ଜରି ବିବାଦ ହୋଇଥିଲା। ସମବାୟ ବିଭାଗରେ ଥିବାବେଳେ ବିବାଦ ଘରୁ ବାହାର ପର୍ଯ୍ୟନ୍ତ ଚାଲିଥିଲା। ଏଟିଏମ୍ ଗାଡି କିଣା ଠାରୁ ଆରମ୍ଭକରି ଡାକ୍ତରଖାନା ବିଲ୍ ପର୍ଯ୍ୟନ୍ତ ସବୁ ବିବାଦ ତାଙ୍କ ନାଁରେ ଆସିଥିଲା। ପରେ ବାବୁ ଏସ୍‌ଆରସି ଥିବାବେଳେ ନିଯୁକ୍ତି ବିବାଦ। ତେଣୁ ବିଷ୍ଣୁ ଓ ବିବାଦ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱଭଳି ହୋଇଯାଇଛି। ଏବେ କିନ୍ତୁ ବିବାଦଟି ସମ୍ପୂର୍ଣ୍ଣ ନୂଆ। ଧରାପଡିଥିବା ଲୋକେ ଜେଲ୍‌ରେ ରହିଛନ୍ତି। ସେମାନଙ୍କ ଗାଡିରୁ ପୁଳା ପୁଳା ଟଙ୍କା ଓ ସୁନା ଜବତ ହୋଇଛି। ତେବେ ବାବୁଙ୍କୁ ଏହି ଲିଙ୍କ୍‌ରେ ଡକାଯିବା ନେଇ ଅନେକ ଆଶ୍ଚର୍ଯ୍ୟପ୍ରକାଟ କରୁଛନ୍ତି। ତେବେ ଆଦିବାସୀ ବିଦ୍ୟାଳୟ ମରାମତି ଟେଣ୍ଡରରେ କୁଆଡେ ଧରାପଡିଥିବା ବାବୁମାନଙ୍କ ସମ୍ପୃକ୍ତ ଥିବା କୁହାଯାଉଛି। ତେବେ ଦେଖାଯାଉ ବିଷ୍ଣୁ ବାବୁ ସିବିଆଇ ଜାଲରେ ପଡୁଛନ୍ତି ନାଁ ଖସୁଛନ୍ତି।

## ଦରମାରେ ବ୍ରେକ୍ ଲଗାଇଲା କିଏ ?




ଚଳିତ ବର୍ଷର ଶେଷ ବିଧାନସଭା ଅଧିବେଶନ ସାରି ଖୁସିରେ ନୂଆବର୍ଷ ମନାଇବାକୁ ସ୍ଥିର କରିଥିବା ଆମ ମନ୍ତ୍ରୀ, ବିଧାୟକଙ୍କ ମନ ଭାଙ୍ଗିଯାଇଛି। କେତେକ ତ ମନେ ମନେ କେବଳ ଗାଳି ଓ ଅଭିଶାପ ଦେଉଛନ୍ତି। ଏଳି ଅଭିଶାପ ପଡୁଥିବା ସ୍ଥାନରେ ଟିକେ ଅଟକିଗଲୁ କଥାଟି ଜାଣିବାପାଇଁ। ଜଣେ ନୂଆ ବିଧାୟକ କହୁଥାନ୍ତି, ସ୍ଥିର ହୋଇଥିଲା ଆମ ଦରମା ବଢିବ। ଶେଷ ଦିନରେ ଆଖିବୁଜି ବିଲ୍ ଆଣି ପାଶ୍ କରାଯିବ। ଉଚ୍ଚଶିକ୍ଷା ବିଲ୍ ସହିତ ଦରମା ବିଲ୍ ଆସିଲେ ସହଜରେ ଖସିଯିବ। କେହି କିଛି ଜାଣିବା ପୂର୍ବରୁ ଆମ ଦରମା ଦୁଇ ଗୁଣାରୁ ଅଧିକ ହେବ। ନୂଆ ବର୍ଷଟା ପୁରା ଜମିବ। ହେଲେ ଉଚ୍ଚଶିକ୍ଷା ବିଲ୍‌ଟି ଆସିଲା। ହେଲେ ଦରମା ବିଲ୍‌ର ଦେଖା ଦର୍ଶନ ନାହିଁ। ସମସ୍ତଙ୍କ ମନ ମରିଗଲା। କେତେ ଜଣ ପତ୍ତା ଲଗାଇ ବୁଝିଲେ ଯେ ଏଇଟା କୁଆଡେ ଦିଲ୍ଲୀ ବ୍ରେକ୍। ବ୍ରେକ୍ ଲଗାଇ ଦେଇଥିବା ବାବୁଙ୍କୁ ପ୍ରଶ୍ନ କରିବାକୁ କାହାର ଯୁ ନାହିଁ। ତେଣୁ ନୂଆବର୍ଷଟିକୁ ଖୁସିରେ କାଟିବାପାଇଁ ଯେଉଁମାନେ ଲମ୍ବା ଯୋଜନା କରିଥିଲେ ସେଥିରେ ଏକ ପ୍ରକାର ଭଙ୍ଗା ପଡିଯାଇଛି। ଏବେ ଯେଉଁଠି ତିନି ଚାରିଜଣ ବିଧାୟକ ଏକାଠି ହେଉଛନ୍ତି ବ୍ରେକ୍ ଲଗାଇଥିବା ଲୋକଟିକୁ ମନଇଚ୍ଛା ଗାଳି କରୁଛନ୍ତି।

## ଦରମା ନେଇ ଅଧ୍ୟାପିକା ଛୁ..




ରାଜଧାନୀରେ ଗୋଟିଏ ବିଶ୍ୱବିଦ୍ୟାଳୟରେ ଅତିଥି ଅଧ୍ୟାପିକା ଥିବା ଜଣେ ବୟସ୍କା ମହିଳା ଦରମା ନେଇ ଛୁ ମାରିଛନ୍ତି। ଛୁ ମାରିବାକଥା ଛାତ୍ରୀମାନେ ଏଥିପାଇଁ ଆଲୋଚନା କରୁଛନ୍ତି ଯେ ଏହି ଅଧ୍ୟାପିକା ଜଣଙ୍କ କୁଆଡେ ମେଡିକାଲରେ ଚିକିତ୍ସିତ ହେଉଥିବା ସମୟର ପାଉଣା ହାତେଇ ନେଇଛନ୍ତି। ସମ୍ପୃକ୍ତ ଅଧ୍ୟାପିକାଙ୍କର ସ୍ୱାମୀ ବଡ ହାକିମ ହୋଇଥିବାରୁ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ବି ତାଙ୍କର ଅନୈତିକ ପାଉଣାକୁ ଅଟକାଇ ପାରୁନାହାନ୍ତି। ମହିଳା ଜଣଙ୍କ କୁଆଡେ ବର୍ଷ ସାରା ପୂରା ପାଉଣା ନେଉଛନ୍ତି, ହେଲେ ଅଧା କାମ କରୁଛନ୍ତି। କେତେବେଳେ ବୁଲିବାକୁ ପଳାଉଛନ୍ତି ତ ଆଉ କେତେବେଳେ ବିବାହ, ବ୍ରତର ବାହାନା କରି ଆସୁନାହାନ୍ତି। ଯିଏ ପାଠପଢା କଥା କହୁଛି ତାକୁ ସ୍ୱାମୀଙ୍କ କାଟ୍‌ତି ଦେଖାଉଛନ୍ତି। ୟାଙ୍କ ଦେଖାଦେଖି ଆଉ କିଛି ଅତିଥି ଅଧ୍ୟାପିକା ବି ଠକିବା ଆରମ୍ଭ କରିଛନ୍ତି। ଏମାନଙ୍କ ବିରୁଦ୍ଧରେ ପାଠପଢାରୁ ବଞ୍ଚିତ ହେଉଥିବା କିଛି ଛାତ୍ରୀ ମେଳି ହେଉଥିବାବେଳେ ଉଚ୍ଚଶିକ୍ଷା ବିଭାଗ ତୁରନ୍ତ ପଦକ୍ଷେପ ନନେଲେ ରାଜଧାନୀରେ ହିଁ ସରକାର ବଦନାମ ହେବେ ବୋଲି ଆଲୋଚନା ଚାଲିଛି।

## ଅତିରିକ୍ତ ଆରଟିଓ ଏବେ ବୋଝ




ରାଜ୍ୟର ଦଶ ଦଶଟି ଆରଟିଓ ଅଫିସ ଅତିରିକ୍ତ ଆରଟିଓଙ୍କ ହାତରେ ଚାଲିଛି। ଓଡ଼ିଶା ପରିବହନ ପ୍ରଶାସନରେ ଏହା ଏକ ବିରଳ ରେକର୍ଡ। ତେବେ ଏମାନଙ୍କ ମଧ୍ୟରୁ ରାଜଧାନୀର ଜଣେ ଆରଟିଓ ସରକାରଙ୍କ ଉପରେ ଏବେ ବୋଝ ହୋଇଛନ୍ତି। ଗତ ତ୍ରୈମାସିକରେ ତାଙ୍କର ରାଜସ୍ୱ ଆୟ ପ୍ରାୟ ୧୦୦ କୋଟି ଟଙ୍କା କମିଯାଇଛି। ରାଜ୍ୟର ସର୍ବାଧିକ ରାଜସ୍ୱ ପ୍ରଦାନ କରୁଥିବା ଏହି ଆରଟିଓ ଦପ୍ତରରେ ଏହା ପ୍ରଥମ ବୋଲି କୁହାଯାଉଛି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଅତିରିକ୍ତ ଦାୟିତ୍ୱରେ କାର୍ଯ୍ୟ କରୁଥିବା ଏହି ଆରଟିଓମାନେ ଏବେ ସରକାରଙ୍କ ଉପରେ ଅତିରିକ୍ତ ବୋଝ ହେଲେଣି। ଗୋଟିଏ ପଟେ ରାଜସ୍ୱ କମୁଥିବାବେଳେ ଅନ୍ୟପଟେ ଏମାନେ ଗାଦି ଛାଡୁନଥିବାରୁ ତଳିଆ ଅଫିସରମାନେ ପଦୋନ୍ନତି ପାଇପାରୁ ନାହାନ୍ତି। ଏହି ଅତିରିକ୍ତ ଆଟିଓଙ୍କ ମଧ୍ୟରୁ କିଏ ଯୁଗ୍ମ ପରିବହନ କମିଶନର ତ ଆଉକିଏ ଅତିରିକ୍ତ ପରିବହନ କମିଶନର ପାହ୍ୟାର। ହେଲେ ଆରଟିଓର ମୋହ ଛାଡି ପାରୁନାହାନ୍ତି। ତେବେ ଏମାନେ କିଭଳି କାର୍ଯ୍ୟ କରୁଛନ୍ତି ତାହା ସେମାନଙ୍କ ଗାଡିରେ ଜିପିଏସ୍ ଲଗାଇଲେ ଜଣାପଡିବ ବୋଲି ଖୋଦ ଆରଟିଓ ଅଫିସର କିଛି କର୍ମଚାରୀ ଆଲୋଚନା କରୁଛନ୍ତି।

# ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ ଜଙ୍ଗଲ: ଧର୍ମେନ୍ଦ୍ର

- ଜଙ୍ଗଲ କ୍ଷେତ୍ରଫଳରେ ଓଡ଼ିଶା ଦେଶରେ ଦ୍ୱିତୀୟ
- ୨୦୭୦ ସୁଦ୍ଧା ଭାରତକୁ ଜିରୋ କାର୍ବନ ଏମିଶନ କରିବାକୁ ସଂକଳ୍ପବଦ୍ଧ
- ଜାତୀୟ ଶିକ୍ଷାନୀତିରେ ଓଡ଼ିଶାର ଜଙ୍ଗଲ-କୈନ୍ଦ୍ରିକ ସଂସ୍କୃତି, ଇତିହାସ ସାମିଲ ହେବ
- ଓଡ଼ିଶାକୁ ଦେଶର ୧ନମ୍ବର ଫରେଷ୍ଟ ଫୋର୍ସ ଭାବେ ପ୍ରସ୍ତୁତ କରିବା ପାଇଁ ପରାମର୍ଶ




**ସମ୍ବଲପୁର,୧୫।୧୨ (ସଂଚାର ବ୍ୟୁରୋ):** ଜଙ୍ଗଲ ହେଉଛି ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ । ଜଙ୍ଗଲରୁ ହିଁ ଦେଶ ସ୍ୱାଧୀନତାର ନେତୃତ୍ୱ ବିକଶିତ ହୋଇଛି । ଜଙ୍ଗଲ ଆମକୁ ସନ୍ତୁଳିତ ଜୀବନ ପ୍ରଦାନ କରେ । ଫରେଷ୍ଟ କଭରରେଜ କ୍ଷେତ୍ରରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ରାଜ୍ୟର ସର୍ବାଧିକ ଜଙ୍ଗଲ ସମ୍ପଦ ରହିଥିବା ଅଞ୍ଚଳଗୁଡ଼ିକ ମଧ୍ୟରେ ସମ୍ବଲପୁର ଅନ୍ୟତମ । ୨୦୨୫ରୁ ୨୦୭୦, ଅର୍ଥାତ ଆସନ୍ତା ୪୫ ବର୍ଷ ମଧ୍ୟରେ ଆମର ଜଙ୍ଗଲ ପରିସୀମାକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ଓଡ଼ିଶା ଅଣଗେଜେଟେଡ୍ ବନ ସେବା ସଙ୍ଘ, ସମ୍ବଲପୁର ଜୋନ୍ ର ସାଧାରଣ ପରିଷଦ ବୈଠକରେ ଯୋଗଦେଇ ଜଙ୍ଗଲ ସୁରକ୍ଷା ଏବଂ ଓଡ଼ିଶାରେ ବର୍ତ୍ତମାନର ବ୍ୟବସ୍ଥା ଶୀର୍ଷକ ଆଲୋଚନାଚକ୍ର ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ୧୯ଟି ଅଭୟାରଣ୍ୟ ଭିତରୁ ୪ଟି ରହିଛି ସମ୍ବଲପୁର ଅଞ୍ଚଳରେ । ତେଣୁ ଏ ଅଞ୍ଚଳର ଜନଜୀବନ, ବନ୍ୟଜନ୍ତୁ, ବନଜାତ ଦ୍ରବ୍ୟ, ଅର୍ଥନୀତି ଓ ସମାଜ, ଏସବୁ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସନ୍ତୁଳିତ ବ୍ୟବସ୍ଥାର ବିକାଶ କରାଯିବା ଆବଶ୍ୟକ। ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି କେବଳ ପରିବେଶ ପାଇଁ ଅନୁକୂଳ ନୁହେଁ, ଏହା ମଧ୍ୟ ରୋଜଗାରର ଏକ ବଡ଼ ମାଧ୍ୟମ । ଆମ ଜଙ୍ଗଲ ଓ ଜୀବଜନ୍ତୁ ସୁରକ୍ଷିତ ରଖି ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ସୁଦୃଢ଼ କରାଯାଇପାରିବ ।

ଜଙ୍ଗଲ ଭିତରେ ରହିଥିବା ଜଳାଶୟଗୁଡ଼ିକର ବିକାଶ, ଜଙ୍ଗଲ ଜମିର ଅଧିକାର, ପେସା ଆଇନ ଠିକ୍ ଭାବେ କାର୍ଯ୍ୟକାରୀ କରିବା, ବନ୍ୟଜନ୍ତୁ ଓ ମଣିଷ ଭିତରେ ସଂଘର୍ଷକୁ ହ୍ରାସ କରିବା ଆଦି ଦିଗରେ ସରକାରଙ୍କ ଉଦ୍ୟମ ଅବ୍ୟାହତ ରହିବା ଆବଶ୍ୟକ। ସେହିପରି ପରିବର୍ତ୍ତିତ ବିଶ୍ୱରେ ନୂତନ ଟେକ୍ନୋଲଜି ସହାୟତାରେ ଆମ ଜଙ୍ଗଲ ସମ୍ପଦର ବିକାଶ ଓ ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ନିଆଯିବା ମଧ୍ୟ ଆବଶ୍ୟକ ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ୨୦୭୦ ସୁଦ୍ଧା ଭାରତକୁ କାର୍ବନ ଏମିଶନ କ୍ଷେତ୍ରରେ ନେଟ୍ ଜିରୋ କରିବାର ସଂକଳ୍ପ ଆମେ ନେଇଛୁ ଏବଂ ମିଶନ ଲାଇଫ୍‌ର ପରକଳ୍ପନା ସାଙ୍ଗକୁ ପ୍ରଧାନମନ୍ତ୍ରୀ ମୋଦୀ ଦେଶରେ 'ଏକ୍ ପେଡ୍ ମାଆ କେ ନାମ୍' ଅଭିଯାନର ଶୁଭାରମ୍ଭ ମଧ୍ୟ କରିଛନ୍ତି ବୋଲି ସେ କହିଛନ୍ତି । ଓଡ଼ିଶାର ଆଠ ହଜାରରୁ ଅଧିକ ନନ୍-ଗେଜେଟେଡ୍ ବନ ଅଧିକାରୀ ଓ କର୍ମଚାରୀ ଅଛନ୍ତି, ଯେଉଁମାନଙ୍କର ନିଷ୍ଠା ଓ କର୍ତ୍ତବ୍ୟବୋଧ ପାଇଁ ଓଡ଼ିଶାର ଜୈବ-ବିବିଧତା ସନ୍ତୁଳିତ ହୋଇ ରହିଛି। ସେମାନଙ୍କର ନିଯୁକ୍ତି, ବେତନ ଓ ସ୍ୱୀକୃତି ଆଦିକୁ ନେଇ ରହିଆସିଥିବା ବିଭିନ୍ନ ପ୍ରସଙ୍ଗ ବିଷୟରେ ଶ୍ରୀ ପ୍ରଧାନ ଅବଗତ ହୋଇଛନ୍ତି ।

ଜାତୀୟ ଶିକ୍ଷାନୀତିକୁ ରାଜ୍ୟରେ ବିଧିବଦ୍ଧ ଭାବେ ଲାଗୁକରିବାର ବିଧିବଦ୍ଧ ନିଷ୍ପତ୍ତି ନେଇଛନ୍ତି ଓଡ଼ିଶା ସରକାର । ଏହି ଶିକ୍ଷାନୀତି ଅନୁଯାୟୀ ଯେଉଁ ନୂଆ ପାଠ୍ୟକ୍ରମ ପ୍ରସ୍ତୁତ ହେବ, ସେଥିରେ ଓଡ଼ିଶାର ଜଙ୍ଗଲ-କୈନ୍ଦ୍ରିକ ସଂସ୍କୃତି, ଇତିହାସ ଓ ସମ୍ଭାବନା ବିଷୟରେ ଶିକ୍ଷା ଦିଆଯିବ । ଜଙ୍ଗଲ ହେଉଛି ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ ।

## ଆୟୁଷ୍ମାନ ଭାରତ ଯୋଜନାରେ ୫୬ ହଜାର ନକଲି ଅସ୍ତ୍ରୋପଚାର

**ନୂଆଦିଲ୍ଲୀ,୧୫।୧୨:** ଭାରତ ସରକାରଙ୍କ ଏକ ପ୍ରମୁଖ ଯୋଜନା ମଧ୍ୟରୁ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି-ପିଏମଜେ) ଗତ ୫ବର୍ଷ ମଧ୍ୟରେ ବହୁ ଠକେଇ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ରାଜ୍ୟ ମନ୍ତ୍ରୀ ପ୍ରତାପ ରାଓ ଯାଦବ ଲୋକ ସଭାରେ ସୂଚନା ଦେଇଛନ୍ତି ଯେ ଚଳିତ ବର୍ଷ ଡିସେମ୍ବର ୧୧ ପର୍ଯ୍ୟନ୍ତ ଆୟୁଷ୍ମାନ ଭାରତ ଯୋଜନାରେ ୩ ଲକ୍ଷ ୪୨ ହଜାର ୯୮୮ ଠକେଇ ମାମଲା ରୁଜୁ ହୋଇଛି ଯେଉଁଥିରେ ଅନାବଶ୍ୟକ କିମ୍ବା ନକଲି ଅସ୍ତ୍ରୋପଚାର ମଧ୍ୟ ରହିଛି। ଦୌସା ଏମପି ମୁରାରିଲାଲ ମୀଣାଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ରାଜ୍ୟ ମନ୍ତ୍ରୀ କହିଛନ୍ତି ଯେ, ଡିସେମ୍ବର ୧୧, ୨୦୨୪ ପର୍ଯ୍ୟନ୍ତ ଏହି ଯୋଜନା ଅଧୀନରେ ପଞ୍ଜୀକୃତ ହୋଇଥିବା ମୋଟ ଠକେଇ ମାମଲା ମଧ୍ୟରୁ ୨ ଲକ୍ଷ ୮୬ ହଜାର ୭୭୧ ଠକେଇ ମାମଲା ଚିକିତ୍ସା ସମ୍ବନ୍ଧୀୟ ଥିବାବେଳେ ୫୬ ହଜାର ୨୧୭ ମାମଲା ଅସ୍ତ୍ରୋପଚାର ସହିତ ଜଡିତ ଯେଉଁଥିରେ ରୋଗୀ ଉପରେ ଅନାବଶ୍ୟକ ଅସ୍ତ୍ରୋପଚାର କରାଯାଇଥିଲା କିମ୍ବା ଡାକ୍ତରଖାନା ଅସ୍ତ୍ରୋପଚାର ନକରି କାଗଜରେ ଅସ୍ତ୍ରୋପଚାର କରିଥିଲା ଏବଂ ଠକେଇ କରିଥିଲା ।

## ମଞ୍ଚରେ ତାରା-ବଳଭଦ୍ର ଲଢ଼େଇ





**ଜୟପୁର,୧୫।୧୨ (ସଂଚାର ବ୍ୟୁରୋ):** 'ପରବ' ଉଦଘାଟନୀ ଉତ୍ସବରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ମଞ୍ଚ ଉପରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଓ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ମୁହାଁମୁହିଁ ହୋଇଥିଲେ। ତାହା ପୁଣି ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ। ତେବେ ସ୍ଥିତିକୁ ସମ୍ଭାଳି ନେଇଥିଲେ ମୁଖ୍ୟମନ୍ତ୍ରୀ। ନିଜେ ବୁଝାଇ ଥିଲେ। ଗତକାଲି କୋରାପୁଟର ଲୋକ ମହୋତ୍ସବ 'ପରବ'ର ଉଦ୍‌ଘାଟନ ସଭା ମଞ୍ଚରେ ଦେଖିବାକୁ ମିଳିଥିଲା ଏହି ଦୃଶ୍ୟ।

'ପରବ'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ। ଉଦ୍ଘାଟନୀ ଉତ୍ସବରେ କୋରାପୁଟ ଜିଲ୍ଲାର ସମସ୍ତ ବିଧାୟକ ଯୋଗ ଦେଇଥିଲେ। ସେମାନଙ୍କ ସହିତ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ମଧ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯେହେତୁ ଜିଲ୍ଲାର ଅଧିକାଂଶ ବିଧାୟକ କଂଗ୍ରେସ ଦଳର,ତେଣୁ ସେମାନେ ସଭାରେ ମୁଖ୍ୟମନ୍ତ୍ରୀଙ୍କ ଆଗରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ସେହିକ୍ରମରେ କଂଗ୍ରେସର ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ମଧ୍ୟ କିଛି ଦାବି ଉଠାଇଥିଲେ। ସେ କୋରାପୁଟର ବିକାଶ କାର୍ଯ୍ୟ କଥା କହିବା ବେଳେ ଜୟପୁରର ପ୍ରସିଦ୍ଧ ଜଗନ୍ନାଥ ସାଗରର ଉନ୍ନତିକରଣ ପ୍ରସଙ୍ଗ ଉଠାଇଥିଲେ। ଗତ ସରକାରରେ ଏହାର ଉନ୍ନତିକରଣ ପାଇଁ କିଛି ଅର୍ଥ ଆସିଥିଲା। କିନ୍ତୁ ଏହାର ବିକାଶ କାର୍ଯ୍ୟ ଅଧାରେ ରହିଥିବାରୁ ସରକାର ଏଥିପାଇଁ ଆହୁରି ଅର୍ଥ ଦେଇ ଏହାକୁ ସଂପୂର୍ଣ୍ଣ କରନ୍ତୁ ବୋଲି ସେ କହିଥିଲେ। ଏହା ସହିତ ଜଗନ୍ନାଥ ସାଗରକୁ ଏକ ଜାତୀୟ ସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ିତୋଳିବାକୁ ଦାବି କରିଥିଲେ ତାରା।

ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିବା ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ନିଜ ଅଭିଭାଷଣରେ ମୋଦି ସରକାର କୋରାପୁଟର ବିକାଶ ପାଇଁ କରିଥିବା କାର୍ଯ୍ୟ ସମ୍ପର୍କରେ କହିଥିଲେ। ତା' ମଧ୍ୟରେ ସେ ଜଗନ୍ନାଥ ସାଗରର ପୁନଃଉଦ୍ଧାର ପ୍ରସଙ୍ଗ ଉଠାଇ ଟଙ୍କା ଆସୁଛି, କିନ୍ତୁ କାମ ହୋଇପାରୁନି ବୋଲି କହିଥିଲେ। ଏହା ଶୁଣି ବିଧାୟକ ତାରା ପ୍ରସାଦ ବାହିନୀପତି ଉତ୍‌କ୍ଷିପ୍ତ ହୋଇଯାଇଥିଲେ। ଜୟପୁର ନିର୍ବାଚନ ମଣ୍ଡଳୀରେ କ'ଣ ଅଛି, କ'ଣ ନଅଛି ସାଂସଦ କିପରି ଜାଣିଲେ ବୋଲି ସେ ପ୍ରଶ୍ନ କରିଥିଲେ। ତେଣୁ ମଞ୍ଚରେ କିଛି ସମୟ ପାଇଁ ଅକଳ ସ୍ଥିତି ସୃଷ୍ଟି ହୋଇଥିଲା। ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହସ୍ତକ୍ଷେପ କରି ସ୍ଥିତି ଶାନ୍ତ କରିଥିଲେ। ଏହା ସହିତ ମୁଖ୍ୟମନ୍ତ୍ରୀ ନିଜ ଭାଷଣରେ ଜଗନ୍ନାଥ ସାଗରର ବିକାଶ ପାଇଁ ସରକାର ସବୁ କରିବାକୁ ପ୍ରସ୍ତୁତ ବୋଲି କହିଥିଲେ। ଏଥିପାଇଁ ଯାହା ଖର୍ଚ୍ଚ ହେବ ସରକାର ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସଭା ପରେ କୋରାପୁଟ ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ, ତାଙ୍କୁ (ସାଂସଦ ବଳଭଦ୍ର ମାଝୀଙ୍କୁ) କେହି ଜଗନ୍ନାଥ ସାଗର ନେଇ ଭୁଲ୍ ତଥ୍ୟ ଦେଇଥିଲେ। ପରେ ସେ ବୁଝିପାରିଲେ। ଏଣୁ ଆଉ କିଛି ଅସୁବିଧା ନାହିଁ। ସାଂସଦ ନିଜେ କହିଲେ ତା'ର ପୁନଃଉଦ୍ଧାର କରିବାର ଆବଶ୍ୟକତା ରହିଛି। ମୁଁ ମଧ୍ୟ ସେ କଥା କହିଥିଲି। ପାଖାପାଖି ୪୦/୫୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଁ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲି। ସେ କହିଥିଲେ ଯେ ଏନେଇ ଡିପିଆର ପ୍ରସ୍ତୁତ କରାଯିବ ଓ ନିହାତି ଭାବେ ଜଗନ୍ନାଥ ସାଗରର ପୁନରୁଦ୍ଧାରକୁ ଗୁରୁତ୍ୱ ଦିଆଯିବ।

## ମାଠିଆ ବାଡ଼େଇ ରାଜନୀତି କରୁଥିଲେ ବିଜେଡ଼ି ସରକାର: ପୃଥ୍ୱୀରାଜ



**ଭୁବନେଶ୍ୱର,୧୫।୧୨:** ମହାନଦୀ ପ୍ରସଙ୍ଗକୁ ନେଇ ଆରୋପ ପ୍ରତ୍ୟାରୋପ ରାଜନୀତି ଜୋର ଧରିଛି। ବିଜେଡି ଅଭିଯୋଗ କରିଛି, ନୂଆ ଅଧ୍ୟକ୍ଷ ନିଯୁକ୍ତି ଅର୍ଥ ଦାସେ ଆସିଲେ ମୂଳରୁ ଗାଆ। ଶୁଣାଣି ଶେଷବେଳକୁ ମହାନଦୀ ଲୀନ ହୋଇଯାଇଥିବ। କଂଗ୍ରେସ ମଧ୍ୟ ବିଜେଡି ସହ ସ୍ୱର ମିଳାଇଛି। ଅନ୍ୟପକ୍ଷରେ ଭାଜପା ବରିଷ୍ଠ ନେତା ତଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ମହାନଦୀ ସ୍ଥିତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାୟୀ। ମଧ୍ୟସ୍ଥତାକୁ ମନା କରି ନାଟକୀୟ ଢଙ୍ଗରେ ମାଠିଆ ବାଡ଼େଇ ରାଜନୀତି କଲେ। ତେବେ ଓଡ଼ିଶାର ସ୍ୱାର୍ଥ ପାଇଁ ଭାଜପା ସରକାର ସବୁ ପ୍ରକାର ପଦକ୍ଷେପ ନେବେ ବୋଲି ପୃଥ୍ୱୀରାଜ କହିଛନ୍ତି। ମହାନଦୀକୁ ମା' କହି ପର କରିଦେଇଥିଲେ ନବୀନ ସରକାର। ରମଣ ସିଂଙ୍କ ବୈଠକରୁ ଉଠି ଆସି ଟ୍ରିବ୍ୟୁନାଲ ଗଠନ ପାଇଁ ଅଡ଼ି ବସିଥିଲେ। ରାଜନୈତିକ ଲାଭ ଉଦ୍ଦେଶ୍ୟରେ ବିଜେଡି ଆନ୍ଦୋଳନ କଲା। ଟ୍ରିବ୍ୟୁନାଲକୁ ଗଲେ। ହେଲେ ୬ ବର୍ଷ ପରେ ବି ମାମଲା ଯେଉଁଠି ସେଇଠି। ୨୦୧୮ ମେ ୧୨ରେ ନବୀନ ସରକାର ତଳମୁଣ୍ଡରେ ୭ଟି ବ୍ୟାରେଜ କରିବାକୁ ଘୋଷଣା କରିଥିଲେ। ବ୍ୟାରେଜ ଦୂରର କଥା, ୨୪ ବର୍ଷଧରି କ୍ଷମତାରେ ଥିବାବେଳେ ଇଟା ଖଣ୍ଡେ ବି ପକେଇଲେ ନାହିଁ। ଏବେ ନୂଆ ସରକାର ମହାନଦୀ ଓ ରାଜ୍ୟର ସ୍ୱାର୍ଥ ପାଇଁ ଟ୍ରିବ୍ୟୁନାଲର ବଳିଷ୍ଠ ଯୁକ୍ତି ଉପସ୍ଥାପନ ସହ ଆପୋସ ଆଲୋଚନା ମାଧ୍ୟମରେ ଜଳ ବିବାଦର ସମାଧାନ ପାଇଁ ଅଣ୍ଟା ଭିଡ଼ିଛନ୍ତି। ନିକଟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଲୋଚନା କରିଛନ୍ତି।

## ଟ୍ରେନ୍‌ରେ କଟି ୨ ପାଚିକା ସହାୟିକାଙ୍କ ମୃତ୍ୟୁ

**ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ପାଚିକା ସହାୟିକା ସଂଘର ରାଲିରେ ଯୋଗ ଦେବାକୁ ଯାଉଥିବା ବେଳେ ଟ୍ରେନ୍‌ରୁ ପଡ଼ି ଦୁଇ ଜଣ ପାଚିକା ସହାୟିକାଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲ୍ଲା ସୁରଳ ରୋଡ୍ ରେଳ ଷ୍ଟେସନ ଆଜି ସକାଳେ ଘଟିଛି ଏହି ଘଟଣା। ମୃତ ପାଚିକା ସହାୟିକା ଦ୍ୱୟ ହେଉଛନ୍ତି ପାର୍ବତୀ ଗୌଡ଼ ଓ ଝୁନୁ ଗୌଡ଼। ସେମାନଙ୍କ ଘର ଚିକିଟି ବ୍ଲକ ପିତାତଳି ପଞ୍ଚାୟତ ଜଗନ୍ନାଥପୁର ଗାଁରେ। ସେମାନେ ଜଗନ୍ନାଥପୁର ସ୍କୁଲରେ ପାଚିକା ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ଭୁବନେଶ୍ୱର ଯିବା ପାଇଁ ସେମାନେ ଆଜି ସକାଳେ ପଲାସା-କଟକ ଡିଏମ୍‌ୟୁରେ ଚଢ଼ିଥିଲେ। ସୂଚନା ଅନୁଯାୟୀ, ସେମାନେ ତରତର ହୋଇ ଟ୍ରେନ୍‌ରେ ଚଢୁଥିବା ବେଳେ ପଡ଼ି ଯାଇଥିଲେ। ପ୍ରଥମେ ଜଣେ ପଡ଼ି ଯାଇଥିଲେ। ତାଙ୍କୁ ରକ୍ଷା କରିବାକୁ ଯାଇ ଅନ୍ୟ ଜଣେ ପଡ଼ି ଯାଇଥିଲେ। ଫଳରେ ଟ୍ରେନ୍‌ରେ କଟି ସେମାନଙ୍କର ସେହିଠାରେ ମୃତ୍ୟୁ ଘଟିଥିଲା। ଆରପିଏଫ୍ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ସହିତ ମାମଲା ରୁଜୁ କରି କେମିତି ଏଭଳି ଏକ ଘଟଣା ଘଟିଲା ତା'ର ତଦନ୍ତ କରୁଛି।

## ଆଇଏଏସ୍ ଅନିମେଶଙ୍କୁ ଓଡ଼ିଶା କ୍ୟାଡର



**ଭୁବନେଶ୍ୱର,୧୫।୧୨ (ସଂଚାର ବ୍ୟୁରୋ):** ଆଇଏଏସ ଅନିମେଶ ପ୍ରଧାନଙ୍କୁ ମିଳିଲା ଓଡ଼ିଶା କ୍ୟାଡର। ୨୦୨୩ ସିଭିଲ ସର୍ଭିସ ପରୀକ୍ଷାରେ ଦ୍ୱିତୀୟ ରାଙ୍କ ପାଇଥିଲେ ଅନିମେଶ। ଠିକ୍ ସେହିପରି ୨୪ ନଂ ରାଙ୍କରେ ଥିବା ପ୍ରଜ୍ଞାନନ୍ଦନ ଗିରିଙ୍କୁ ମଧ୍ୟ ଓଡ଼ିଶା କ୍ୟାଡର ମିଳିଛି। ୪୦୯ ନଂ ରାଙ୍କରେ ଥିବା ସନ୍ତୋଷ କୁମାର ପାତ୍ରଙ୍କୁ ଓଡ଼ିଶା କ୍ୟାଡର। ୩୬ ନଂ ରାଙ୍କରେ ଥିବା ଆୟୁଷୀ ପ୍ରଧାନଙ୍କୁ ଆସାମ-ମେଘାଳୟ କ୍ୟାଡର। ୫୪ ନଂ ରାଙ୍କରେ ଥିବା ହରିୟାଣାର କଶିସ୍ ବକ୍ସିଙ୍କୁ ଓଡ଼ିଶା କ୍ୟାଡର। ୬୮ ନଂ ରାଙ୍କରେ ଥିବା କେରଳର କସ୍ତୁରୀ ସାଁଙ୍କୁ ଓଡ଼ିଶା କ୍ୟାଡର। ୭୧ ନଂ ରାଙ୍କରେ ଥିବା କେରଳର ଫବି ରସିଦଙ୍କୁ ଓଡ଼ିଶା କ୍ୟାଡର। ୧୨୫ନଂ ରାଙ୍କରେ ଥିବା ରାଜସ୍ଥାନର ମୃଣାଳିକା ରାଠୋରଙ୍କୁ ଓଡ଼ିଶା କ୍ୟାଡର। ୨୦୪ ନଂ ରାଙ୍କରେ ଥିବା ଦିଲ୍ଲୀର ଶୁଭ୍ରା ପଣ୍ଡାଙ୍କୁ ଓଡ଼ିଶା କ୍ୟାଡର। ୨୩୯ନଂ ରାଙ୍କରେ ଥିବା ୟୁପିର ପୱନ କୁମାରଙ୍କୁ ଓଡ଼ିଶା କ୍ୟାଡର। ୨୫୮ ନଂ ରାଙ୍କର ମହାରାଷ୍ଟ୍ରର ବି.ଏସ୍ କଲ୍ୟାଣରାଓଙ୍କୁ ମିଳିଛି ଓଡ଼ିଶା କ୍ୟାଡର।

## ଡିଲ୍ ବେଳେ ୨ ବାଘ ଛାଲ ଜବତ, ଜଣେ ଗିରଫ

**ରାୟଗଡ଼ା,୧୫।୧୨:** ରାୟଗଡ଼ା ସହରରେ ଜଣେ ବ୍ୟକ୍ତି ୨ ବାଘ ଛାଲକୁ ବିକ୍ରି କରିବା ପାଇଁ ରବିବାର ଡିଲ୍ କରୁଥିବାବେଳେ ବନ ବିଭାଗର ଭିଜିଲାନ୍ସ ହାତରେ ଧରାପଡ଼ିଛି। ବନ ବିଭାଗ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ସହ ୨ଟି ବାଘଛାଲ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଶେଷଖାଲ ଥାନା ଅନ୍ତର୍ଗତ ଜେମାଦେଇପେଣ୍ଠ ସ୍ଥିତ ପ୍ରେମନଗରର ରେଡ୍ଡି କୌଶଲ୍ୟା। ରେଡ୍ଡି ଦୁଇଟି ବାଘ ଛାଲ ବିକ୍ରି କରିବା ପାଇଁ ପୁରୁଣା ଗେଟ୍ ଛକରେ ଏକ ବସ୍ତା ଧରି ଠିଆ ହୋଇଥିଲେ। ସେହି ସମୟରେ କଟକ ବନ ବିଭାଗ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲେ।

# ୧୧ହଜାରରୁ ଅଧିକ ଅଦାଲତ ଅବମାନନା ମାମଲା



**ଭୁବନେଶ୍ୱର, ୧୫।୧୨:** ଓଡ଼ିଶା ହାଇକୋର୍ଟରେ ଏବେ ୧୧ହଜାରରୁ ଅଧିକ ଅଦାଲତ ଅବମାନନା ମାମଲା ବିଚାରଧିନ ରହିଛି। ଏଥିରୁ ଅନେକରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ସଚିବ, ନିର୍ଦ୍ଦେଶକ, ଜିଲ୍ଲାପାଳ ଏବଂ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ବହୁ ପଦସ୍ଥ ଅଧିକାରୀ ବ୍ୟକ୍ତିଗତ ଭାବେ ପକ୍ଷଭୁକ୍ତ ହୋଇ ରହିଛନ୍ତି।

ବଢ଼ି ଚାଲୁଥିବା ଅଦାଲତ ଅବମାନନା ମାମଲା ପରିପ୍ରେକ୍ଷୀରେ ବରିଷ୍ଠ ସରକାରୀ ଅଧିକାରୀମାନଙ୍କୁ ବାରମ୍ବାର ବ୍ୟକ୍ତିଗତ ଭାବେ ଅଦାଲତରେ ହାଜର ହେବାକୁ ପଡୁଛି। କୁହାଯାଉଛି ଯେ ଆଇନ୍ ଅଦାଲତଙ୍କ ରାୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପାଳନ କରାଯାଉନଥିବାରୁ ଏଭଳି ସମସ୍ୟା ଉପୁଜୁଛି। ବଢ଼ି ଚାଲୁଥିବା ଅଦାଲତ ଅବମାନନା ମାମଲା ପରିପ୍ରେକ୍ଷୀରେ କିଛିଦିନ ତଳେ ଖୋଦ ମୁଖ୍ୟ ବିଚାରପତି ଅସନ୍ତୋଷ ବ୍ୟକ୍ତ କରିବା ସହ ଦାୟିତ୍ୱ ସମ୍ପନ୍ନ ସରକାରୀ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ନିର୍ଦ୍ଦିଷ୍ଟ ସୂଚନା ସହ କୋର୍ଟରେ ଉପସ୍ଥିତ ରହିବାଲାଗି ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷ ବର୍ଷ ଧରି ଅଦାଲତ ଅବମାନନାମାମଲା ହାଇକୋର୍ଟରେ ଗଡ଼ି ଚାଲୁଥିବାବେଳେ ଏଥିରେ ପତିପକ୍ଷ ଥିବା ସରକାରୀ ଅଧିକାରୀମାନେ କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ଦାଖଲ କରୁନଥିବା ଏବଂ ସଂଖ୍ୟାଧିକ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ନିୟୋଜିତ ଓକିଲମାନେ ସୂଚନା ନଥିବାରୁ ସମୟ ମାଗୁଥିବା ଯୋଗୁଁ ଅଯଥାରେ ଅଦାଲତ ଅବମାନନା ମାମଲା ଫଏସଲାରେ ବିଳମ୍ବ ହେଉଛି।

ଯେଉଁସବୁ ବ୍ୟାପାରରେ ଆଇନ୍ ଅଦାଲତଙ୍କ ନିର୍ଦ୍ଦେଶ ଅନୁପାଳନ କରିବା ସମ୍ଭବପର ନୁହେଁ ସେ କ୍ଷେତ୍ରରେ ନିର୍ଦ୍ଧାରିତ ସମୟସୀମା ଭିତରେ ସମ୍ପୃକ୍ତ ସରକାରୀ କର୍ତ୍ତୃପକ୍ଷ ଉଚ୍ଚ ଫୋରମରେ ରାୟ ବିରୁଦ୍ଧରେ ଅପିଲ ଆବେଦନ କରିବାପାଇଁ ଗତ ମଇ ମାସରେ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗର ସଚିବଙ୍କୁ ଚିଠି ଲେଖିଥିଲେ। ଏମିତିକି ଅଦାଲତ ଅବମାନନା ମାମଲାର ଗମ୍ଭୀରତାକୁ ଉପଲବ୍ଧି କରି ମୁଖ୍ୟ ଶାସନ ସଚିବ ମଧ୍ୟ ବାରମ୍ବାର ତାଗିଦ କରୁଛନ୍ତି। ଏହା ସତ୍ତ୍ୱେ ବି ଅଦାଲତ ଅବମାନନା ମାମଲା ସଂଖ୍ୟା କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି।

ବରିଷ୍ଠ ଆଇନ୍‌ଜୀବୀ ଓ ଅବସରପ୍ରାପ୍ତ ପ୍ରଶାସକମାନେ କହୁଛନ୍ତି ଯେ ଆଇନ୍ ଅଦାଲତଙ୍କ ନିର୍ଦ୍ଦେଶନାମାକୁ ଅନେକ କ୍ଷେତ୍ରରେ ବିଭିନ୍ନ ଦପ୍ତରରେ ଚପାଇ ରଖାଯାଉଛି। ଏମିତିକି ଅଦାଲତଙ୍କ ରାୟର ତର୍ଜମା କରିବା ପରିବର୍ତ୍ତେ ଏହାର ଆଂଶିକ କିମ୍ବା ତ୍ରୁଟିପୂର୍ଣ୍ଣ ଅନୁପାଳନ କରାଯିବା ଫଳରେ ଅଦାଲତ ଅବମାନନା ମାମଲା ବଢ଼ୁଛି। ଏହା ପ୍ରଶାସନକଳ ପାଇଁ ଆଦୌ ଶୁଭଙ୍କର ନୁହେଁ।

ଆଇନ୍ ଅଦାଲତଙ୍କ ରାୟର ତର୍ଜମା, ଅନୁପାଳନ ଏବଂ ଅଦାଲତ ଅବମାନନା ମାମଲାଗୁଡ଼ିକର ସ୍ଥିତି ସମୀକ୍ଷା ଲାଗି ସାଧାରଣ ପ୍ରଶାସନ କିମ୍ବା ଆଇନ୍ ବିଭାଗ ନିୟନ୍ତ୍ରଣରେ ଅଭିଜ୍ଞ ବ୍ୟକ୍ତିମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ସେଲ୍ ଗଠନ କରିବା ସହ ମାମଲାଗୁଡ଼ିକର ନିୟମିତ ସମୀକ୍ଷା କରାଯିବା ଉପରେ ବିଧି ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରୁଛନ୍ତି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯେଉଁ ଅଧିକାରୀମାନେ ଅଦାଲତଙ୍କ ନିର୍ଦ୍ଦେଶର ଅନୁପାଳନ କରୁନାହାନ୍ତି ସେମାନଙ୍କ ବିରୁଦ୍ଧରେ ରାଜ୍ୟ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ବ୍ୟବସ୍ଥାର ମର୍ଯ୍ୟାଦା ବଢ଼ିବା ସହ ମାମଲାର ଚାପ ହ୍ରାସ ପାଇବ ବୋଲି କୁହାଯାଉଛି। ତେବେ ଓଡ଼ିଶା ସରକାର ଖୁବ୍‌ଶୀଘ୍ର ଆଇନ୍ କମିଶନ ଗଠନ କରିବାକୁ ଯାଉଥିବାବେଳେ କମିଶନ ଏ ଦିଗରେ ଦୃଷ୍ଟି ଦେବେ ବୋଲି ଆଶା କରାଯାଉଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଲଞ୍ଚ ହେଲା ନୂଆ ହୋଣ୍ଡା ଅମେଜ୍

## ୬ ଏୟାରବ୍ୟାଗ୍ ସହ ରହିଛି ଦମଦାର୍ ପାୱାର

**ନୂଆଦିଲ୍ଲୀ ୧୫।୧୨:** ନିକଟରେ ଭାରତୀୟ ବଜାରରେ ନୂଆ ହୋଣ୍ଡା ଅମେଜ୍ ଲଞ୍ଚ କରାଯାଇଛି । ଏହି ଗାଡିକୁ ମାର୍କେଟରେ ଆରମ୍ଭ ମୂଲ୍ୟ ୮ ଲକ୍ଷ ଟଙ୍କା ସହିତ ଲଞ୍ଚ କରାଯାଇଛି । ଅମେଜ୍ ର ଏହି ନୂଆ ମଡେଲର ଲମ୍ବ ୩୯୯୫ ମିମି ଗ୍ରାଉଣ୍ଡ କ୍ଲିୟରାନ୍ସ ଦିଆଯାଇଛି । ହୋଣ୍ଡା ର ଏହି କାରକୁ ତିନୋଟି ଟ୍ରିମ୍ସ ରହିଛି ସେଗୁଡିକ ହେଉଛି- ଭି, ଭିଏକ୍ସ ଏବଂ ଜେଡ୍ଏକ୍ସ ରେ ଅଣାଯାଇଛି । ଏହି ଗାଡିରେ ୪୧୬ ଲିଟରର ବୁଟ-ସ୍ପେସ୍ ମଧ୍ୟ ରହିଛି ।




ନୂଆ ହୋଣ୍ଡା ଅମେଜ୍ ରେ ଇ୨୦ ସହିତ ୧.୨ ଲିଟର ପେଟ୍ରୋଲ ଏବଂ ୪-ସିଲିଣ୍ଡର ଇଞ୍ଜିନ୍ ରହିଛି । ଗାଡିରେ ଲଗାଯାଇଥିବା ଏହି ଇଞ୍ଜିନରେ ୯୦ ପିଏସ୍ ର ପାୱାର ମିଳିଥାଏ ଏବଂ ୧୧୦ ଏନ୍ଏମ୍ ର ଟର୍କ ଜେନେରେଟ୍ ହୋଇଥାଏ। ଏହି କାରରେ ଦୁଇଟି ଗିୟର ବକ୍ସର ଅପ୍ସନ ରହିଛି । ଏହି କାର୍ ୫-ସପିଡ୍ ମାନୁଆଲ୍ ଟ୍ରାନ୍ସମିସନ୍ ସହିତ ୧୮.୬୫ କେଏମ୍ପିଏଲ୍ ର ମାଇଲେଜ୍ ଦେଇଥାଏ । ଏହି କାରରେ ପ୍ୟାଡଲ୍ ସିଫ୍ଟର ସହିତ ସିଭିଟି ଅଟୋମେଟିକ୍ ଟ୍ରାନ୍ସମିସନର ଅପ୍ସନ ମଧ୍ୟ ଅଛି, ଯେଉଁ କାରଣରୁ ଏହି କାର୍ ୧୯.୪୬ କେଏମ୍ପିଏଲ୍ ର ମାଇଲେଜ୍ ଦେବାକୁ ଦାବି କରିଥାଏ । ହୋଣ୍ଡା ର ଏହି କାର୍ ଷ୍ଟାଇଲ୍ ବିଷୟରେ କହିବାକୁ ଗଲେ ଏଥିରେ କ୍ରୋମ୍ ସହିତ ଫ୍ଲାଗ୍ ପ୍ୟାଟର୍ ଗ୍ରିଲ୍ ରହିଛି । କାରର ଫ୍ରଣ୍ଟରେ ଡିଆର୍ଏଲ୍ଏସ୍ ଏବଂ ଟର୍ନ ଇଣ୍ଡିକେଟର୍ସ ସହିତ ଏଲ୍ଇଡି ପ୍ରୋଜେକ୍ଟର ହେଡଲ୍ୟାମ୍ପର ବ୍ୟବହାର କରାଯାଇଛି । ଗାଡିର ବ୍ୟାକରେ ଏଲ୍ଇଡି ଟେଲଲ୍ୟାମ୍ପ, ସାର୍କ ଫିନ୍ ଆଣ୍ଟେନା, ୧୫-ଇଞ୍ଚର ଡାୟମଣ୍ଡ କଟ ଆଲୋଏ ହୁଇଲ୍ ଏବଂ ପାୱାର ଆଡଜେଷ୍ଟେବଲ୍ ଓଆରଭିଏମ୍ଏସ୍ ଲଗାଯାଇଛି । ଏହି ଗାଡିର ଇଣ୍ଟେରିୟର ବିଜ୍ ଏବଂ ବ୍ଲାକ୍ ଟୁ-ଟୋନ୍ କଲର୍ କମ୍ବିନେସନ୍ ସହିତ ଅଣାଯାଇଛି । ଏହି କାରରେ ୮-ଇଞ୍ଚର ଟଚସ୍କ୍ରିନ୍, ୱାୟରଲେସ୍ ଆଣ୍ଡ୍ରଏଡ୍ ଅଟୋ ଏବଂ ଆପଲ୍ କାର୍ ପ୍ଲେ ସହିତ ୱାୟାରଲେସ୍ ଚାର୍ଜିଂର ଫିଚର ମଧ୍ୟ ଦିଆଯାଇଛି । ହୋଣ୍ଡା ର ଏହି କାରରେ ପ୍ୟାସଞ୍ଜର୍ସଙ୍କୁ ସପୋର୍ଟ କରିବା ପାଇଁ କେନ୍ନେକ୍ଟେଡ୍ କାର୍ ଟେକ୍ନୋଲୋଜି ସହିତ ଏଡିଏଏସ୍ର ଫିଚର ମଧ୍ୟ ରହିଛି । ଏଏହା ସହିତ ଇଲକ୍ଟ୍ରୋନିକ୍ ଷ୍ଟାବ୍ଲିଟି କଣ୍ଟ୍ରୋଲ୍ ସହିତ ୬ ଏୟାରବ୍ୟାଗ୍ ମଧ୍ୟ ଦିଆଯାଇଛି ।

# ମହଙ୍ଗା ହେବ ମ୍ୟାଗି !

**ନୂଆଦିଲ୍ଲୀ ୧୫।୧୨:** ମ୍ୟାଗିକୁ ଭାରତର ପ୍ରାୟ ପ୍ରତ୍ୟେକ ଘରେ ପସନ୍ଦ କରାଯାଏ। ମାତ୍ର ୨ ମିନିଟ୍ରେ ତିଆରି ହୋଇଯାଉଥିବା ଏହି ସୁସ୍ୱାଦୁ ଖାଦ୍ୟ ଏବେ ଆମ ଦେଶରେ ଲୋକଙ୍କ ଜୀବନଶୈଳୀର ଅଂଶ ପାଲଟି ଯାଇଛି, ଖାସ କରି ପିଲା ଓ ବ୍ୟାଚଲୋର ଲୋକଙ୍କ ପାଇଁ । ତେବେ ମ୍ୟାଗି ଏବେ ଆମ ଦେଶରେ ମହଙ୍ଗା ହୋଇପାରେ। ହେଲେ ଏହି ଲୋକପ୍ରିୟ ଖାଦ୍ୟ ମହଙ୍ଗା ହେବା ପଛରେ ଆମ ଦେଶ ନୁହେଁ ସ୍ୱିଜରଲ୍ୟାଣ୍ଡ ସରକାରଙ୍କ ଏକ ନିୟମ ଦାୟି।

ଆମ ଦେଶରେ ମ୍ୟାଗି ମହଙ୍ଗା ହେବା ପଛରେ ଭାରତ ଓ ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ୧୯୯୪ ମସିହାରେ ହୋଇଥିବା ଏକ ରାଜିନାମା ଦାୟି। ଏହି ରାଜିନାମାରେ ଡବଲ ଟ୍ୟାକ୍ସେସନ ଆଭଏଡାନ୍ସ ଏଗ୍ରୀମେଣ୍ଟ (ଡିଟିଏଏ) ହୋଇଥିଲା। ଏଥିରେ ମୋଷ୍ଟ ଫେଭର୍ଡ ନେସନ (ଏମଏଫଏନ) ସସ୍ପେନସନ ରହିଛି। ତେବେ ସ୍ୱିଜରଲ୍ୟାଣ୍ଡ ୧ ଜାନୁୟାରୀ ୨୦୨୫ରେ ଏହି କ୍ଲଜକୁ ସମାପ୍ତ କରିବାକୁ ନିଷ୍ପତ୍ତି ନେଇଛି। ୨୦୨୩ରେ ଭାରତର ସୁପ୍ରିମକୋର୍ଟଙ୍କ ଏକ ରାୟ ପରେ ସ୍ୱିଜରଲ୍ୟାଣ୍ଡ ଏପରି ପଦକ୍ଷେପ ନେବାକୁ ଯାଉଛି।

ସୁପ୍ରିମକୋର୍ଟ ଏମଏଫଏନ ନିୟମ ସ୍ୱୟଂ ଲାଗୁ ହୁଏ ନାହିଁ , ଏହାକୁ ଲାଗୁ କରିବା ପାଇଁ ଭାରତ ସରକାରଙ୍କ ଏକ ଅଧିସୂଚନାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏମଏଫଏନ କ୍ଲଜର ଉଦ୍ଦେଶ୍ୟ କୌଣସି ଦ୍ୱିପକ୍ଷୀୟ କର ବୁଝାମଣାରେ ସାମିଲ ଦେଶ ଜଣେ ଜଣକୁ ସମାନ ଲାଭ ପ୍ରଦାନ କରିବା ନିଶ୍ଚିତ କରିଥାଏ। ତେବେ ସ୍ୱିଜରଲ୍ୟାଣ୍ଡ ଅଭିଯୋଗ କରିଛି ଯେ ଭାରତ ଅନ୍ୟ ଦେଶ ଯେପରିକି ସ୍ଲୋଭେନିୟା, ଲିଥୁଆନିୟା ଓ କୋଲମ୍ବିୟା ସହିତ ଡିଟିଏଏରେ ଅଧିକ ଅନୁକୂଳ ଟ୍ୟାକ୍ସ ଲାଭ ପ୍ରଦାନ କରୁଛି ହେଲେ ସ୍ୱିସ୍ କମ୍ପାନୀଙ୍କୁ ଏହି ଲାଭ ମିଳୁ ନାହିଁ।

ଭାରତ ସରକାରଙ୍କ ଏପରି ପକ୍ଷପାତକୁ ନଜରରେ ରଖି ସ୍ୱିଜରଲ୍ୟାଣ୍ଡ ୨୦୨୫ରେ ଏହି କ୍ଲଜ୍ କୁ ସସ୍ପେଣ୍ଡ କରିବାକୁ ନିଷ୍ପତ୍ତି ନେଇଛି। ଯଦି ସ୍ୱିସ୍ ସରକାର ଏପରି କୌଣସି ନିଷ୍ପତ୍ତି ନିଅନ୍ତି ତେବେ ଏହାର ସବୁଠୁ ଅଧିକ ପ୍ରଭାବ ନେସ୍ଲେଙ୍କ ଭଳି ବଡ଼ କମ୍ପାନୀଙ୍କ ଉପରେ ପଡିବ,ଯାହାର ଭାରତୀୟ ବଜାରରେ ଏକ ବଡ଼ ଅଂଶିଦାରୀ ରହିଛି। ନିୟମ ଅନୁସାରେ ସ୍ୱିସ୍ କମ୍ପାନୀମାନଙ୍କୁ ଭାରତୀୟ ଆୟ ସ୍ରୋତରୁ ପ୍ରାପ୍ତ ଡିଭିଡେଣ୍ଟର ୧୦ ପ୍ରତିଶତ ଶୁଳ୍କ ଆକାରରେ ପୈଠ କରିବାକୁ ପଡିବ। ବର୍ତ୍ତମାନ ସେମାନେ ଏ ବାବଦକୁ ମାତ୍ର ୫ ପ୍ରତିଶତ ଦେଉଛନ୍ତି।



ସ୍ୱିଜରଲ୍ୟାଣ୍ଡ ସରକାରଙ୍କ ଏହି ନିଷ୍ପତ୍ତି ପରେ ଭାରତୀୟ ବଜାରରେ ନେସ୍ଲେ ଉତ୍ପାଦ ମ୍ୟାଗି, ଅନ୍ୟ ମିଲ୍କ ପ୍ରଡକ୍ଟ ଓ ଫୁଡ ଆଇଟମ ଦର ବଢ଼ିବାର ଆଶଙ୍କା କରାଯାଉଛି। ବର୍ଦ୍ଧିତ ଶୁଳ୍କ ଏହାର କାରଣ, ଯାହାର ସିଧା ପ୍ରଭାବ ବଜାରରେ ବିକ୍ରି ହେଉଥିବା ସାମାନ ଉପରେ ପଡିବ। ଏଥିରେ ଗ୍ରାହକମାନେ ସିଧାଶଳଖ ପ୍ରଭାବିତ ହେବେ। ସେମାନଙ୍କୁ ଉତ୍ପାଦ ନିମନ୍ତେ ଅଧିକ ପଇସା ଖର୍ଚ୍ଚ କରିବାକୁ ପଡିବ।

# ଅନଲାଇନ ସପିଂ କରୁଥିଲେ ସାବଧାନ

## ଅର୍ଡ଼ର କ୍ୟାନ୍ସଲ କଲେ ଗଣିବେ ତଣ୍ଡ




**ନୂଆଦିଲ୍ଲୀ,୧୫।୧୨:** ବର୍ତ୍ତମାନ ସମୟରେ ଅନଲାଇନ ସପିଂ କରିବାକୁ କିଏ ବା ପସନ୍ଦ ନ କରେ। ଘରେ ବସି ନିଜ ମନ ପସନ୍ଦ ମୁତାବକ ଜିନିଷକୁ ଘରେ ବସି କରୁଛନ୍ତି ଅର୍ଡ଼ର । ଆଉ ଅର୍ଡର କରିବାର ଖୁବ୍ କମ୍ ଦିନ ମଧ୍ୟରେ ଘରେ ପହଞ୍ଚିଯାଉଛି ଜିନିଷ। ସେହିପରି ଯଦି ଆମେ ଅର୍ଡ଼ର କରିଥିବା ଜିନିଷ କିଣିବାକୁ ଚାହୁଁନାହୁଁ, ତେବେ ଉକ୍ତ ଅର୍ଡରକୁ କ୍ୟାନ୍ସଲ ମଧ୍ୟ କରିବା ପାଇଁ ଅପସନ ରହିଥାଏ । କିନ୍ତୁ ଆଗକୁ ଅର୍ଡର କ୍ୟାନ୍ସଲ କରିବା ପଡ଼ିପାରେ ମହଙ୍ଗା। ରିପୋର୍ଟ ଅନୁସାରେ, ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମ ଫ୍ଲିପକାର୍ଟ ଓ ମିନ୍ତ୍ରା ଏଭଳି ଏକ ନୀତି ଆଣିବାକୁ କରୁଛି ଯୋଜନା । ଆଉ ଏହି ନୀତି ଆସିଲେ ଫ୍ଲିପକାର୍ଟର କ୍ୟାନ୍ସଲେସନ ପଲିସିରେ ପରିବର୍ତ୍ତନ ଆସିପାରେ। ଏଯାବତ କମ୍ପାନୀ ଅର୍ଡର କ୍ୟାନ୍ସଲେସନ ପାଇଁ କୌଣସି ଟଙ୍କା ନେଉନାହିଁ । କିନ୍ତୁ ନିକଟ ଭବିଷ୍ୟତରେ କମ୍ପାନୀ ଏପରି ପଲିସି ଆଣିପାରେ। ଯାହାଦ୍ୱାରା ଗ୍ରାହକ କୌଣସି ଅର୍ଡର କ୍ୟାନ୍ସେଲ କଲେ ତଣ୍ଡ ଗଣିବେ । ଅନେକ ସ୍ଥାନରେ ଏହା ମଧ୍ୟ କୁହାଯାଇଛି ଯେ ଫ୍ଲିପକାର୍ଟ ଏବଂ ମିନ୍ତ୍ରା କ୍ୟାନ୍ସେଲେସନ ଫି ୨୦ ଟଙ୍କା ଦେବାକୁ ପଡ଼ିବ। ସେହିପରି କିଛି ଦିନ ପୂର୍ବରୁ ଅର୍ଡର କ୍ୟାନ୍ସଲେସନ ଯୋଗୁଁ ବିରକ୍ତ ହୋଇ କମ୍ପାନି ପ୍ୟାକେଜିଂରେ ଏକ ପ୍ଲାଷ୍ଟିକ୍ ଟ୍ୟାଗ୍ ଲଗାଇବା ଆରମ୍ଭ କରିଛି । ଆଉ ଯଦି ସେହି ଟ୍ୟାଗ୍ ପ୍ୟାକେଜିଂରେ ନ ଥାଏ ତେବେ ପ୍ରଡ଼କ୍ଟଟି ଫେରସ୍ତଯୋଗ୍ୟ ନୁହେଁ । ତେବେ ବର୍ତ୍ତମାନ ଫ୍ଲିପକାର୍ଟ ଏହି ପଲିସି ନେଇ କିଛି ସ୍ପଷ୍ଟ କରିନି । କିନ୍ତୁ ରିପୋର୍ଟରେ କୁହାଯାଇଛି ଯେ, ବିକ୍ରେତା ଓ ଡ଼େଲିଭରୀ ପାର୍ଟନର୍ସ ଏହି ନିଷ୍ପତ୍ତି ଦ୍ୱାରା ଉପକୃତ ହେବେ। ତେଣୁ କମ୍ପାନୀ ଏହା କରିବାକୁ ଯାଉଛି।

# ୬ପ୍ରତିଶତ ମହଙ୍ଗା ହେଲା ଅଶୋଧିତ ତୈଳ




**ନୂଆଦିଲ୍ଲୀ,୧୫।୧୨:** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ବର୍ତ୍ତମାନ ବାହ୍ୟ ଜଗତ ଉପରେ ପଡ଼ିବା ଆରମ୍ଭ କରିଛି। ଏହାଦ୍ୱାରା ଭାରତ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ରୁଷ ଏବଂ ଇରାନ ଉପରେ ୟୁଏଇର ପ୍ରତିବନ୍ଧକ ଯୋଗୁ ଅଶୋଧିତ ତୈଳର ଯୋଗାଣରେ ବାଧା ସୃଷ୍ଟି ହୋଇଛି। ଏହି କାରଣରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଅଭାବ ଦେଖାଦେଇଛି। ଏହାଯୋଗୁ ଗତ ପାଞ୍ଚ ଦିନ ମଧ୍ୟରେ ଅଶୋଧିତ ତେଲର ଦର ୬ ପ୍ରତିଶତ ବୃଦ୍ଧି ପାଇଛି। ଯାହା ଗତ ତିନି ସପ୍ତାହ ମଧ୍ୟରେ ସର୍ବୋଚ୍ଚସ୍ତର ଅଟେ। ଯଦି ସମାନ ପରିସ୍ଥିତି ଜାରି ରହେ ଏବଂ ଅଶୋଧିତ ତୈଳର ଦର ଅନ୍ତର୍ଜାତୀୟ ବଜାରରେ ନ କମେ, ତେବେ ପେଟ୍ରୋଲ ଏବଂ ଡିଜେଲ ମଧ୍ୟ ଭାରତରେ ମହଙ୍ଗା ହୋଇପାରେ। ଏହି କାରଣରୁ ସାଧାରଣ ଲୋକଙ୍କୁ ମଧ୍ୟ ମୁଦ୍ରାସ୍ଫୀତିର ସାମ୍ନା କରିବାକୁ ପଡିପାରେ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି। ଗୋଟିଏ ପଟେ ଅଶୋଧିତ ତୈଳ ଯୋଗାଣ ହ୍ରାସ ଏବଂ ଅନ୍ୟ ପଟେ ଆମେରିକାର ସୁଧ ହାର ହ୍ରାସ ଯୋଗୁ ଅଶୋଧିତ ତୈଳ କ୍ରୟ ଦର ବୃଦ୍ଧି ପାଇଛି। ଫଳରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି। ବିଶ୍ୱ ଫେଡେରାଲ୍ ରିଜର୍ଭ ଦ୍ୱାରା ଅଶୋଧିତ ତୈଳର ଚାହିଦା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏହି କାରଣରୁ, ବ୍ରେଣ୍ଟ ୧.୦୮ ଡଲାର ତଥା ୧.୫ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପିଛା ୭୪.୪୯ ଡଲାରରେ ପହଞ୍ଚିଛି। ଆମେରିକାର ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ(ଡବ୍ଲୁଟିଆଇ) ଅଶୋଧିତ ମୂଲ୍ୟ ୧.୨୭ ଡଲାର ତଥା ୧.୮ ପ୍ରତିଶତ ବୃଦ୍ଧି ହୋଇ ୭୧.୨୯ ଡଲାରରେ ପହଞ୍ଚିଛି। ଗତ ତିନି ସପ୍ତାହ ମଧ୍ୟରେ ଅଶୋଧିତ ତେଲର ଏହା ସର୍ବାଧିକ ସ୍ତର ରହିଛି। ଏଥି ସହିତ, ଡବ୍ଲୁଟିଆଇ ସୋମବାରରୁ ଶୁକ୍ରବାର ଅର୍ଥାତ୍ ପାଞ୍ଚ ଦିନ ମଧ୍ୟରେ ଅଶୋଧିତ ତୈଳରେ ୬ ପ୍ରତିଶତ ବୃଦ୍ଧି ପଞ୍ଜିକରଣ କରିଛି। ନଭେମ୍ବର ୭ଠାରୁ ଏହା ଗତ ଶୁକ୍ରବାର ଦିନ ସର୍ବୋଚ୍ଚସ୍ତରରେ ବନ୍ଦ ହୋଇଯାଇଥିଲା। ଭାରତୀୟ ବଜାରରେ ମଲ୍ଟି କମୋଡିଟି ଏକ୍ସଚେଞ୍ଜ(ଏମସିଏକ୍ସ) ଉପରେ ଅଶୋଧିତ ତୈଳ ଦର ୧.୧ ପ୍ରତିଶତ ବୃଦ୍ଧି ହୋଇ ବ୍ୟାରେଲ ପିଛା ୬,୦୪୪ ଟଙ୍କା ବନ୍ଦ ହୋଇଛି।

# ରାଜଧାନୀରେ'ଲଣ୍ଡନ ବେରୀ' ଆଉଟଲେଟ



**ଭୁବନେଶ୍ୱର,୧୫।୧୨:(ସଂଚାର ବ୍ୟୁରୋ)** ଦେଶର ଗାର୍ମେଣ୍ଟ ସେକଟର ଅଗ୍ରଣୀ ତଥା ନାଁ କରା ବ୍ରାଣ୍ଡ ହେଉଛି "ଲଣ୍ଡନ ବେରୀ । ଭୁବନେଶ୍ୱର ସ୍ଥିତ ନ୍ୟୁ ଜାଗମରା ରୋଡରେ ଆଜି 'ଲଣ୍ଡନ ବେରୀ' ର ଭୁବନେଶ୍ୱରରେ ପ୍ରଥମ ଆଉଟଲେଟ ଉଦଘାଟିତ ହୋଇଯାଇଛି। ହକି ଇଣ୍ଡିଆର ସଭାପତି ତଥା ଭାରତୀୟ ହକି ଟିମର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ମୁଖ୍ୟଅତିଥି ଏବଂ ସୁମାରିଅଲ ମିଡ଼ିଆ, ପ୍ରମେୟ ଓ ନ୍ୟୁଜ-୭ ଗ୍ରୁପର ସିଇଓ ସୁନିଲ କୁମାର ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଆଉଟଲେଟକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଫ୍ରାଞ୍ଚାଇଜ ପାର୍ଟନର ଲିନା ବେଉରା ଏବଂ କମ୍ପାନୀ ପ୍ରତିନିଧି କମ୍ପାନୀ ଯାଜପୁର ଫ୍ରାଞ୍ଚାଇଜ ପାର୍ଟନର ଶ୍ରଦ୍ଧାନନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀ ପକ୍ଷରୁ ବର୍ତ୍ତମାନ ବିଭିନ୍ନ ଅଫର ସହିତ ଶୀତବସ୍ତ୍ର ଓ ଟି-ସାର୍ଟ ଉପରେ ୭୦ ପ୍ରତିଶତ ରିହାତି ରହିଛି ବୋଲି ଫ୍ରାଞ୍ଚାଇଜ ପାର୍ଟନର ଓନର ଲିନା ବେଉରା କହିଛନ୍ତି। ୨୦୧୬ ମସିହାରେ 'ଲଣ୍ଡନ ବେରୀ' ବ୍ରାଣ୍ଡ ସହିତ ଜନ୍ମ ନେଇଥିବା ଶ୍ରୀ ବାଙ୍କେ ବିହାରୀ କ୍ଲଦିଂ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଦେଶର ବିଭିନ୍ନ ଅଞ୍ଚଳରେ ଖୋଲିଥିବା ନିଜର ୧୭୦ ଟି ଏକ୍ସକ୍ଲୁସିଭ ବ୍ରାଣ୍ଡ ଆଉଟଲେଟ୍ ଓ ୧୦୦ ଟି ମଲ୍ଟି ବ୍ରାଣ୍ଡ ଆଉଟଲେଟ୍ ଜରିଆରେ ଗ୍ରାହକ ମାନଙ୍କୁ ଉଚ୍ଚମାନର ଏବଂ ଆରାମଦାୟକ ଓ ଷ୍ଟାଇଲିଶ ପରିଧାନ ସୁଲଭ ମୂଲ୍ୟରେ ଯୋଗାଇ ଆସୁଛି । 'ଲଣ୍ଡନ ବେରୀ' ଗ୍ରାହକଙ୍କୁ ଏଭଳି ଏକ ପରିଧାନ ଦେବାକୁ ଲକ୍ଷ୍ୟ ରଖେ ଯାହା କେବଳ ଦେଖିବାକୁ ସୁନ୍ଦର ନୁହେଁ; ବରଂ ଯାହା ସେମାନଙ୍କୁ ଆତ୍ମବିଶ୍ୱାସ ଦିଏ । ସବୁ ବର୍ଗର ଓ ସବୁ ପସନ୍ଦର ଗରାଖଙ୍କ ପାଇଁ ତାଙ୍କ ମନଲାଖି ବସ୍ତ୍ର ଯୋଗାଇ ଭାରତରେ ଫ୍ୟାସନର ଏକ ନୂଆ ପରିଭାଷା ତିଆରି କରିବା ସହ ଆଗାମୀ ଦିନରେ ଓଡ଼ିଶାର ସବୁ ଜିଲ୍ଲାରେ ଅଧିକ ଆଉଟଲେଟ ଖୋଲିବା ଲକ୍ଷ୍ୟ ବୋଲି କମ୍ପାନୀ ପ୍ରତିନିଧି ଯାଜପୁର ଫ୍ରାଞ୍ଚାଇଜ ପାର୍ଟନର ଶ୍ରଦ୍ଧାନନ୍ଦ ତ୍ରିପାଠୀ କହିଛନ୍ତି।

# ଆଧାର କାର୍ଡ଼ଧାରୀଙ୍କ ପାଇଁ ବଡ଼ ଖବର




**ନୂଆଦିଲ୍ଲୀ,୧୫।୧୨:** ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ ପୁଣିଥରେ ଆଧାରକୁ ଅପଡେଟ୍ କରିବାର ସମୟ ସୀମାକୁ ୬ମାସ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଆଧାରକୁ ମାଗଣାରେ ଅପଡେଟ୍ କରିବାର ଶେଷ ସମୟ ୧୪ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଥିଲା। ବର୍ତ୍ତମାନ ଏହାକୁ ୧୫ଜୁନ୍ ୨୦୨୫କୁ ବୃଦ୍ଧି କରାଯାଇଛି। ସରକାର ଏହି ସମୟସୀମାକୁ ଅନେକ ଥର ବୃଦ୍ଧି କରିସାରିଛନ୍ତି। ଏହା ପୂର୍ବରୁ ତିନି ମାସ ପାଇଁ ବୃଦ୍ଧି କରାଯାଇଥିଲାବେଳେ ଏଥର ସମୟସୀମା ୬ ମାସକୁ ବୃଦ୍ଧି କରାଯାଇଛି। ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ ଫେସବୁକରେ ଏକ ପୋଷ୍ଟ ମାଧ୍ୟମରେ ଏହି ସୂଚନା ଦେଇଛି । ଆଧାର କେନ୍ଦ୍ରଗୁଡ଼ିକରେ ଅଫଲାଇନ୍ ଅପଡେଟ୍ ପାଇଁ ଦେୟ ଆଦାୟ କରାଯାଇଥାଏ। କିନ୍ତୁ ମାଇ ଆଧାର ପୋର୍ଟାଲରେ ମାଗଣାରେ ଆଧାର ଅପଡେଟ୍ କରିବାର ସୁବିଧା ଉପଲବ୍ଧ ରହିଛି। ଏହାର ଅର୍ଥ ହେଉଛି ଯଦି ଆପଣ ଆଧାର କେନ୍ଦ୍ରକୁ ଯାଇ କୌଣସି ସୂଚନା ଅପଡେଟ୍ କରିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଏଥିପାଇଁ ଦେୟ ଦେବାକୁ ପଡିବ। ଆଧାର ଅପଡେଟ୍ ପାଇଁ ଆପଣଙ୍କୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ୍ ଦରକାର ପଡ଼ିବ। ପ୍ରଥମଟି ହେଉଛି ପରିଚୟ ପତ୍ର ଏବଂ ଦ୍ୱିତୀୟ ଠିକଣା ପ୍ରମାଣପତ୍ର। ବର୍ତ୍ତମାନ ସମୟରେ ଆଧାର ଏକ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟରେ ପରିଣତ ହୋଇଛି, ଯାହା ସରକାରୀ ଯୋଜନା, ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ଟ୍ରେନ୍ ଏବଂ ଫ୍ଲାଇଟ୍ ଟିକେଟ୍ ବୁକିଂ ଭଳି ଅନେକ କାର୍ଯ୍ୟରେ ବ୍ୟବହୃତ ହେଉଛି।

# ଜେଏସ୍ଡବ୍ଲୁକୁ ଭୂଷଣ ସମ୍ପତ୍ତି: ଇଡିକୁ ସୁପ୍ରିମ୍କୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୫।୧୨:** ଭୂଷଣ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ବିଏସ୍ପିଏଲ୍)ର ୪୦୨୫ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସୁପ୍ରିମକୋର୍ଟଙ୍କୁ ହସ୍ତାନ୍ତର କରାଯାଇଛି। ଭୂଷଣ ଷ୍ଟିଲ୍ ଆଣ୍ଡ୍ ପାୱାର ଓ ଏହାର ପ୍ରତିଷ୍ଠାତାଙ୍କ ବିରୋଧରେ ଆସିଥିବା ଋଣ ଠକେଇ ମାମଲାର ତଦନ୍ତ ବେଳେ ଇଡି ଏହି ସମ୍ପତ୍ତିଗୁଡ଼ିକୁ ଜବତ କରିଥିଲା। ଜଷ୍ଟିସ୍ ବେଲା ତ୍ରିବେଦୀ ମାମଲାର ଶୁଣାଣି କରି ଜେଏସ୍ଡବ୍ଲୁ ଷ୍ଟିଲ୍କୁ ସମ୍ପତ୍ତି ହସ୍ତାନ୍ତର କରିବାକୁ ଇଡିକୁ କହିଛନ୍ତି। ୨୦୧୯ରେ ମନି ଲଣ୍ଡରିଂ ନିରୋଧୀ ନିୟମ ଅଧୀନରେ ଭୂଷଣ ଷ୍ଟିଲ୍ ଆଣ୍ଡ ପାୱାର ସମ୍ପତ୍ତି ଜବତ କରାଯାଇଥିଲା। ଏହି କମ୍ପାନିକୁ ଜେଏସ୍ଡବ୍ଲୁ ଷ୍ଟିଲ୍ କିଣିବାର ଚାରି ବର୍ଷ ପରେ ସମ୍ପତ୍ତିଗୁଡ଼ିକୁ ଫେରାଇବା ଲାଗି ଇଡି ନିଷ୍ପତ୍ତି ନେଇଛି। ୨୦୨୦ରେ ଏହି ମାମଲାରେ ନ୍ୟାସନାଲ୍ କମ୍ପାନି ଲ' ଆପିଲିଟ ଟ୍ରିବ୍ୟୁନାଲ (ଏନ୍ସିଏଲ୍ଏଟି) ରାୟ ଦେଇଥିଲେ ଯେ ଏକ କମ୍ପାନିର ପୁରୁଣା ପ୍ରତିଷ୍ଠାତାଙ୍କ ଅପକର୍ମ ଲାଗି ତାହାକୁ ଇନ୍ସଲ୍ଭେନ୍ସି ପ୍ରକ୍ରିୟାରେ ହାସଲ କରିଥିବା ସଂସ୍ଥାକୁ ଦାୟୀ କରାଯାଇପାରିବନାହିଁ।



ଏନ୍ସିଏଲ୍ଏଟିର ସେହି ରାୟ ଉପରେ ରୋକ ଲଗାଇବା ଲାଗି ୨୦୨୦ରେ ସୁପ୍ରିମକୋର୍ଟରେ ଇଡି ଆବେଦନ କରିଥିଲା। ଇଡି ଅଭିଯୋଗ କରିଥିଲା ଯେ ରୋହ୍ନେ କୋଲ୍ କମ୍ପାନିରେ ଉଭୟ ଭୂଷଣ ଷ୍ଟିଲ୍ ଆଣ୍ଡ୍ ପାୱାର ଓ ଜେଏସ୍ଡବ୍ଲୁ ଷ୍ଟିଲ୍ର ଯଥାକ୍ରମେ ୨୪.୦୯ ପ୍ରତିଶତ ଓ ୪୯ ପ୍ରତିଶତ ଅଂଶଧନ ରହିଛି। ତେଣୁ ଜେଏସ୍ଡବ୍ଲୁକୁ ଏହି ମାମଲାରେ ଏକ ସମ୍ପର୍କ ଥିବା ପକ୍ଷ କୁହାଯାଇପାରିବ। ତେଣୁ ଆଇବିସି ନିୟମର ଧାରା ୩୨ଏରେ ଥିବା ସୁରକ୍ଷା କମ୍ପାନି ଲାଗି ଉପଲବ୍ଧ ହେବ ନାହିଁ। ଭୂଷଣ ଷ୍ଟିଲ୍ ଆଣ୍ଡ୍ ପାୱାରକୁ କିଣିବା ବେଳେ ଜେଏସ୍ଡବ୍ଲୁ ଷ୍ଟିଲ୍ ଆର୍ଥିକ ସଂସ୍ଥାଗୁଡ଼ିକୁ ୧୯୩୫୦ କୋଟି ଟଙ୍କା ଦେବାକୁ ପ୍ରସ୍ତାବ ଦେଇଥିଲା। ଯାହା ସେମାନେ ପାଇବାକୁ ଥିବା ଅର୍ଥରାଶିର ମାତ୍ର ୪୦ ପ୍ରତିଶତ ଥିଲା। ପରିଚାଳନା ଲାଗି ଋଣ ଦେଇଥିବା ସଂସ୍ଥାଗୁଡ଼ିକ ୭୩୩ କୋଟି ଟଙ୍କା ପାଇବାର ଥିବା ବେଳେ ତାଙ୍କୁ ୩୫୦ କୋଟି ଟଙ୍କା ଦେବାକୁ ଜେଏସ୍ଡବ୍ଲୁ ପ୍ରସ୍ତାବ ଦେଇଥିଲା।

# ବ୍ୟାଡ଼ମିଣ୍ଟନ୍ ଏଚ୍ପିସିର ରକ୍ଷଣାବେକ୍ଷଣ କରିବ 'ଡାଲମିଆ ଭାରତ'

**ଭୁବନେଶ୍ୱର୧୫।୧୨(ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ସ୍ଥାପିତ ବିଶ୍ୱର ଅନନ୍ୟ ଆକୃତିର ଅତ୍ୟାଧୁନିକ ଆବାସିକ ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷଣ କେନ୍ଦ୍ର ବା ହାଇ ପର୍ଫରମାନ୍ସ ସେଣ୍ଟରର ନିର୍ମାଣ କାର୍ଯ୍ୟ ଡାଲମିଆ ଭାରତ ଲିମିଟେଡ୍ କମ୍ପାନି ଦ୍ୱାରା କରାଯାଇଛି। ଏଥିପାଇଁ କମ୍ପାନି ପ୍ରାୟ ୭୫ କୋଟି ଟଙ୍କା ବ୍ୟୟ କରିଛି। ଏଥିସହ ଏହି କେନ୍ଦ୍ର ଆତ୍ମନିର୍ଭରଶୀଳ ହେବା ଯାଏ ୫ ବର୍ଷ ପାଇଁ କମ୍ପାନି ଏହାର ରକ୍ଷଣାବେକ୍ଷଣ ମଧ୍ୟ କରିବ। ଓଡ଼ିଶାରେ ଏଭଳି କେନ୍ଦ୍ର ସ୍ଥାପନ କରି କମ୍ପାନି ଏକ ଭିନ୍ନ ଅନୁଭୂତି ଲାଭ କରିଛି। ଓଡ଼ିଶାରେ ଡାଲମିଆ ସିମେଣ୍ଟ ୧୯୪୯ ଅକ୍ଟୋବରରେ ଏହାର ଯାତ୍ରା ରାଜଗାଙ୍ଗପୁର କାରଖାନାରୁ ଆରମ୍ଭ କରିଥିଲା। ଓଡ଼ିଶାରେ ୭୫ ବର୍ଷର ବ୍ୟବସାୟିକ ଯାତ୍ରା ପରିପ୍ରେକ୍ଷୀରେ ସଂଯୋଗ ଭାବେ କମ୍ପାନି ୭୫ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱରରେ ବ୍ୟାଡମିଣ୍ଟନ ହାଇ ପର୍ଫର୍ମାନ୍ସ ସେଣ୍ଟର୍ ନିର୍ମାଣ ଆମ ପାଇଁ ଅନେକ ଖୁସି ଆଣିଛି ବୋଲି ଡାଲମିଆ ଭାରତ ଲିମିଟେଡ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ପରିଚାଳନା ନିର୍ଦ୍ଦେଶକ ପୁନୀତ ଡାଲମିଆ ସାମ୍ବାଦିକମାନଙ୍କ ସହ ଆଲୋଚନା ସମୟରେ କହିଛନ୍ତି। ଡାଲମିଆ ସିମେଣ୍ଟ କେବଳ ଖୁସିର ଘର ନିର୍ମାଣ କରୁନାହିଁ। ଓଡ଼ିଶା ଏବଂ ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଯଥା ବନ୍ଦର, ବିମାନବନ୍ଦର, ସଡ଼କ, ରେଳଧାରଣା, ପୋଲ ଏବଂ ଶିଳ୍ପ ପ୍ରତିଷ୍ଠାନ ନିର୍ମାଣ କରୁଛି। ଭୁବନେଶ୍ୱରଠାରେ କର୍କ ଆକୃତିର ବ୍ୟାଡମିଣ୍ଟନ ଏଚ୍ପିସି ନିର୍ମାଣରେ କମ୍ କାର୍ବନଯୁକ୍ତ ସିମେଣ୍ଟ୍ ବ୍ୟବହାର ହୋଇଛି। ଏଥିସହିତ ଏଲ୍ଇଡି ଆଲୋକ ଏବଂ ବର୍ଷା ଜଳ ଅମଳ ବ୍ୟବସ୍ଥା ମଧ୍ୟ ଏଠାରେ ରହିଛି। ପରିବେଶକୁ ଦୃଷ୍ଟିରେ ରଖି ଏସବୁ କରାଯାଇଛି ବୋଲି ସେ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ନିର୍ମାଣ ସହିତ ଲୋକଙ୍କ ପାଇଁ ଖୁସିର ଘର ଏବଂ ଅନେକ ସାମାଜିକ ଭିତ୍ତିଭୂମି ବି କମ୍ପାନି ପ୍ରତିଷ୍ଠା କରୁଛି। ସାମାଜିକ ଭିତ୍ତିଭୂମି ଭାବେ କମ୍ପାନି ଲୋକଙ୍କ ଦକ୍ଷତା ବିକାଶ ପାଇଁ ଦୀକ୍ଷା (ଡାଲମିଆ ଇନ୍ଷ୍ଟିଚ୍ୟୁଟ୍ ଫର୍ ନଲେଜ୍ ଆଣ୍ଡ୍ ସ୍କିଲ୍ ହାର୍ନେସିଂ) ଓ ଆଇଟିଆଇ ପ୍ରତିଷ୍ଠା, ଚିକିତ୍ସା ସେବା ପାଇଁ ରାଉରକେଲାରେ ଏଲ୍ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ସ୍ଥାପନ ଏବଂ ଲୋକଙ୍କ ଆର୍ଥିକ ଉନ୍ନତି ପାଇଁ ଗ୍ରାମ ପରିବର୍ତ୍ତନ ଭଳି କାର୍ଯ୍ୟକ୍ରମ ଚଳାଇଛି। ଡାଲମିଆ ଭାରତ ଲିମିଟେଡ ଆସନ୍ତା ୨୦୩୦ ସୁଦ୍ଧା ସଂପୂର୍ଣ୍ଣ ଭାବେ ଅକ୍ଷୟ ଶକ୍ତିରେ ଚାଲିବ। ବର୍ତ୍ତମାନ କମ୍ପାନି ୩୫ ପ୍ରତିଶତ ଅକ୍ଷୟ ଶକ୍ତିରେ ଚାଲିଛି। ଆସନ୍ତା କିଛିବର୍ଷ ମଧ୍ୟରେ ଅକ୍ଷୟ ଶକ୍ତି ବ୍ୟବହାର ମାତ୍ରା ୬୫ ପ୍ରତିଶତରେ ଏବଂ ୨୦୩୦ ମସିହା ସୁଦ୍ଧା ୧୦୦ ପ୍ରତିଶତରେ ପହଞ୍ଚିବ ବୋଲି ଶ୍ରୀ ଡାଲମିଆ କହିଛନ୍ତି। କେବଳ ସେତିକି ନୁହେଁ କମ୍ପାନି ଜୀବାଶ୍ମ ଇନ୍ଧନ ବ୍ୟବହାର ହ୍ରାସ କରିଛି। ବର୍ଜ୍ୟବସ୍ତୁର ଉପଯୋଗ ମଧ୍ୟ କରୁଛି। ବିଶ୍ୱରେ ସିମେଣ୍ଟ୍ ଶିଳ୍ପର ମୁଣ୍ଡପିଛା ଅଙ୍ଗାରକାମ୍ଳ ନିର୍ଗମନ ତୁଳନାରେ ଭାରତୀୟ ସିମେଣ୍ଟ ଶିଳ୍ପର ଅଙ୍ଗାରକାମ୍ଳ ନିର୍ଗମନ ୧୫ ପ୍ରତିଶତ କମ୍।



# ଷ୍ଟେଟ ବ୍ୟାଙ୍କର ବଦଳିବନି ସର୍ବନିମ୍ନ ଋଣ ସୁଧହାର

**ନୂଆଦିଲ୍ଲୀ,୧୫।୧୨:** ଦେଶର ସର୍ବବୃହତ ବ୍ୟାଙ୍କ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ନିଜର ୧୫ ଡିସେମ୍ବରରୁ ୧୫ ଜାନୁଆରି ସମୟ ପାଇଁ ନିଜର ମାର୍ଜିନାଲ୍ କଷ୍ଟ ଅଫ୍ ଲେଣ୍ଡିଂ ରେଟ୍ (ଏମସିଏଲ୍ଆର୍) ଘୋଷଣା କରିଛି। ଏମସିଏଲଆର ହେଉଛି ଗୋଟିଏ ବ୍ୟାଙ୍କର ସର୍ବନିମ୍ନ ଋଣ ସୁଧହାର । ବ୍ୟାଙ୍କର ଘୋଷଣା ଅନୁସାରେ ଏହି ସମୟ ପାଇଁ ଏମସିଏଲଆରରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ଏହି ଘୋଷଣା ଦ୍ୱାରା କୋଟି କୋଟି ଗ୍ରାହକ ବିଶେଷ କରି ଗୃହ ଋଣ, କାର୍ ଋଣ କିମ୍ବା ଅନ୍ୟାନ୍ୟ ପ୍ରକାର ଋଣ ନେବାକୁ ଯୋଜନା କରୁଥିବା ଗ୍ରାହକଙ୍କୁ ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି। କାରଣ ସୁଧହାର ବୃଦ୍ଧି କରାଯାଇନଥିବାରୁ ଇଏମଆଇ ଅପରିବର୍ତ୍ତିତ ରହିବ ।



ଅନ୍ୟପକ୍ଷରେ ଷ୍ଟେଟ ବ୍ୟାଙ୍କର ବେସ ରେଟ୍ ୧୦.୪ ପ୍ରତିଶତରେ ଅପରିବର୍ତ୍ତିତ ରହିଛି। ସେହିପରି ବିପିଏଲଆର (ବେଞ୍ଚମାର୍କ ପ୍ରାଇମ ଲେଣ୍ଡିଂ ରେଟ୍) ୧୫.୧୫ ପ୍ରତିଶତ ରହିଛି । ଏସବିଆଇ ମଧ୍ୟ ଏହାର ଫିକ୍ସଡ ଡିପୋଜିଟ୍ (ଏଫଡି) ହାର ଘୋଷଣା କରିଛି। ଏଥିରେ ବରିଷ୍ଠ ନାଗରିକଙ୍କ ପାଇଁ ଅତିରିକ୍ତ ଲାଭ ପ୍ରଦାନ କରାଯାଇଛି ।

### ସୁଧୁରୁନି ଟଙ୍କପାଣି ସାଇମନ୍ଦିର ରାସ୍ତା ଅବ୍ୟବସ୍ଥା

# ଧୂଳି ଧୂଆଁରେ ଅସ୍ତବ୍ୟସ୍ତ ଲୋକେ



### ସରକାର ବଦଳୁଛି ହେଲେ ସ୍ଥାୟୀ ସମାଧାନ ହୋଇପାରୁନାହିଁ

**ବାଲିପାଟଣା,୧୫।୧୨ (ସଂଚାର ବ୍ୟୁରୋ) :** ରାଜଧାନୀ ଓ ଏହାର ଉପକଣ୍ଠ ସୌନ୍ଦର୍ଯ୍ୟକରଣ ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବିଶେଷ କରି ସାଧାରଣ ଜନତାଙ୍କ ଗମନାଗମନ ରାସ୍ତାଘାଟ ଉନ୍ନତିକରଣ ଲାଗି ଯୋଜନା କରାଯାଉଛି। ହେଲେ ରାଜଧାନୀ ଭୁବନେଶ୍ୱର ଛାତି ଭିତରେ ଥିବା ଟଙ୍କପାଣି ସାଇମନ୍ଦିର ସମ୍ମୁଖ ରାସ୍ତା ସୁଧୁରିବାର ନାଁ ଧରୁନି।

ଗତ ବର୍ଷା ସମୟରେ ଜଳ ନିଷ୍କାସନ ନ ହେବାରୁ ଏହି ରାସ୍ତାରେ ଆଣ୍ଠୁଏ ପାଣି ଲହଡି ମାରୁଥିଲା। ଫଳରେ ଲୋକଙ୍କ ଗାଡ଼ିମଟର ଯିବାଆସିବା କରିବା ଏକ ପ୍ରକାର ଠପ ହୋଇଯାଇଥିଲା। କାହାର ଗାଡି ଇଞ୍ଜିନରେ ପାଣି ପଶିଯାଇ ଷ୍ଟାର୍ଟ ହେଉନଥିଲା ତ କିଏ ଆଣ୍ଠୁଏ ପାଣିରେ ରାସ୍ତା ନ ଜାଣିପାରି ଦୁର୍ଘଟଣାର ଶିକାର ହୋଇଥିଲେ। ଲୋକଙ୍କ ଏହି ସମସ୍ୟା ଦେଖି ପୂର୍ତ୍ତ ବିଭାଗ ଏଥିରେ ମେଣ୍ଟାଲ ପକାଇ ରାସ୍ତା ଉଚ୍ଚା କରିବା ସହ କ୍ରସର ଡଷ୍ଟ ପକାଇଥିଲା। ଫଳରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ମାତ୍ର ବିଭାଗ ଏହାର କୌଣସି ସ୍ଥାୟୀ ସମାଧାନ ନ କରି ରାସ୍ତା ସେମିତି ଛାଡିଦେଇଛି।

ଅପରପକ୍ଷରେ ପୂର୍ତ୍ତବିଭାଗ ଡିଭିଜନ-୧ ଅଧୀନରେ ଥିବା ଏହି ରାସ୍ତା ୪ ଥାକିଆ ହେବ। ଏଥିସହ ଜଳ ନିଷ୍କାସନ ନିମନ୍ତେ ରାସ୍ତାର ଉଭୟ ପାର୍ଶ୍ୱରେ ନଳା ନିର୍ମାଣ କରାଯିବ। ଭୁବନେଶ୍ୱର-ପୁରୀ ବାଇପାସ ରାସ୍ତା ସାଇମନ୍ଦିର ଠାରୁ ଟଙ୍କପାଣି ସେତୁ ପର୍ଯ୍ୟନ୍ତ ଏହି ରାସ୍ତା କାମ ହେବ। ଏଥିପାଇଁ ବିଭାଗ ପ୍ରାୟ ୧୫ କୋଟି ଖର୍ଚ୍ଚ କରିବ। ଏହାରି ଭିତରେ ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ମାତ୍ର ବିଭାଗ କେବଳ ଜବରଦଖଲ ଉଚ୍ଛେଦ କରି ବସିପଡିଛି। ଅନ୍ୟପଟେ ଏହି ରାସ୍ତା ନିର୍ମାଣରେ ବିଳମ୍ବ ହେବାରୁ ପୂର୍ବରୁ ସାଇମନ୍ଦିର ସମ୍ମୁଖରେ ପଡ଼ିଥିବା କ୍ରସର ଡଷ୍ଟ ଏବେ ମାତ୍ରାରେ ଧୂଳି ଉଡୁଛି ଯେ ସେହି ରାସ୍ତାଦେଇ ଯାତାୟାତ କରିବା ମୁସ୍କିଲ ହୋଇ ପଡୁଛି। ଧୂଳି ଧୂଆଁରେ ଅସ୍ତବ୍ୟସ୍ତ ହେଉଛନ୍ତି ସାଧାରଣ ଜନତା। ଏହି ରାସ୍ତା ଉପରେ ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ସେମାନଙ୍କୁ ପ୍ରତ୍ୟେକ ଦିନ ତାଙ୍କ ଜୀବନକୁ ବାଜିରେ ଲଗାଇବାକୁ ପଡୁଛି। ଯାହାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସୂଚନାଯୋଗ୍ୟ ଯେ ଏହି ରାସ୍ତାଟି ସିଧାସଳଖ ରାଜଧାନୀକୁ ସଂଯୋଗ କରୁଥିବା ଏହା ଉପରେ କେବଳ ସ୍ଥାନୀୟ ଲୋକ ନୁହନ୍ତି ବରଂ ବାଲିପାଟଣା, ନିଆଳି, ନିମାପଡ଼ା ଆଦି ଅଂଚଳରୁ ଭୁବନେଶ୍ୱର ଯାଉଥିବା ପ୍ରାୟ ଅଧିକାଂଶ ଲୋକ ଏହି ରାସ୍ତାଦେଇ ଟଙ୍କପାଣି/ସାଇମନ୍ଦିର ଯୋଗେ ରାଜଧାନୀକୁ ଯାଆନ୍ତି। ମାସ ମାସ ଧରି ଏପରି ଅବସ୍ଥାରେ ରାସ୍ତାଟି ଅଛି। ସ୍ଥାନୀୟ ସାଂସଦ, ବିଧାୟକଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ମଧ୍ୟ ଏହି ରାସ୍ତା ଦେଇ ଯିବା ଆସିବା କରୁଥିଲେ ସୁଦ୍ଧା କାହାର ନଜର ପଡୁନଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପାଖାପାଖି ୩୦ହଜାରରୁ ଉର୍ଦ୍ଧ ଲୋକ ଦୈନିକ ଏହି ରାସ୍ତା ଉପରେ ନିର୍ଭରଶୀଳ। ହଜାର ହଜାର ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ରାସ୍ତା କାମ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଯାତ୍ରା ତୋରଣ ଭୁଷୁଡି ଶତାଧିକ ଆହତ

**ସାଲେପୁର,୧୫।୧୨ (ସଂଚାର ବ୍ୟୁରୋ) :** ସାଲେପୁର ବ୍ଲକ ଅନ୍ତର୍ଗତ ରାଇସୁଂଗୁଡା ଅଂଚଳର ଶନି ପଡିଆ ଠାରେ ଗତ ଶନିବାର ଦିନ ରାତି ପ୍ରାୟ ୧୧ଟା ସମୟରେ ଯାତ୍ରା ପାଟି ରାଜାରାଣୀ ଅପେରାର ଯାତ୍ରା ଆରମ୍ଭ ପୂର୍ବରୁ ପ୍ରବେଶ ଦ୍ୱାର ନିକଟରେ ଅସ୍ୱାଭାବିକ ଭାବରେ ଭିଡ ଜମିବାରୁ ଉକ୍ତ ଲୁହା ତୋରଣଟି ଭାଙ୍ଗିପଡିଥିଲା ଯାହାଫଳରେ ଅନେକ ଯାତ୍ରା ପ୍ରେମୀ ଆହତ ହୋଇଥିବାରୁ ସେମାନଙ୍କୁ ନିକଟସ୍ଥ ଘରୋଇ ମେଡିକାଲ ସହ କିଛି ଲୋକଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏବଂ ଆଉକିଛି ଲୋକଙ୍କୁ କଟକ ବଡ ମେଡିକାଲ ମଧ୍ୟ ପଠାଯାଇଛି। ସୂଚନା ଥାଉକି ମାଟି ଓଦା ଏବଂ ଅସ୍ୱାଭାବିକ ଭାବରେ ଭିଡଯୋଗୁ ତୋରଣଟି ଦବିଯିବାରୁ ଭାଂଗି ପଡ଼ିଥିଲା। ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କରି ଗ୍ରାମାଞ୍ଚଳ ଏସପି ପ୍ରତୀକ ସିଂ ଯାତ୍ରାପାର୍ଟି ମ୍ୟାନେଜରଙ୍କୁ ଅଟକ ରଖି ନିଜଆଡୁ ମାମଲା ରୁଜୁ କରିଛନ୍ତି । ୩୦ ଆହତଙ୍କ ମଧ୍ୟରୁ ୬ ଗୁରୁତର କଟକ ବଡ଼ ମେଡିକାଲ ସ୍ଥାନାନ୍ତର ହୋଇଛନ୍ତି।



## ମୋ ବସ୍-ବାଇକ୍ ଧକ୍କା, ୨ଯୁବକ ଗୁରୁତର

**ଟାଙ୍ଗୀ-ଚୌଦ୍ୱାର,୧୫।୧୨ (ସଂଚାର ବ୍ୟୁରୋ) :** ଚୌଦ୍ୱାରସ୍ଥିତ ଚାରବାଟିଆ ବିରାଟ ବଜାର ନିକଟରେ ରବିବାର ସଂଧ୍ୟାରେ ଏକ ବାଇକ୍ ସହିତ ମୋ ବସ୍ ଧକ୍କା ହେବା ଫଳରେ ବାଇକ୍‌ରେ ଯାଉଥିବା ଦୁଇଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ମାନେ ହେଲେ ବ୍ରହ୍ମପୁର ପଞ୍ଚାୟତ ଅନ୍ତର୍ଗତ ବେଲଦା ଗ୍ରାମର ଦୀପକ ନାୟକ(ଦୀପୁ) ଏବଂ ନଖରା ପଞ୍ଚାୟତ ଅଲାରପୁର ଗ୍ରାମର କିଶୋର ଜେଠୀ। ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କ ସୁତ୍ରରୁ ପ୍ରକାଶଯେ ଓଡି ୩୩ୟୁ ୬୫୨୫ ନମ୍ବରଯୁକ୍ତ ୮୦ ନମ୍ବର ରୁଟର ମୋ ବସ୍‌ଟି କଟକରୁ ଆସି ଏହାର ଅନ୍ତିମ ଷ୍ଟପେଜ୍ ଚାରବାଟିଆ ବଜାରକୁ ପ୍ରବେଶ କରୁଥିବାବେଳେ ସମ୍ମୁଖ ପଟୁ ଆସୁଥିବା ଓଡ଼ି ୦୫ ଏକେ ୧୭୨୪ ନମ୍ବରଯୁକ୍ତ ବାଇକ୍‌ଟି ହଠାତ୍ ବସ୍ ଦେହରେ ଘସିହୋଇ ଯାଇଥିଲା। ଫଳରେ ବାଇକ୍‌ରେ ଥିବା ଦୀପୁ ଓ କିଶୋର ବାଇକ୍‌ରୁ ଖସି ବସ୍ ତଳେ ପଡ଼ି ଯାଇଥିଲେ। ବସ୍‌ର ପଛଚକ ସେମାନଙ୍କ ଉପରେ ଚଢ଼ି ଯିବାରୁ ଦୀପୁର ଡାହାଣ ଗୋଡ଼ ଭାଙ୍ଗି ଯିବା ସହିତ ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗି ସେ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାରେ କିଶୋରଙ୍କର ଦୁଇଗୋଡ଼ ମଧ୍ୟ ଭାଙ୍ଗି ଯାଇଛି। ଖବର ପାଇ ଚୌଦ୍ୱାର ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଡକାଇ ଆହତଦ୍ୱୟଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ସଂଧ୍ୟା ସମୟରେ ବଜାର ନିକଟରେ ଦୁର୍ଘଟଣା ଘଟିଥିବାରୁ ଘଟଣାସ୍ଥଳରେ ବହୁ ଲୋକ ରୁଣ୍ଡ ହୋଇ ଯିବାରୁ ଲୋକ ମାନଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ପୋଲିସ୍ ଲୋକ ମାନଙ୍କୁ ବୁଝାଶୁଝା କରିବା ସହିତ ବସ୍‌କୁ ଉତ୍ୟକ୍ତ ଲୋକଙ୍କ ଆକ୍ରମଣରୁ ରକ୍ଷାକରି ଥାନାକୁ ଆଣିଛନ୍ତି। ତେବେ ଦୁର୍ଘଟଣାର ଏକ ଘଣ୍ଟା ପରେବି ଆମ୍ବୁଲାନ୍ସ ଆସିବାରେ ବିଳମ୍ବ କରିବାରୁ ସ୍ଥାନୀୟ ଲୋକେ ଏବଂ ଆହତଙ୍କ ପରିବାର ଲୋକେ ଉତ୍ତେଜିତ ହୋଇ ପାଟିତୁଣ୍ଡ କରୁଥିବା ଦେଖିବାକୁ ମିଳିଥିଲା।



## ନିଆଁ ଲାଗି ୩ ଏକରରୁ ଉର୍ଦ୍ଧ୍ୱ ଧାନ ଫସଲ ପାଉଁଶ

**ଗୋପ,୧୫।୧୨ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଗୋପ ବ୍ଲକ ବଣିଆ ସାହି ଗ୍ରାମର ସଦାଶିବ ପ୍ରଧାନ ପିତା ନକୁଳ ପ୍ରଧାନଙ୍କ ୧୪ ତାରିଖ ଶନିବାର ଦିନ ୩ ଏକରରୁ ଉର୍ଦ୍ଧ୍ୱ ପାଚିଲା ଧାନ ଫସଲ ହୋଇଥିବା ବିଲରେ ଅଚାନକ ନିଆଁ ଲାଗି ପାଉଁଶ ହୋଇଯାଇଛି। ଘଟଣାରୁ ପ୍ରକାଶ ଯେ ସଦାଶିବ ପ୍ରଧାନ ବିଲ ପାଖରେ ଜଣେ ବ୍ୟକ୍ତି ତାର ବିଲରେ ପଡିଥିବା ନଡ଼ା ଅଳିଆକୁ ନିଆଁ ଲଗାଇ ଥିବା ବେଳେ ହଠାତ ନିଆଁ ପବନ ଯୋଗେ ଉଡି ଶ୍ରୀ ପ୍ରଧାନଙ୍କ ଧାନ ଫସଲ ବିଲରେ ଲାଗି ଯାଇଥିଲା । ଯାହା ଫଳରେ ଆଖି ପିଛୁଳାକେ ନିଆଁ ସାରା ବିଲରେ ମାଡିଯାଇ ଧାନ ଫସଲ ପୋଡି ପାଉଁଶ ହୋଇଯାଇଥିଲା ବୋଲି ଶ୍ରୀ ପ୍ରଧାନ କହିଥିଲେ । ଗୋପ ଅଗ୍ନିଶମ ବିଭାଗ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ପାଣି ପକାଇ ନିଆକୁ ଲିଭାଇବା ବେଳକୁ ସମ୍ପୂର୍ଣ୍ଣ ଫସଲ ଜଳି ଯାଇଥିଲା । ଏହି ନିଆଁ ଲାଗିଥିବା ଖବର ପାଇଁ ରାମଚଣ୍ଡୀ ଥାନା ପୋଲିସ ପହଞ୍ଚି ଘଟଣାକୁ ଦେଖି ତଦନ୍ତ କରିଥିଲେ । ଏହି ଧାନ ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅଞ୍ଚଳବାସୀ କହିଥିଲେ। ଚାଷୀ ଶ୍ରୀ ପ୍ରଧାନକୁ କ୍ଷତିପୂରଣ ପ୍ରଦାନ କରାଗଲେ ନିରୀହ ଚାଷୀ ଉପକୃତ ହୁଅନ୍ତା ବୋଲି ଗ୍ରାମବାସୀମାନେ କହିଥିଲେ।



## କେବେ କାର୍ଯ୍ୟକାରୀ ହେବ ପିଏମ୍ ବିଶ୍ୱକର୍ମା ଯୋଜନା ?

**ଖପ୍ରାଖୋଲ,୧୫।୧୨ (ସଂଚାର ବ୍ୟୁରୋ) :** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ଅନ୍ତର୍ଗତ ମହୁରୁଣ୍ଡି ଗ୍ରାମର ମଦନ ମୁଣ୍ଡା ଆଜକୁ ତିନି ମାସ ହେଲା ପିଏମ୍ ବିଶ୍ୱକର୍ମା ଯୋଜନା ରେ ଅନ୍ତର୍ଭୁକ୍ତ ହେବା ପାଇଁ ଅନଲାଇନ ଆବେଦନ କରିଛନ୍ତି ହେଲେ ଆଜି ପର୍ଯ୍ୟନ୍ତ ଯୋଜନାରେ ସାମିଲ କରାଯାଇ ନାହିଁ ଯାଫଳରେ ହିତାଧିକାରୀ ଅଭିଯୋଗ ଆଣିଛନ୍ତି । ଏହି କଥାକୁ ନେଇ "ସଂଚାର" ପତ୍ରିକାରେ ଖବର ପ୍ରକାଶିତ ହୋଇଥିଲା । ଏହି ଖବର ବିଷୟରେ ସରକାରଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଆକର୍ଷଣ କରିବା ପାଇଁ ସମାଜ ସେବୀ ରୁପେନ୍ଦ୍ର ମୁଣ୍ଡା କେନ୍ଦ୍ର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉଚ୍ଚ ପଦସ୍ଥ ଅଧିକାରୀ, ମନ୍ତ୍ରୀ ସଚିବ ଜିଲାପାଳଙ୍କୁ ଟୁଇଟ କରି ଅନୁରୋଧ କରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହାଦ୍ୱାରା ସରକାରଙ୍କ ପ୍ରଚଳିତ ପିଏମ୍ ବିଶ୍ୱକର୍ମା ଯୋଜନା କାର୍ଯ୍ୟକାରୀତା ଉପରେ ପ୍ରଶ୍ନବାଚି ସୃଷ୍ଟି କରୁଛି । ତେଣୁକରି ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ହିତାଧିକାରୀ ମଦନ ମୁଣ୍ଡାଙ୍କୁ ପିଏମ୍ ବିଶ୍ୱକର୍ମା ଯୋଜନାରେ ସାମିଲ କରି ଯୋଜନାରେ ଯାହା ସୁବିଧା ସୁଯୋଗ ଅଛି ଯୋଗାଇ ଦେବାକୁ ଦାବି ହେଉଛି ।

ଏ ବିଷୟରେ ଖପ୍ରାଖୋଲ ବିଡିଓଙ୍କୁ ପଚାରିଲେ କୁହନ୍ତି ଯିଏ ଏହି ବିଭାଗର ଅଧିକାରୀ ସେ ଜାଣିବେ ଏହା ଉପରେ ମୁଁ କିଛି କହିପାରିବି ନାହିଁ । ଜିପିଡିଓଙ୍କୁ ପଚାରିଲେ କହୁଛନ୍ତି ଏହି କଥା ଉପରେ ସ୍ଥାନୀୟ ସରପଞ୍ଚ ଜାଣିବେ ହେଲେ ସରପଞ୍ଚଙ୍କ କାର୍ଯ୍ୟାଳୟ କେଉଁଠି ତାଙ୍କୁ ଦେଖା କେଉଁଠି ହେବ ଜଣାପଡୁନାହିଁ । ଜଣାଯାଏ ଏବେ ସରକାର ବଢ଼େଇ ଓ କାଠ ମିସ୍ତ୍ରୀ ମାନଙ୍କୁ ଟ୍ରେନିଂ ଦେବାର ଯୋଜନା ରଖୁଛନ୍ତି। ଅନ୍ୟ ପଞ୍ଚାୟତ ମାନଙ୍କରେ ସରପଞ୍ଚ ମାନେ ପଦକ୍ଷେପ ନେଉଛନ୍ତି ହେଲେ ଖପ୍ରାଖୋଲ ପଞ୍ଚାୟତର କଥା କିଛି ଜଣା ପଡୁନାହିଁ। ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ରହିଯିବା ଭଳି ମନେ ହେଉଛି ।

# ଜିଲ୍ଲା ମହୋତ୍ସବକୁ ନେଇ କୁନ୍ତୁକୁନ୍ତୁ ପ୍ରଶାସନ

### ଖୋଲାମଞ୍ଚରେ ବସିବେ ଅତିଥି ଓ ଦର୍ଶକ, ପ୍ରଶାସନ ମଧ୍ୟରେ ଟଣାଓଟରା

**ନୟାଗଡ଼,୧୫।୧୨ (ସଂଚାର ବ୍ୟୁରୋ) :** ଡିସେମ୍ବର ୨୪ରୁ ଆରମ୍ଭ ହେବାକୁ ଯାଉଛି ଜିଲ୍ଲା ମହୋତ୍ସବ। ଏହି ମହୋତ୍ସବରେ ସାମିଲ ହୋଇଛି ପଲ୍ଲିଶ୍ରୀ ମେଳା, କୃଷି ମେଳା ଓ ପୁସ୍ତକ ମହୋତ୍ସବ। ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବ ଡିସେମ୍ବର ୨୮ରେ ଉଦଯାପିତ ହେବ। ସେଥିପାଇଁ ପ୍ରସ୍ତୁତି ମଧ୍ୟ ସରିଛି। କିନ୍ତୁ ଜିଲ୍ଲା ମହୋତ୍ସବରେ ଯେଉଁ ପ୍ରସ୍ତୁତି ହେବା କଥା ସେହି ଭଳି ହେଉନଥିବା ଦେଖିବାକୁ ମିଳିଛି। ଏମିତିକି ଜିଲ୍ଲା ମହୋତ୍ସବ ପାଇଁ ଜିଲ୍ଲା ପ୍ରଶାସନ ପ୍ରଶାସନ ମଧ୍ୟରେ କେଉଁଠି ନା କେଉଁଠି ଆନ୍ତରିକ ଅଭାବ ଦେଖାଦେଇଥିବା ଅନୁଭବ ହେଉଛି।

ଜିଲ୍ଲା ମହୋତ୍ସବ ନୟାଗଡ଼ ଖେଳ ପଡ଼ିଆରୁ ନୟାଗଡ଼ ଷ୍ଟାଡିଅମକୁ ସ୍ଥାନାନ୍ତରିତ ହେବା ପର ଠାରୁ ବଡ଼ ଆକାରରେ ହେଇ ଆସୁଥିଲା। ସେଥିପାଇଁ ଷ୍ଟଲ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବା ସହ ଜିଲ୍ଲା ମହୋତ୍ସବର କଳେବର ମଧ୍ୟ ବୃଦ୍ଧି ପାଇଥିଲା। ଜିଲ୍ଲା ମହୋତ୍ସବକୁ ପ୍ରତ୍ୟେକ ଦିନ ହଜାର ହଜାର ଜନସାଧାରଣଙ୍କ ସମାଗମ ହୋଇଥାନ୍ତି। ଏବଂ ସଂନ୍ଧ୍ୟାରେ ବିଭିନ୍ନ ଲୋକକଳା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବା ପାଇଁ ରାତି ସାଢେ ଦଶଟା ପର୍ଯ୍ୟନ୍ତ ହଜାର ହଜାର ଜନସାଧାରଣ ଜର୍ମାନ ହାଙ୍ଗର ତଳେ ବସି ମଜା ନେଇଥାନ୍ତି। ଜିଲ୍ଲା ମହୋତ୍ସବକୁ ଜର୍ମାନ ହାଙ୍ଗର ଓ ମହୋତ୍ସବ ଷ୍ଟେଜ ଜନସାଧାରଣଙ୍କୁ ଆକୃଷ୍ଟ କରିଆସିଛି। ସେଥିପାଇଁ ନୟାଗଡ଼ ଜିଲ୍ଲା ସହ ପଡୋଶୀ ଜିଲ୍ଲାର ଜନସାଧାରଣ ମଧ୍ୟ ନୟାଗଡ଼ ମହୋତ୍ସବ ଦେଖି ଉଚ୍ଚ ପ୍ରଶଂସା କରିଛନ୍ତି।

କିନ୍ତୁ ଚଳିତ ବର୍ଷ ଯାହା କିଛି ପ୍ରସ୍ତୁତ ହୋଇଥିବା ଖବର ଅଛି, ବର୍ତ୍ତମାନ ଠାରୁ ଜନସାଧାରଣ ଜିଲ୍ଲା ମହୋତ୍ସବ ଠାରୁ ମନ ଫେରାଇବା ଭଳି ଅନୁଭବ ହେଉଛି। ପ୍ରଶାସନର ଆନ୍ତରିକତା ଏବଂ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ଚଳିତ ବର୍ଷ ଖୋଲା ମଞ୍ଚ ସାଙ୍ଗକୁ ଖୋଲା ପେଣ୍ଡାଲରେ ଶୀତ କାକରରେ ଜନସାଧାରଣ ବସି ଭାଷଣ ଶୁଣିବେ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାର ବ୍ୟବସ୍ଥା କରାଯାଇଛି ବୋଲି ବିଶେଷ ସୂତ୍ରରୁ ଖବର ମିଳିଛି। ଏମିତି ଜିଲ୍ଲା ପ୍ରଶାସନ କେବଳ ଅତିଥି ନିମନ୍ତ୍ରଣରେ ଲାଗିଥିବା ବେଳେ ଜିଲ୍ଲା ମହୋତ୍ସବ କେମିତି ଭଲ ହୋଇପାରିବ ସେ ଉପରୁ ପର୍ଦା ହଟେଇ ଦେଇଥିବା ଅନୁମେୟ ହେଉଛି। ତେବେ ଶୀତ କାକର ଦୃଷ୍ଟିରେ ରଖି ଜନସାଧାରଣଙ୍କ ପାଇଁ ଉପଯୁକ୍ତ ପଦକ୍ଷେପ ନନେଲେ ଅତିଥି ଗଣ୍ଡା ଗଣ୍ଡା ଥିବା ବେଳେ ମଞ୍ଚ ତଳ ଚେୟାର ଖାଲି ପଡ଼ିବ ବୋଲି ଅନୁମାନ କରାଯାଉଛି। ତେଣୁ ଜିଲ୍ଲା ପ୍ରଶାସନ ମହୋତ୍ସବ ପୂର୍ବରୁ ଏଥି ପ୍ରତି ଗୁରୁତ୍ୱ ଦେଇ ଜନସାଧାରଣଙ୍କ ହିତ ଓ ବ୍ୟବସାୟୀଙ୍କ ହିତ ସାଧନ ଉପରେ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

ଏନେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କୁ ପଚାରିବାରେ, ଜର୍ମାନ ହାଙ୍ଗର ଲାଗିବା ପାଇଁ ଶନିବାର ଦିନ ସ୍ଥିର କରାଯାଇଛି। ଏହାପୂର୍ବରୁ ବ୍ୟବସ୍ଥା କରାଯାଇନଥିଲା କିନ୍ତୁ ଷ୍ଟାଡିଅମକୁ ଲାଗି ପାହାଡ଼ ଥିବାରୁ ଶୀତ କାକରରେ ବସିବା ଅସମ୍ଭବ। ତେଣୁ ନୟାଗଡ଼ ବିଧାୟକଙ୍କ ହସ୍ତକ୍ଷେପ ପରେ ଶନିବାର ଦିନ ଜିଲ୍ଲା ମହୋତ୍ସବରେ ଜର୍ମାନ ହାଙ୍ଗର ଲାଗିବା ପାଇଁ ସ୍ଥିର କରାଯାଇଛି ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି।

### ବିର୍ସାମୁଣ୍ଡା ନକଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

## ରେଲୱେକୁ ୨-୦ ଗୋଲରେ ହରାଇ କଳିଙ୍ଗ ଚମ୍ପିଅନ

**ଯୋଡା,୧୫।୧୨ (ସଂଚାର ବ୍ୟୁରୋ) :** କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ଅଧୀନ ୧୨ ନମ୍ବର ୱାର୍ଡ ଖୁଣ୍ଟପାଣି ଗ୍ରାମର ଖେଳପଡିଆ ଠାରେ ବୀର ବିର୍ସାମୁଣ୍ଡା ଯୁବକ ସଂଘ ଆନୁକୂଲ୍ୟରେ ତିନିଦିନ ଧରି ନକଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି । ଉକ୍ତ ଟୁର୍ଣ୍ଣାମେଣ୍ଟରେ ଝାଡଖଣ୍ଡ ସମେତ ଓଡିଶା ରାଜ୍ୟର ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ । ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ପିଙ୍ଗୁଆ ବ୍ରଦର୍ସ ଓ ରେଲୱେ ଷ୍ଟେସନ ଯୋଡା ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଥିଲା । ପେନଲଟି ସଟରେ ପିଙ୍ଗୁଆ ଦଳକୁ ପରାସ୍ତ କରି ରେଲୱେ ଫାଇନାଲକୁ ଉତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ସେମିଫାଇନଲ ଆକାଶ ସ୍ପୋର୍ଟିଂ ଓ କଳିଙ୍ଗ ଲଜିଷ୍ଟିକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମଧ୍ୟ ପେନଲଟି ସଟରେ ଆକାଶ ସ୍ପୋର୍ଟିଂକୁ ହରାଇ କଳିଙ୍ଗ ଲଜିଷ୍ଟିକ ଫାଇନାଲ ମ୍ୟାଚକୁ ପ୍ରବେଶ କରିଥିଲେ । ରବିବାର ଫାଇନାଲ ମ୍ୟାଚ ରେଲୱେ ଷ୍ଟେସନ ଯୋଡା ଓ କଳିଙ୍ଗ ଲଜିଷ୍ଟିକ ମଧ୍ୟରେ ରୋମାଞ୍ଚକ ମ୍ୟାଚ ଦେଖିବାକୁ ମିଳିଥିଲା। କଳିଙ୍ଗ ଲଜିଷ୍ଟିକ ୨-୦ ଗୋଲରେ ରେଲୱେ ଟିମକୁ ପରାସ୍ତ କରି ଚମ୍ପିଅନ ଆଖ୍ୟା ଅର୍ଜନ କରିଥିଲା । ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଟାଟାଷ୍ଟିଲ ଯୋଡା ଇଷ୍ଟ ମାଇନ୍ସ ହେଡ ବ୍ରଜ ବିନୋଦ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ବୈତରଣୀ ଆଇରନ ମାଇନ୍ସର ସଚ୍ଚିଦାନନ୍ଦ ପରିଡା,ଯୋଡା ଟ୍ରକ ମାଲିକ ସଂଘ ସମ୍ପାଦକ ସୁଶାନ୍ତ କୁମାର ବାରିକ,୧୨ ନମ୍ବର ୱାର୍ଡ କାଉନସିଲର ଲିଲିମଣୀ ମୁଣ୍ଡା,ବରିଷ୍ଠ ନାଗରିକ ଅଚନ ମୁଣ୍ଡା,ଯୋଡା ମାଇନିଂ ଏରିଆ ଟ୍ରକ ମାଲିକ ସଭାପତି ଚତୁର୍ଭୁଜ ପଲେଇ,ଟିଏସଏଫ ଅଧିକାରୀ ପ୍ରମୋଦ କୁମାର ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ । ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ବ୍ରଜ ବିନୋଦ ଚମ୍ପିଅନ ଆଖ୍ୟା ଅର୍ଜନ କରିଥିବା କଳିଙ୍ଗ ଟିମକୁ ନଗଦ ୭୫,୦୦୦ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସ ଅପ ରେଲୱେ ଦଳକୁ ନଗଦ ୫୫,୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ସେହିପରି ତୃତୀୟ ଆକାଶ ସ୍ପୋର୍ଟିଂ ଦଳକୁ ନଗଦ ୪୫ ହଜାର ଟଙ୍କା ସହ ଟ୍ରଫି ଓ ଚତୁର୍ଥ ଦଳକୁ ନଗଦ ୩୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଗ୍ରାମୀଣ କ୍ରୀଡାକୁ ବିକାଶ ଓ ପ୍ରୋତ୍ସାହନ ଦେବା ନିତ୍ୟାନ୍ତ ଆବଶ୍ୟକ ବୋଲି ଅତିଥି ସମୂହ ମତବ୍ୟକ୍ତ କରିଥିଲେ ।



## ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ବଖରା ଘର, ବେସାହାରା ପରିବାର

**ବୈଶିଙ୍ଗା,୧୫।୧୨ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ଯୁଗଳ ଉପକଣ୍ଠ ଗୋବିନ୍ଦପୁର ଗ୍ରାମରେ ରବିବାର ସକାଳ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ବିଶିଷ୍ଟ ଘର ଜଳି ପୋଡ଼ି ଛାରଖାର ହୋଇଯାଇଥିବା ବେଳେ ପୁରା ପରିବାର ବାସହରା ହୋଇପଡ଼ିଛନ୍ତି । ମିଳିଥିବା ସୂଚନା ମୁତାବକ ଗୋବିନ୍ଦପୁର ଗ୍ରାମର ସୁବର୍ଣ୍ଣ ଦେହୁରୀଙ୍କ ଘରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା । ସଙ୍ଗେ ସଙ୍ଗେ ପଡ଼ୋଶୀ ବେତନଟୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ସତ୍ୟବାଦୀ ପଲେଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ଦୀର୍ଘ ସମୟର ଉଦ୍ୟମ ପରେ ଅଗ୍ନିକାଣ୍ଡକୁ ଆୟତ୍ତ କରିଥିଲେ ସୁଦ୍ଧା ଦୁଇ ବଖରା ଘର ସମେତ ସମସ୍ତ ଆସବାବପତ୍ର ଜଳିପୋଡି ଛାରଖାର ହୋଇଯାଇଥିଲା। ହଠାତ୍ ଅଗ୍ନିକାଣ୍ଡ ଘଟିଥିବାରୁ ଘର ଭିତରୁ କୌଣସି ଆସବାବ ପତ୍ରକୁ ଉଦ୍ଧାର କରାଯାଇ ପାରିନଥିଲା। ସମସ୍ତ ଲୁଗାପଟା, ଧାନ ଚାଉଳ, ଆଧାର କାର୍ଡ଼ ଭଳି ଦରକାରି କାଗଜପତ୍ର ସମେତ ସବୁକିଛି ଜଳିପୋଡ଼ି ପାଉଁଶ ହୋଇଯାଇଛି । ସର୍ଟସର୍କିଟରୁ ଆକସ୍ମିକ ଅଗ୍ନିକାଣ୍ଡ ହୋଇଥିବା ନେଇ ଅଗ୍ନିଶମ ବାହିନୀ ଅନୁମାନ କରୁଥିବା ବେଳେ କ୍ଷୟକ୍ଷତିର ପରିମାଣ ପାଖାପାଖି ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବା ନେଇ ପ୍ରାଥମିକ ଆକଳନ କରାଯାଉଛି ।

## ଉଲୁଣ୍ଡା ମାରୱାଡ଼ି ଯୁବ ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର



**ସୁବର୍ଣ୍ଣପୁର,୧୫।୧୨ (ସଂଚାର ବ୍ୟୁରୋ) :** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ମାରୱାଡି ଯୁବା ମଞ୍ଚ ପକ୍ଷରୁ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଅଲ ଓଡିଶା ମାରୱାଡି ଯୁବା ମଞ୍ଚର ଆହ୍ୱାନ କ୍ରମେ ୧୫ ଡିସେମ୍ବରରୁ ୨୨ ଡିସେମ୍ବର ପର୍ଯ୍ୟନ୍ତ ୧୫ ହଜାର ୟୁନିଟ ରକ୍ତ ସଂଗ୍ରହ ପାଇଁ ଲକ୍ଷ୍ୟ ରଖା ଯାଇଛି। ଏହି କ୍ରମରେ ଆଜି ଉଲୁଣ୍ଡା ବ୍ଲକ ଶାଖା ଯୁବା ମଞ୍ଚ ପକ୍ଷରୁ ୧୦୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଉଲୁଣ୍ଡା ପଞ୍ଚାୟତ ସମିତି ବିଦ୍ୟାଳୟଠାରେ ଆୟୋଜିତ ଏହି ଶିବିରରେ ବିରମହାରାଜପୁର ଉପଖଣ୍ଡ ଆରକ୍ଷୀ ଆଧିକ୍ଷକ ବାସୁଦେବ ଛତ୍ରୀଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରକ୍ତଦାନ ଶିବିରକୁ ଉଦଘାଟନ କରିବା ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଛନ୍ତି । ଯୁବା ମଞ୍ଚର ସଭାପତି ପଲଟୁ ସେନ ଅଗ୍ରୱାଲ ଙ୍କ ପୌରହିତ୍ୟରେ ଆୟୋଜିତ ଏହି ଶିବିରରେ ରକ୍ତଦାନ ଶିବିର ଆୟୋଜନରେ ସଂପାଦକ ସୁଧୀର ଅଗ୍ରୱାଲ ଓ କୋଷାଧ୍ୟକ୍ଷ ଆଦର୍ଶ ଅଗ୍ରୱାଲଙ୍କୁ ମୁଖ୍ୟ ଭୂମିକା ନିଭାଇ ଥିଲେ। ଏହି ମହତ କାର୍ଯ୍ୟରେ ଯୋଗଦେଇ ନିଜର ସାଧ୍ୟ ମୁତାବକ ସହଯୋଗ କରିଥିବା ବ୍ୟକ୍ତି ବିଶେଷ ଓ ରକ୍ତଦାତା ମାନଙ୍କୁ ଯୁବା ମଂଚ ପକ୍ଷରୁ ଶୁଭେଚ୍ଛା ଧନ୍ୟବାଦ୍ ପ୍ରଦାନ କରାଯାଇଛି ।

## ରାଷ୍ଟ୍ରପତି ଓ ରେଳ ମନ୍ତ୍ରୀଙ୍କ ବାଙ୍ଗିରିପୋଷି ଗସ୍ତ ପରେ ବେତନଟୀ ଷ୍ଟେସନ ଗଳା ପୋଲ କାମ ବନ୍ଦ

**ବେତନଟୀ,୧୫।୧୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ଠାରେ ତିନୋଟି ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ଥ ସ୍ଥାପନ ପାଇଁ ମହାମହିମ ରାଷ୍ଟ୍ରପତି ଓ ରେଳ ମନ୍ତ୍ରୀଙ୍କ ଦିନିକିଆ ଗସ୍ତ ପାଇଁ ରେଳ ବିଭାଗର ଗଳା ପୋଲ କାମ ନେଇଥିବା ଠିକାଦାର ଏଠାକାର ସ୍ଥାନୀୟ ଲୋକଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗତ ୧୩/୧/୨୪ ରିଖରେ ରେଳମନ୍ତ୍ରୀ ଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମରୁ ଦୁଇ ନମ୍ବର ପ୍ଲାଟଫର୍ମକୁ ଗଳା ପୋଲର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପର କାମ ଫେବୃଆରୀ ମାସରୁ ଆରମ୍ଭ ହୋଇ ଗତ ଜୁଲାଇ ମାସଠାରୁ ବର୍ଷାଋତୁ ଆସିବାରୁ ନଭେମ୍ବର ମାସ ପର୍ଯ୍ୟନ୍ତ ବନ୍ଦ ରହି ଆସିଥିଲା। ଗଳା ପୋଲ କାମ ବନ୍ଦ ରହିବା ନେଇ ସମ୍ବାଦପତ୍ରରେ ଖବର ପ୍ରକାଶ ପାଇବା ପରେ ଗତ ୨/୧୨/୨୪ ରିଖ ଠାରୁ ଠିକାଦାର କାମ ଆରମ୍ଭ କରିଥିଲେ ଏବଂ ରାଷ୍ଟ୍ରପତି ଓ ରେଳ ମନ୍ତ୍ରୀଙ୍କ ଗସ୍ତ ପରେ ପରେ ଗତ ୧୦/୧୨/୨୪ ରିଖ ଠାରୁ ଠିକାଦାର ଦେଖାନାହିଁ କି କୌଣସି ବିଭାଗୀୟ ଇଞ୍ଜିନିୟର କିମ୍ବା କାମରେ ନିୟୋଜିତ ଶ୍ରମିକମାନେ ବି କେହି ଏଠାରେ ନାହାନ୍ତି।

ରେଳବାଇର ଏହି କାମ ବନ୍ଦକୁ ନେଇ ଏବଂ ବିଳମ୍ବିତ କରାଯାଉଥିବା ଯୋଗୁଁ ବେତନଟୀ ସହରବାସୀ ତଥା ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହିତ ଆଗାମୀ ଜୁନ ସୁଦ୍ଧା କାମ ଶେଷ କରି ଯାତାୟତ ବ୍ୟବସ୍ଥା ନକଲେ ଏଠାକାର ସ୍ଥାନୀୟ ବାଲେଶ୍ୱର ସାଂସଦଙ୍କୁ ମଧ୍ୟ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଘେରାଓ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଏହି ରୁଟରେ ସହର ଭିତରେ ମାତ୍ର ଗୋଟିଏ ରେଳ ଫାଟକ ଥିବାବେଳେ ନୂତନ ରେଳପଥର କାମ ଆରମ୍ଭ ହୋଇଥିବା ଯୋଗୁଁ ଗୁଡସ ଟ୍ରେନ ଗୁଡିକ ଚାଲୁଥିବା ଯୋଗୁଁ ଯାତାୟତରେ ଗୁରୁତର ବାଧା ସୃଷ୍ଟି ହେଉଥିବାରୁ ଟ୍ରାଫିକ ସମସ୍ୟା ସବୁଦିନ ଲାଗି ରହୁଛି। ମାତ୍ର କାମ ନେଇଥିବା ଠିକାଦାର ରେଳବାଇ ବିଭାଗ ଭଳି ଏକ ଦାୟିତ୍ୱ ସମ୍ପନ୍ନ ବିଭାଗର ଲୁଚକାଳି ଖେଳ ଯୋଗୁଁ ସହର ରେ ଅଚଳାବସ୍ଥା ସୃଷ୍ଟି ହେଉଥିବାରୁ ଉତ୍ତେଜନା ଓ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖାଯାଉଛି। ଶେଷରେ ଖଡଗପୁର ଡିଆରଏମଙ୍କୁ ଲିଖିତ ଭାବେ ଜଣାଇ ରେଳରୋକ କରାଯିବ ବୋଲି ସତର୍କ କରିଦିଆଯାଇଛି।

# ଦେବୀ ନଦୀରେ ମାଛ ଉତ୍ପାଦନ କମୁଛି

### ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟମୁହାଁ ମତ୍ସ୍ୟଜୀବୀ

**କାକଟପୁର/ଅସ୍ତରଙ୍ଗ,୧୫।୧୨ (ସଂଚାର ବ୍ୟୁରୋ) :** ଜୈବ ବିବିଧତା ଦିନକୁ ଦିନ ନଷ୍ଟ ହେବାରୁ ବିପଦ ଆଡକୁ ମୁହାଁଉଛି ଦେବୀ ନଦୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଭାତହାଣ୍ଡି ଦେବୀ ନଦୀର ଜଳରାଶି ପ୍ରଦୂଷିତ ହେବାରେ ଲାଗିଲାଣି। ଫଳରେ ଦେବୀ ନଦୀରେ ଜନ୍ମନେଉଥିବା ମାଛ ଜାଆଁଳ କ୍ରମଶଃ କମି ଆସୁଛି। ୧୦ବର୍ଷ ତଳେ ଦେବୀ ନଦୀରୁ ଧରା ହେଉଥିବା ମାଛ, କଙ୍କଡା ଓ ଚିଙ୍ଗୁଡ଼ିର ପରିମାଣ ୭୦ଭାଗ କମିଯାଇଥିବାରୁ ମତ୍ସ୍ୟଜୀବୀ ପରିବାର କୌଳିକ ବୃତ୍ତି ଛାଡି ଏବେ ବାହାର ରାଜ୍ୟମୁହାଁ ହୋଇ ଶ୍ରମିକ ଭାବେ କାମ କରୁଛନ୍ତି।



ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ନଗର, ଆଲସାହି, ଛୁରିଆନା ପଂଚାୟତ ର ସହନ, ସୁଦିକେଶର, ଡ଼ାଲୁଅକଣି, ପାଟଳଦା ପଂଚାୟତ ର ବଡ଼ନାନପଡା, ନୂଆଗଡ, ଝାଡ଼ଲିଙ୍ଗ ଅଞ୍ଚଳ ପାଖାପାଖି ୧୫ହଜାର ରୁ ଉର୍ଦ୍ଧ ମତ୍ସ୍ୟଜୀବୀ ଦେବୀ ନଦୀ ଉପରେ ନିର୍ଭର କରି ସେମାନଙ୍କ ଜୀବନ ଜୀବିକା ନିର୍ବାହ କରି ଆସୁଛନ୍ତି। ବ୍ୟାଙ୍କ ଓ ମତ୍ସ୍ୟ ସମବାୟ ସମିତିଠାରୁ ଲକ୍ଷ ଲକ୍ଷ ଟଙ୍କା ଋଣନେଇ ଜାଲ, ଇଂଜିନ ଟାପା ଓ ଡ଼ଙ୍ଗା କିଣି ସେମାନେ ଦେବୀ ନଦୀ ଓ ନିକଟବର୍ତ୍ତୀ ଅଞ୍ଚଳରେ ମାଛ ଧରିଥାନ୍ତି। ଅସ୍ତରଙ୍ଗ ଦେବୀ ନଦୀରେ ମତ୍ସ୍ୟ ଉତ୍ପାଦନ ଦିନକୁ ଦିନ କମିବା ପରେ ସେମାନେ କୌଳିକ ବୃତ୍ତିକୁ ଛାଡି ଦାଦନ ମୁହାଁ ହେବାରେ ଲାଗିଛନ୍ତି। ମତ୍ସ୍ୟଜୀବୀ ଦେବୀ ନଦୀରେ ଡ଼ଙ୍ଗା ଓ ଜାଲ ସହାୟତା ରେ ମାଛ ଧରିବା ପାଇଁ ଦିନରାତି ଏକ କରି ଦେଉଥିବା ବେଳେ ସେମାନଙ୍କ ପରିଶ୍ରମ ତୁଳନାରେ ଯଥେଷ୍ଟ କମ୍ ପରିମାଣର ମାଛ ଜାଲରେ ପଡୁଛି। ସେମାନଙ୍କ ପରିବାର ଚଳାଇବା କଷ୍ଟକର ହୋଇ ପଡୁଛି। ମତ୍ସ୍ୟଜୀବୀଙ୍କ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ସ୍ୱରୋଜଗାର ଏହି ଦେବୀ ନଦୀ ସହିତ ଜଡିତ। ସମୟ କ୍ରମେ ଅଣମତ୍ସ୍ୟଜୀବୀ ମଧ୍ୟ ଦେବୀ ନଦୀକୁ ପଶିବା ଦ୍ୱାରା ମତ୍ସ୍ୟଜୀବୀଙ୍କ ସହ ପ୍ରତିଯୋଗିତା ତୀବ୍ରତର ହେବାକୁ ଲାଗୁଛି।

ଛୋଟ ଜାଲ, ଫାସ, ରିଂ ଜାଲ,ଡ଼ଙ୍ଗାର ବହୁଳ ବ୍ୟବହାର ମାଛଧରା ଆଦି ଯୋଗୁଁ ମତ୍ସ୍ୟ ସମ୍ପଦ ହ୍ରାସ ପାଇବାରେ ଲାଗିଲାଣି। ଦେବୀ ନଦୀ ଅଞ୍ଚଳରେ ଏକର ଏକର ବ୍ୟାପ୍ତ ଜାଲ ବିଛାଇ ବିସ୍ତୃତ ଅଞ୍ଚଳରେ ଚିଙ୍ଗୁଡ଼ି ଚାଷ କରାଯାଉଛି। ଏହାଦ୍ୱାରା ମତ୍ସ୍ୟଜୀବୀ ରୋଜଗାର ହରାଇବା ସହ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି ହୋଇଛି। ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅଣ ମତ୍ସ୍ୟଜୀବୀ ଦେବୀ ନଦୀରୁ ପମ୍ପଯୋଗେ ଲୁଣା ପାଣି ନେଇ ଚିଙ୍ଗୁଡ଼ି ଚାଷ କରିବା ଫଳରେ ରାସାୟନିକ ଦ୍ରବ୍ୟ ପ୍ରଭାବରୁ ଦେବୀ ନଦୀରେ ଦଳ ଜାତୀୟ ଗୁଳ୍ମ ହ୍ରାସ ପାଉଛି। ଫଳରେ ମାଛ ଓ କଙ୍କଡାର ଖାଦ୍ୟ ପରିମାଣ କମିଯିବା ସହ ମାଛ ଯାଆଁଳା ନଷ୍ଟ ହେଉଛି। ଏହା ସହ ମୁହାଁଣ ମୁହଁ ପୋତି ହେବା ଯୋଗୁଁ ମାଛ ବଂଶ ହ୍ରାସ ପାଉଥିବା ସ୍ଥାନୀୟ ମତ୍ସ୍ୟଜୀବୀ ପ୍ରକାଶ କରିଛନ୍ତି। ଋଣ କରିଥିବା ମତ୍ସ୍ୟଜୀବୀ ପରିବାର ଚଳାଇବା କଷ୍ଟକର ହୋଇ ପଡିଛି।

ପରିବାର ପ୍ରତିପୋଷଣ ପାଇଁ ଅସ୍ତରଙ୍ଗ ଅଞ୍ଚଳ ମତ୍ସ୍ୟଜୀବୀ ତାମିଲନାଡୁ, ସୁରଟ, କୋଲକାତା, ଗୋଆ, ଚେନ୍ନାଇ, କେରଳ ପ୍ରଭୃତି ବାହାର ରାଜ୍ୟକୁ ଶ୍ରମିକ ଭାବେ କାମ କରିବାକୁ ଯାଉଛନ୍ତି। ଦେବୀ ନଦୀଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀଙ୍କୁ ମାଛ ଚାଷ ପାଇଁ ପ୍ରଶିକ୍ଷଣ ଦେବା ସହ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ମତ୍ସ୍ୟଜୀବୀ ଦାବୀ କରିଛନ୍ତି।